

যা দেবী সর্বভূতেষু............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net

email: pratidhwani.dhwani@gmail.com


ବାଲେଶ୍ୱର ■ ରବିବାର, ୦୭ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 AUGUST 2022

Vol.No. 35 ■ No. 206 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ତାଇୱାନ ସୀମାରେ ପ୍ରବେଶ କରି ଆକ୍ରମଣ କଲା ଚୀନର ଯୁଦ୍ଧ ବିମାନ



ନୂଆଦିଲ୍ଲୀ, ୦୬/୦୮ : ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ଏସିଆ ମହାଦେଶରେ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ଚୀନ ସେନା ତାଇୱାନକୁ ଚାରିପଟୁ ଘେରି ସମରାଭ୍ୟାସ କରୁଛି, ଯେଉଁଥି ପାଇଁ ଉଭୟ ତାଇୱାନ ଏବଂ ଜାପାନ ପାଇଁ ବିପଦ ସୃଷ୍ଟି ହୋଇଛି । ଶୁକ୍ରବାର ଚୀନ ସେନା ତାଇୱାନର ମେଡିଆନ ଲାଇନକୁ ଅତିକ୍ରମ କରି ସୀମାବର୍ତି ଅଂଚଳରେ ଆକ୍ରମଣ କରିଥିବା ତାଇୱାନ ଅଭିଯୋଗ କରିଛି । ଏପଟେ ଜାପାନ ସୀମାକୁ ଲାଗି ସମୁଦ୍ରରେ ଚୀନ ସମରାଭ୍ୟାସ କରିଥିବାରୁ ଏହାକୁ ବିରୋଧ କରିଛି ଟୋକିଓ । ଚୀନର ଏଭଳି ଆଭିମୂଖ୍ୟକୁ ଆମେରିକା କଡ଼ା ନିନ୍ଦା କରିବା ସହ ତାଇୱାନକୁ ପୁରା ସହଯୋଗ କରିବାକୁ ଘୋଷଣା କରିଛି । ଏଭଳି ବିବାଦ ଭିତରେ ଯଦି ଚୀନ ଋଷ ଭଳି ଆକ୍ରମଣାତ୍ମକ ଆଭିମୂଖ୍ୟ ଗ୍ରହଣ କରେ ତେବେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କାକୁ ମଧ ଟାଳିହେବ ନାହିଁ । ତାଇୱାନକୁ ନେଇ ବିଶ୍ୱର ଦୁଇ ଶକ୍ତିଶାଳୀ ଦେଶ ଆମେରିକା ଚୀନ ମୁହାଁମୁହିଁ ହୋଇଥିବା ବେଳେ ଏହି ଦୁଇ ଦେଶରେ ମମର୍ଥନରେ ବାହାରିଛନ୍ତି ଜାପାନ ଓ ଉତର କୋରିଆ । ଏପଟେ ଚୀନର କେତକ ଗଣମାଧମ ଚୀନ ସେନାର ଏହି ସମରାଭ୍ୟାସକୁ ଯୁଦ୍ଧ ପୂର୍ବର ପ୍ରସ୍ତୁତି ବୋଲି କହିଛନ୍ତି, ଯାହା ଚିନ୍ତାକୁ ବଢାଇଦେଇଛି । ଋଷ ଯେପରି ୟୁକ୍ରେନ ଉପରେ ଆକ୍ରମଣ ପୂର୍ବରୁ ସମାରାଭ୍ୟାସ ନାଁରେ ୟୁକ୍ରେନକୁ ତିନି ପଟୁ ଘେରି ଆକ୍ରମଣ କରିଥିଲା ଏବେ ଚୀନ ସେହି ରାସ୍ତାରେ ଯାଉଛି କି ବୋଲି ପ୍ରଶ୍ନ ଉଠିଛି । କାରଣ ତାଇୱାନକୁ ଚାରିପଟୁ ଘେରି ସମରାଭ୍ୟାସ ଆରମ୍ଭ କରିଛି ବେଜିଂ । ଋଷ ଭଳି ଚୀନ ମଧ ଦେଶର ସାର୍ବଭୌମତ୍ୟ ଏବଂ ଅଖଣ୍ଡତା ବଜାୟୀ ରଖିବାକୁ କୌଣସି ପଦକ୍ଷେପ ନେବାକୁ ପଛାଇବ ନାହିଁ ବୋଲି କହିସାରିଛି । ଏପଟେ ▶▶ପୃଷ୍ଠା ୭

## ୮ ତାରିଖରେ ବାହାରିବ ଯୁକ୍ତ ଦୁଇ କଳା ରେଜଲ୍ଟ

ଭୁବନେଶ୍ୱର, ୦୬/୦୮ (ନି.ପ୍ର): ଆଗାମୀ ୮ ତାରିଖ ଦିନ ଯୁକ୍ତ ୨ କଳା ପରୀକ୍ଷା ଫଳ ପ୍ରକାଶିତ ହେବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ୮ତାରିଖ ୪ଟାରେ ଯୁକ୍ତଦୁଇ କଳା ରେଜଲ୍ଟ । ୮ ତାରିଖ ଅପରାହ୍ନ ୪ଟା ସମୟରେ ପ୍ରକାଶ ପାଇବ ଯୁକ୍ତ ଦୁଇ କଳା ରେଜଲ୍ଟ । ଯୁକ୍ତ ଦୁଇ କଳା ସହ ଧନ୍ଦାମୂଳକ ପରୀକ୍ଷାଫଳ ମଧ ପ୍ରକାଶ ପାଇବ । www.odisharesults.nic.inରେ ପରୀକ୍ଷା ଫଳ ଉପଲବ୍ଧ ହେବ ।

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଶେଷ, ସୁରକ୍ଷିତ ଅଛି ରତ୍ନସିଂହାସନ ଓ ଗର୍ଭଗୃହ



ପୁରୀ, ୦୬/୦୮ (ନି.ପ୍ର): ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଶେଷ ହୋଇଛି । ଆଦର୍ଶ ଗୁରୁକୂଳ ନେଇ ଏମଓୟୁ ଓ ସୋସାଇଟି ଗଠନକୁ ବୈଠକରେ ଅନୁମତି ଦିଆଯାଇଛି । ସେହିଭଳି ଆବାସ ଯୋଜନା ଖୁବ ଶୀଘ୍ର ଆରମ୍ଭ ହେବା ନେଇ ନିଷ୍ପତ୍ତି ହୋଇଛି । ଲ୍ୟାଣ୍ଡସବକମିଟି ବୈଠକର ନିଷ୍ପତ୍ତିକୁ ମଧ ଏଥିରେ ମୋହର ମିଳିଛି । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନ ସିଂହାସନ ସୁରକ୍ଷିତ ଥିବା ସ୍ପଷ୍ଟ କରାଯାଇଛି । ରତ୍ନ ସିଂହାସନ ପଛପାର୍ଶ୍ୱରୁ ଲାଇମ ପ୍ଲାଷ୍ଟର ଖସିଥିବା ବୈଠକରେ ସ୍ପଷ୍ଟ କରାଯାଇଛି । ଏନେଇ ଏସଏସଆଇ ଅନୁଧ୍ୟାନ ଆରମ୍ଭ ହୋଇଛି । ଆସନ୍ତା ରଥଯାତ୍ରା ବେଳେ ଏହାକୁ ପୁନଃ ପ୍ଲାଷ୍ଟର କରାଯିବ ।

# ଜଗଦୀପ ଧନଖଡ ଉପରାଷ୍ଟ୍ରପତି ନିର୍ବାଚିତ



ନୂଆଦିଲ୍ଲୀ, ୦୬/୦୮: ଉପରାଷ୍ଟ୍ରପତି ନିର୍ବାଚନରେ ଜଗଦୀପ ଧନଖଡ ବିଜୟୀ । ମାର୍ଗାରେଟ ଆଲଭାଙ୍କୁ ହରାଇଲେ ଜଗଦୀପ । ଧନଖଡଙ୍କୁ ୫୨୮ ଭୋଟ ମିଳିଥିବା ସୂଚନା । ସେହିପରି ମାର୍ଗାରେଟଙ୍କୁ ୧୮୨ଟି ଭୋଟ ମିଳିଥିବା ସୂଚନା ମିଳିଛି । ୧୫ଟି ଭୋଟ ନାକଚ ହୋଇଥିବା ଜଣାପଡିଛି । ମୋଟ ୭୨୫ ଜଣ ସାଂସଦ ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇଥିଲେ । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଦିନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ହେବ ଭୋଟ୍ ଗ୍ରହଣ ଚାଲିଥିଲା । ମନୋନୀତ ସଦସ୍ୟଙ୍କ ସହ ଲୋକସଭା ଓ ରାଜ୍ୟସଭାର ସଦସ୍ୟମାନେ ଭୋଟ୍ ଦେଇଥିଲେ । ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଭୋଟରୁ ଦୂରେଇ ରହିବ ବୋଲି ପୂର୍ବରୁ ଘୋଷଣା କରିଥିଲା। ଟିଏମସିର ଲୋକସଭାରେ ୨୩ ଓ ରାଜ୍ୟସଭାରେ ୧୬ ସଦସ୍ୟ ରହିଛନ୍ତି । ଆଲଭାଙ୍କୁ କଂଗ୍ରେସ ସମେତ ଏନସିପି, ଆପ୍, ଟିଆରଏସ୍, ସିପିଆଇ, ସିପିଏମ୍, ଆରଜେଡି, ଡିଏମକେ, , ଜେଏମଏମ୍, ଆରଏଲଡି ଭଳି ଦଳ ସମର୍ଥନ କରିଥିଲେ ।

# ତହସିଲଦାରଙ୍କୁ ମାଡ ମାରି ଲହୁଲୁହାଣ କଲେ ଗ୍ରାମବାସୀ



ଭୁବନେଶ୍ୱର, ୦୬/୦୮ (ନି.ପ୍ର): ତହସିଲଦାରଙ୍କୁ ମାଡ ମାରିଲେ ଉତ୍ୟକ୍ତ ଗ୍ରାମବାସୀ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଂଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ମନ୍ଦରଡା ପଂଚାୟତର ବୁଢିଘାଟି ଗାଁରେ । ଏଠାରେ ଦେଶ ରନ୍ଧା ମଦ ଚାଲିଥିବାବେଳେ ସ୍ଥାନୀୟ ଅବକାରୀ ଅଧିକାରୀ ଓ ତହସିଲଦାର ମିଳିତ ଭାବେ କରିଥିଲେ ଚଢାଉ । ହେଲେ ଏହାକୁ ବିରୋଧ କରି ବୁଢିଘାଟି ଗାଁର କିଛି ଅସମାଜିକ ବ୍ୟକ୍ତି ଆକ୍ରୋଶ ମୂଳକ ଭାବେ ତହସିଲଦାର ଓ ଅବକାରୀ ଅଧିକାରୀଙ୍କୁ ମାଡ ମାରିଥିଲେ । ତିନୋଟି ଗାଡି ଅଟକ ରଖି ପ୍ରଶାସନିକ ଅଧିକାରୀଙ୍କୁ ଗୋଡାଇ ଗୋଡାଇ ବାଡେଇଥିବା ଅଭିଯୋଗ ହୋଇଛି । ରକ୍ତାକ୍ତ ଅବସ୍ଥାରେ ଜରଦା ପୋଲିସ ତହସିଲଦାର ଅମିତ କୁମାର ନାୟକ ଓ ଅବକାରୀ ବିଭାଗ କର୍ମଚାରୀଙ୍କୁ ସୁରଙ୍ଗୀ ମେଡିକାଲରେ ଭର୍ତି କରିଛି । ଘଟଣାରେ ତହସିଲଦାର ଅମିତ କୁମାରଙ୍କ ମୁଣ୍ଡ ଫାଟିଯାଇଥିବା ସୂଚନା ମିଳିଛି । ଡାକ୍ତରଖାନାରେ ତାଙ୍କ ମୁଣ୍ଡରେ ୬ଟି ଷ୍ଟିଚ୍ ପଡିଥିବା ଜଣାପଡିଛି ।

## ନୃଶଂସ ବାପାର ବର୍ବର କାଣ୍ଡ

ବାଲେଶ୍ୱର, ୦୬/୦୮ (ନି.ପ୍ର): ଦିବ୍ୟାଙ୍ଗ ପୁଅକୁ ମାରି ଫପାଡ଼ି ଦେଲେ ନୃଶଂସ ବାପା ଓ ମା' । ବାଲେଶ୍ୱର ନୁନିଆଯୋଡି ପୋଲ ତଳୁ ଜଣେ ୧୩ ବର୍ଷୀୟ ଦିବ୍ୟାଙ୍ଗ ନାବାଳକ ମୃତ ଦେହକୁ ଜବତ କରିଛି ସହଦେବଖୁଂଟା ପୋଲିସ । ତେବେ ଦିବ୍ୟାଙ୍ଗ ପୁଅକୁ ବାପା ଓ ସାବତ ମା' ମିଶି ମାରିଦେଇ ଫିଙ୍ଗିଦେଇଥିବା ଜଣାପଡ଼ିଛି । ଏହି ଘଟଣାରେ ସହଦେବଖୁଂଟା ପୋଲିସ ଗଣେଶ ଓ ତାଙ୍କ ଦିତୀୟ ପତ୍ନିଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି । ଖନ୍ତାପଡ଼ା ଅଂଚଳର ଗଣେଶ ଓ ତାଙ୍କ ଦ୍ୱିତୀୟ ପତ୍ନୀ ସହଦେବଖଂଟା ଅଂଚଳରେ ଭଡ଼ା ନେଇ ରହୁଥିଲେ । ଗଣେଶଙ୍କ ପ୍ରଥମ ଛୁଅ ଓମ୍ ପ୍ରକାଶ ଜଣେ ଦିବ୍ୟାଙ୍ଗ ଥିବାରୁ ଦ୍ୱିତୀୟ ପତ୍ନୀ ପିଲାଟିକୁ ସାଙ୍ଗରେ ରଖିବାକୁ ଚାହୁନଥିଲେ । ଏନେଇ ପରିବାରର ବାରମ୍ବାର କଳହ ଲାଗି ରହୁଥିଲା । ୬ ମାସ ତଳେ ଦ୍ୱିତୀୟ ପତ୍ନିଙ୍କ ଏକ ଛୁଆ ଜନ୍ମ ହେବା ପରେ ନିର୍ଯାତନା ବଢିଯାଇଥିଲା । ଗଣେଶ ରୋଷେଇ କାମ ପାଇଁ ବାହାରକୁ ଯାଉଥିବା ବେଳେ ସାବତ ମାଆର ନିର୍ଯାତନ ବଢିଯାଉଥିଲା । ବାପା ମା' ରହୁଥିବା ଘରେ ପୁଅକୁ ନରଖି ଆଉ ଏକ ରୁମରେ ରଖୁଥିଲେ । ପଡ଼ିଶା ଘର ଲୋକେ ଓମକୁ ଦେଖିବାକୁ ନପାଇବାରୁ ପଚରା ଉଚରା ପରେ ▶▶ପୃଷ୍ଠା ୭

# କୋଭିଡ୍ ସଂକ୍ରମଣ ବୃଦ୍ଧି ନେଇ ଉଦ୍‌ବେଗ

## ଓଡ଼ିଶା ସମେତ ୭ ରାଜ୍ୟର ସ୍ୱାସ୍ଥ୍ୟ ସଚିବଙ୍କୁ କେନ୍ଦ୍ର ସରକାରଙ୍କ ପତ୍ର



ଭୁବନେଶ୍ୱର, ୦୬/୦୮ (ନି.ପ୍ର): ଦୈନିକ କୋଭିଡ୍-୧୯ ସଂକ୍ରମଣ ଲଗାତାର ବୃଦ୍ଧି ପାଉଥିବା କାରଣରୁ ଶୁକ୍ରବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଓଡ଼ିଶା ସମେତ ୭ଟି ରାଜ୍ୟର ସ୍ୱାସ୍ଥ୍ୟ ସଚିବମାନଙ୍କ ନିକଟକୁ ପତ୍ର ଲେଖି ଏହାକୁ ରୋକିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି । ଓଡିଶା ବ୍ୟତୀତ ଅନ୍ୟ ୬ ରାଜ୍ୟକୁ ଯେଉଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପତ୍ର ଲେଖା ଯାଉଛି ସେଗୁଡିକ ହେଲା ଦିଲ୍ଲୀ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ ଏବଂ ତେଲେଙ୍ଗାନା । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଏହି ପତ୍ରରେ ରାଜ୍ୟର ସ୍ୱାସ୍ଥ୍ୟ ସଚିବଙ୍କୁ ଲେଖିଛନ୍ତି, ଅଗଷ୍ଟ ୫ ତାରିଖ ଦିନ ସର୍ବାଧିକ ୧,୭୯୦ ନୂତନ କରୋନାଭାଇରସ୍ ସଂକ୍ରମଣ ରିପୋର୍ଟ ସମତେ ଗତ ଏକ ମାସ ହେବ ଓଡ଼ିଶାରେ ହାରାହାରି ଦୈନିକ ନୂତନ ସଂକ୍ରମଣ ସଂଖ୍ୟା ଅଧିକ ହେଉଥିବା ରିପୋର୍ଟ ଆସୁଛି। ଦେଶର ସାପ୍ତାହିକ ନୂତନ ସଂକ୍ରମଣରେ ଓଡ଼ିଶାର ଅବଦାନ ୫% ଥିବା ବେଳେ ଅଗଷ୍ଟ ୫ ତାରିଖ ଦିନ ଶେଷ ହୋଇଥିବା ସପ୍ତାହରେ ପଜିଟିଭିଟି ହାର ଥିଲା ୪.୮୫% । ଏହି ପତ୍ରରେ ଓଡ଼ିଶାରେ ୧୫ଟି ଜିଲ୍ଲାରେ ପରୀକ୍ଷା ହ୍ରାସ, ୧୦ଟି ଜିଲ୍ଲାରେ ସଂକ୍ରମଣ ବୃଦ୍ଧି ଏବଂ ୪ଟି ଜିଲ୍ଲାରେ ସାପ୍ତାହିକ ପଜିଟିଭିଟି ହାର ୧୦%ରୁ ଅଧିକ ରହୁଥିବା କଥା ଉଲ୍ଲେଖ କରା ଯାଉଛି । ଉକ୍ତ ଜିଲ୍ଲାଗୁଡ଼ିକର ତାଲିକା ମଧ ଉକ୍ତ ପତ୍ରରେ ସଂଯୋଗ କରାଯାଇଛି। ପତ୍ରରେ ଆହୁରି କୁହା ଯାଇଛି ଯେ -ଆଗାମୀ ମାସଗୁଡ଼ିକରେ ବହୁ ପର୍ବପର୍ବାଣି ପଡୁଥିବାରୁ ଜନସମାଗମ ହେବ ଏବଂ ସେଥିଯୋଗୁଁ ଅନ୍ୟାନ୍ୟ ସଂକ୍ରାମକ ରୋଗ ସମେତ କରୋନାଭାଇରସ୍ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କ ରହିଛି। ତେଣୁ, ରାଜ୍ୟର ଉପରୋକ୍ତ ଜିଲ୍ଲାଗୁଡ଼ିକରେ ଯଥେଷ୍ଟ ପରୀକ୍ଷା କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି।

# କୋଲାକାତା ମ୍ୟୁଜିୟମରେ ଆଖିବୁଜା ଗୁଳିମାଡ଼ : ଜଣେ ଯବାନ ମୃତ



କୋଲକାତା, ୦୬/୦୮ : ପଶ୍ଚିମବଙ୍ଗର ରାଜଧାନୀ କୋଲାକତାରେ ଥିବା ଇଣ୍ଡିଆନ ମ୍ୟୁଜିମରେ ଆଜି ଗୁଳିମାଡ଼ ହୋଇଛି। ଏଥିରେ ଅର୍ଦ୍ଧ ସାମାରିକ ବାହିନୀର ଜଣେ ଯବାନ ପ୍ରାଣ ହରାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ସିଆଏସଏଫର ଜଣେ କନଷ୍ଟବେଲ ମ୍ୟୁଜିୟମକୁ ଲାଗି ରହିଥିବା ବାରାକରେ ତାଙ୍କ ସହଯୋଗୀଙ୍କ ଉପରକୁ ଗୁଳିମାଡ଼ କରିଛନ୍ତି। ସେ ନିଜର ସର୍ଭିସ ବନ୍ଧୁକରୁ ଆଖିବୁଜା ଗୁଳିମାଡ଼ କରିବାରୁ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ଅନ୍ୟମାନେ ତାଙ୍କୁ କାବୁ କରିବା ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁଳିମାଡ଼ କରିଥିବା କନଷ୍ଟେବଲଙ୍କୁ ଗିରଫ କରିଛି। ଘଟଣାସ୍ଥଳରେ ଉପସ୍ଥିତ ଥିବା କୋଲକାତା ପୁଲିସ କମିଶନର ଭିନୀତ ଗୋଏଲ କହିଛନ୍ତି, "ଘଟଣାଟି ଆଜି ସନ୍ଧ୍ୟା ପ୍ରାୟ ୬.୩୦ରେ ଘଟିଛି। ଗୁଳିମାଡ଼ରେ ଘଟଣାରେ ଜଣେ ସିଆଇଏସଏଫ ଯବାନ ପ୍ରାଣ ହରାଇଥିବା ବେଳେ ଆଉ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଆମେ ଅଭିଯୁକ୍ତ କନଷ୍ଟେବଲଙ୍କୁ ଗିରଫ କରିଛୁ।" ଅଭିଯୁକ୍ତ ଜଣଙ୍କ ଗୋଟିଏ ପୁଲିସ୍ କାର ଉପରକୁ ମଧ ଗୁଳି ଚଳାଇଥିଲେ। ଏଥିରେ କାର ଡ୍ରାଇଭରଙ୍କ ସମେତ ଏକାଧିକ ପୁଲିସ କର୍ମଚାରୀ ଆହତ ହୋଇଥିବା ଗୋଟିଏ ସୂତ୍ରରୁ ଜଣାପଡ଼ିଛି। ଗୁଳିମାଡ଼ର ଖବର ପାଇଁ ଅନେକ ବରିଷ୍ଠ ଅଧିକାରୀ ଓ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। କୋଲକାତାର ପ୍ରମୁଖ ସ୍ଥାନରେ ଏହି ମ୍ୟୁଜିୟମଟି ରହିଛି। ଏହା ଏକ ସ୍ୱୟଂଚାଳିତ ସଂଗଠନ। ତେବେ ଏହାର ପ୍ରଶାସନିକ ବ୍ୟବସ୍ଥା କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଚାଲିଥାଏ। ଏହାର ସୁରକ୍ଷା ଦାୟିତ୍ୱ ୨୦୧୯ ଡିସେମ୍ବରରୁ ସିଆଇଏସଏଫ ଯବାନମାନେ ବୁଝୁଛନ୍ତି।

# ଖୁବ ଶୀଘ୍ର ବୁଷ୍ଟର ଡ଼ୋଜ୍ ନେବା ପାଇଁ ଅନୁରୋଧ କଲେ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର, ୦୬/୦୮ (ନି.ପ୍ର): କୋଭିଡ୍ ମହାମାରୀ ବିରୋଧୀ ଲଢ଼େଇକୁ ମଜବୁତ୍ କରିବା ପାଇଁ ଭାରତ ସରକାରଙ୍କ ତରଫରୁ ଅମୃତ ମହୋତ୍ସବ ଅବସରରେ ଜୁଲାଇ ୧୫ରୁ ଆରମ୍ଭ ହୋଇଥିବା ୭୫ ଦିନିଆ ସ୍ୱତନ୍ତ୍ର ଅଭିଯାନରେ ସାମିଲ ହୋଇ ଖୁବ ଶୀଘ୍ର ବୁଷ୍ଟର ଡ଼ୋଜ୍ ନେଇ ସୁସ୍ଥ ରହିବା ପାଇଁ ଓଡ଼ିଶାର ଜନସାଧାରଣଙ୍କୁ ଏକ ଭିଡ଼ିଓ ବାର୍ତା ଜରିଆରେ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏହି ବାର୍ତା ମାଧ୍ୟମରେ କହିଛନ୍ତି ଯେ ଆଜି ଦେଶରେ ପୁଣି ଥରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଆଖି ଆଗରେ ରଖି ଦେଶ ଓ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଦ୍ରୁତ ଟିକାକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । କୋଭିଡ୍ ଲଢ଼େଇର ମାତ୍ର ୧୮ ମାସ ମଧରେ ୨୦୦ କୋଟିରୁ ଅଧିକ ଟିକାକରଣ କରାଇ ଭାରତ ସାରା ବିଶ୍ୱରେ ଇତିହାସ ରଚିଛି, ଯାହା ଖୁସିର ବିଷୟ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦକ୍ଷ ଏବଂ ବଳିଷ୍ଠ ନେତୃତ୍ୱ ଯୋଗୁଁ ଭାରତ ଆଜି ସମଗ୍ର ବିଶ୍ୱରେ ଏହି ବିରାଟ ବଡ଼ ସଫଳତା ହାସଲ କରିପାରିଛି । ନିରାପଦ ଏବଂ ▶▶ପୃଷ୍ଠା ୭

# ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୦୬/୦୮ (ନି.ପ୍ର): ନୟାପଲ୍ଲି ସ୍ଥିତ ଇସ୍କନ ମନ୍ଦିର ବାହାରେ ଜମା ହୋଇଯାଇଥିଲା ବର୍ଷା ପାଣି । ରାସ୍ତା ଉପରେ ଲହଡି ଭାଂଗୁଥିଲା ୨ରୁ ୩ଫୁଟ ଉଚ୍ଚର ପାଣି । ପାଣି ଜମି ରହିବାରୁ ସେହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ବମିଖାଲ ରାସ୍ତାରେ ପାଣି ଏତେ ଜମିଥିଲା ରାସ୍ତା ପାଲଟି ଯାଇଥିଲା ନଈ । କିଛି ବି ଦେଖା ଯାଉନଥିଲା । କେଉଁଠି ଖାଲ ଅଛି କେଉଁଠି କଣ ଅଛି ତାହା ଜାଣିବା ମୁସ୍କିଲ ହେଉଥିଲା । ଲଗାତର ବର୍ଷାରେ ବୁଡି ଯାଇଥିଲା ବଡଦାଣ୍ଡ । ବଡଦାଣ୍ଡରେ ଚାଲିଥିଲା ଆଂଠୁଏ ଉଚ୍ଚର ପାଣି । ରାସ୍ତା ଉପରେ ଏତେ ପାଣି ଚାଲିବା ଯୋଗୁଁ ହିନସ୍ତା ହୋଇଥିଲେ ଲୋକେ । ଅଲାରନାଥ ମନ୍ଦିରର ବେଢାରେ ଜମି ରହିଥିଲା ବର୍ଷା ପାଣି । ନିମାପଡ଼ା ଶାଖା କେନାଲର ଗିରିଙ୍ଗି ହରିଜନ ସାହି ମଙ୍ଗଳା ମନ୍ଦିର ନିକଟରେ ୧୫ ଫୁଟର ଘାଇ ସୃଷ୍ଟି ହୋଇ ଗାଁରେ ପାଣି ପଶିଯାଇଥିଲା । ତଳମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ତାରଲାକୋଟା ପୋଲ ଉପରେ ପାରି ପ୍ରବାହିତ ହେଉଛି । କାଲିଠାରୁ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଚିନ୍ତା ବଢ଼ି ଯାଇଛି । ଲଗାଣ ବର୍ଷା ଲାଗି ରହିଥିଲାବେଳେ ପାଣିପାଗ ବିଭାଗର ପୂର୍ବାନୁମାନ ଚିନ୍ତା ବଢ଼ାଇ ଦେଇଛି । ପାଣିପାଗ ବିଭାଗର ଆକଳନ ଅନୁସାରେ ୬ରୁ ୧୦ତାରିଖ ଯାଏଁ ରାଜ୍ୟର ଅଧିକାଂଶ ଅଂଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ପାଣିପାଗ ବିଭାଗ ପକ୍ଷରୁ ୬ ରୁ ୭ ତାରିଖ ପାଇଁ ୧୦ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ । ୭ ରୁ ୮ ତାରିଖରେ ୧୧ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ । ୮ରୁ ୯ ତାରିଖରେ ୧୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ୯ରୁ ୧୦ ତାରିଖରେ ୧୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବର୍ଷା ପ୍ରଭାବରେ ତଳିଆ ଅଂଚଳରେ ପାଣି ଜମିବା ସହ କଚ୍ଚା ରାସ୍ତା ଓ କଚ୍ଚା ଘର ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ସତର୍କ କରିଛି ପାଣିପାଗ ବିଭାଗ ।

# ଓଡ଼ିଶା ଗସ୍ତରେ କେନ୍ଦ୍ର ଗୃହ ଏବଂ ସମବାୟ ବିଭାଗ ମନ୍ତ୍ରୀ ଶ୍ରୀ ଅମିତ ଶାହା



ଭୁବନେଶ୍ୱର, ୦୬/୦୮ (ନି.ପ୍ର): ଆସନ୍ତାକାଲି ଅଗଷ୍ଟ ୭ ତାରିଖ ଓ ୮ତାରିଖ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହ ଓ ସମବାୟ ବିଭାଗମନ୍ତ୍ରୀ ଶ୍ରୀ ଅମିତ ଶାହା ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଆଜି ସୂଚନା ଦେଇଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଗସ୍ତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ଆସନ୍ତାକାଲି ୭ ତାରିଖ ସଂଧ୍ୟାରେ ଦିଲ୍ଲୀରୁ ବାହାରି ଭୁବନେଶ୍ୱରରେ ପହଂଚିବା ପରେ ବିମାନବନ୍ଦରଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ଶ୍ରୀ ଶାହା ଭୁବନେଶ୍ୱରରେ ରାତ୍ରଯାପନ କରିବେ । ୮ତାରିଖ ସକାଳେ ଶ୍ରୀ ଶାହା ଭୁବନେଶ୍ୱରରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କୁ ଦର୍ଶନ କରିବେ। ଏହା ପରେ କଟକ ଗସ୍ତ କରି ଶ୍ରୀ ଶାହା ପ୍ରଥମେ ଓଡିଆ ବଜାରସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ପରିଦର୍ଶନ କରିବା ସହିତ ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବେ । ଏହା ପରେ କଟକ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ସମ୍ବାଦପତ୍ର ପ୍ରଜାତନ୍ତ୍ରର ୭୫ ତମ ବାର୍ଷିକ ଉତ୍ସବ "ପ୍ରଜାତନ୍ତ୍ରର ଅମୃତ ଉତ୍ସବ" କାର୍ଯ୍ୟକ୍ରମରେ ଯୋଗ ଦେବେ । କଟକ ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହାଙ୍କୁ ଫୁଲନଖରା, ଲିଙ୍କରୋଡ, ନିଶାମଣି ପଣ୍ଡପ, ପାଲା ମଣ୍ଡପ, ବାଦାମବାଡି, ଦୋଳ ମୁଣ୍ଡେଇ, ହରିପୁର ଓ ସେମିନାର ଛକ, ଦରଘାବଜାର ଛକରେ ବିଜେପି ▶▶ପୃଷ୍ଠା ୭

# ବଲାଙ୍ଗିର ସହର ସବୁଜ କରଣ ନିମନ୍ତେ ମୁନିସିପାଲଟି କାଉନ୍ସିଲରେ ବୈଠକ

ବଲାଙ୍ଗିର ,୬/୦୮ (ନି.ପ୍ର): ବଲାଙ୍ଗିର ପୌରସଂସ୍ଥା ସଭାଗୃହରେ ବଲାଙ୍ଗୀର ବନ ବିଭାଗ ଉପଲବ୍ଧି ରେ ଆହୁରି ଏକ ପର୍ଯ୍ୟାୟ ଯୋଡ଼ିବା ପାଇଁ ବନୀକରଣ ତଥା ମୁନିସିପାଲଟି ଅଂଚଳ କୁ ସବୁଜ କରଣ ଓ ପର୍ଯ୍ୟାବରଣ ସୁରକ୍ଷା ବାୟୁମଣ୍ଡଳରେ ସ୍ୱଚ୍ଛତା ଆଣିବା ପାଇଁ ନଗରପାଳ ଶ୍ରୀମତୀ ଲିକକ୍ଷ ସାହୁ ଙ୍କ ଅଧ୍ୟକ୍ଷତାରେ ଏକ ସଂଯୋଗୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି. ଜିଲ୍ଲା ବନଅଧିକାରୀ ନୀତିଶ କୁମାର , କାର୍ଯ୍ୟନିର୍ବାହୀ ଅଧିକାରି , ମୁନିସିପାଲଟି ୱାର୍ଡ଼ ଗୁଡିକର କାଉନ୍ସିଲର ମାନେ ଏଥିରେ ଯୋଗଦାନ କରି ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ଭିତରେ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ,କର୍ତବ୍ୟ ଫାଉଣ୍ଡେସନ, ମାହେଶ୍ୱରୀ ସଂଗଠନ, ସ୍ମାଇଲ ଫର୍ ଅଲ,କିଶ ଫାଉଣ୍ଡେସନ,ସଚେତନ ମହିଳା ମଂଚ, ନାରୀ ଶକ୍ତି ଫାଉଣ୍ଡେସନ, ଦିବ୍ୟ ଜୀବନ୍ ସଂଘ, ଚ୍ୟାମ୍ବର ଆଫ କମର୍ସ, ବଲାଙ୍ଗିର ଯୁବ ସଂଗଠନ, ମାହେଶ୍ୱରୀ ମହିଳା ସମିତି, ବଲାଙ୍ଗିର ସ୍ୱଚ୍ଛ ସେବା,ମା ସମଲେଶ୍ୱରୀ ଆରତି କମିଟି, ପଶ୍ଚିମାଂଚଳ ଯୁବ କମିଟି, ବଲାଙ୍ଗିର ଜିଲା କରାଟେ ସଂଘ,ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ କମିଟି ପ୍ରମୁଖ ଉପସ୍ଥିତ ଥିଲେ । ଆଲୋଚନା ଅନୁସାରେ ବନବିଭାଗ ବନୀକରଣ ଉପକରଣ ପ୍ରଦାନ ସହିତ ଚାରା ସୁରକ୍ଷା ପାଇଁ ଗାର୍ଡ ଦେବ ମୁନିସିପାଲଟି ଗଛ ଗୁଡିକର ତଥା ରୋପଣ ଖର୍ଚ୍ଚ ସହିତ ପରିଚାଳନା ଦେଖିବାକୁ ନିଷ୍ପତି ହୋଇଛି ।ବିଭିନ୍ନ ଅନୁଷ୍ଠାନ ଗୁଡିକ୍ ଭିନ୍ନ ଭିନ୍ନ ଚିହ୍ନଟ ଅଂଚଳରେ ଦାୟିତ୍ୱ ନେବେ ଚାରା ରୋପଣ ଠାରୁ ଯତ୍ନବାନ୍ ହୋଇ ବଢିବା ପର୍ଯ୍ୟନ୍ତ ।

# ଭରତପୁର କୃଷି ସମବାୟର ପରିଚାଳନା ପରିଷଦର ବୈଠକ

କେନ୍ଦ୍ରାପଡ଼ା,୬/୦୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପ୍ରାଥମିକ କୃଷି ସମବାୟ ସମିତିର ନୂତନ ପରିଚାଳନା ପରିଷଦର ପ୍ରଥମ ବୈଠକ ଶୁକ୍ରବାର ସଭାପତି ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଆରସିଏସ୍ ସନ୍ତୋଷ କୁମାର ଦାଶ ମୁଖ୍ୟ ଅତିଥି ଓ ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ଜେନା, କଟକ କେନ୍ଦ୍ର ବ୍ୟାଙ୍କ(ସିସିବି)ର ଶାଖା ପରିଚାଳକ ତାପସ ସିଂହ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ବୈଠକରେ ଚାଷୀମାନଙ୍କ ପାଖରୁ ଧାନ କ୍ରୟ କରିବା ସମୟରେ କୌଣସି ପ୍ରକାର ଅବ୍ୟବସ୍ଥା ନହୁଏ ସେଥିପ୍ରତି ଦୃଷ୍ଟିଦେବା, ସମିତିର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଥିଲା । ଏଥିସହିତ ସରକାରଙ୍କ ବଳରାମ ଯୋଜନାରେ ଚାଷୀମାନଙ୍କୁ ଋଣ ପ୍ରଦାନ କରିବା ଏବଂ ଆଦାୟ କରିବା ସଂପର୍କରେ ଆଲୋଚନା କରାଯାଇ ଥିଲା । ଏହି ବୈଠକରେ ସମିତିର ସଂପାଦକ ସୁବୋଧ କୁମାର ଲେଙ୍କା, ଉପ ସଭାପତି ମମତା ଜେନା, ନିର୍ଦ୍ଦେଶକ ସାରଦା ପ୍ରସନ୍ନ ରାଉତ, ଜ୍ଞାନ ପ୍ରସନ୍ନ ରାଉତ, ଶ୍ରୀଧର ସାମଲ, କିଶୋର ଜେନା, ସନ୍ତୋଷ କୁମାର ଦାସ, ଅକ୍ଷୟ କୁମାର ମନ୍ତ୍ରୀ, ଅଗସ୍ତି ସେଣ, ମନୋରମା ସ୍ୱାଇଁ, ଅର୍ଚ୍ଚନା ନାୟକ, ବିଶ୍ୱଜିତ୍ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାକ୍ ଗର୍ଭଧାରଣ ଏବଂ ପ୍ରସୂତି ପୂର୍ବ ଲିଙ୍ଗ ନିରୂପଣ ଅଧିନିୟମ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା,୬/୦୮ (ନି.ପ୍ର): ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରସୂତି ପୂର୍ବ ଲିଙ୍ଗ ନିରୂପଣ ଅଧିନିୟମ ବୈଠକ ସଂକ୍ରାନ୍ତୀୟ ଉପଦେଷ୍ଟା କମିଟି ବୈଠକ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଅଲଟ୍ରାସାଉଣ୍ଡ ପାଇଁ ଅନୁମତି ପ୍ରାପ୍ତ କ୍ଲିନିକ ଗୁଡିକରେ ଯୋଗ୍ୟତାପ୍ରାପ୍ତ ଡାକ୍ତର ନିଯୁକ୍ତ, ଅଲଟ୍ରାସାଉଣ୍ଡ ସହ ଇକୋ କାର୍ଡିଓଗ୍ରାଫି ନିମନ୍ତେ ଆବଶ୍ୟକୀୟ ଡାକ୍ତର ନିୟୋଜିତ ଉପରେ ବୈଠକରେ ଆଲୋଚନା ହୋଇଛି । ଭୃଣ ନିରୂପଣ ସଂକ୍ରାନ୍ତୀୟ ଅଭିଯୋଗ ଆସିବା ପରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ବୈଠକରେ ମତ ପ୍ରକାଶ ପାଇଛି । ବିଭିନ୍ନ ସମୟରେ ସଂପୃକ୍ତ ସଂସ୍ଥା ଉପରେ ଅଚାନକ ଯାଂଚ କରିବାକୁ ବୈଠକରେ ମଧ୍ୟ ଆଲୋଚନା ହୋଇଛି । ଲିଙ୍ଗ ଅନୁପାତ କମ ରହିଲେ ସଂପୃକ୍ତ ଅଂଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଶ୍ରୀ ପାଢୀ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଭୃଣ ନିରୂପଣ ସଂକ୍ରାନ୍ତୀୟ ଅଭିଯୋଗ ପାଇଁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଦେଷ୍ଟା କମିଟି କାର୍ଯ୍ୟକୁ ବ୍ୟାପକ କରିବାକୁ ବୈଠକରେ ନିଷ୍ପତି ହୋଇଛି । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଆର୍ତବନ୍ଧୁ ନାୟକ, ଏଡିପିଏଚଓ ଡଃ ରଘୁନାଥ ନାୟକ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ପଦ୍ମଚରଣ ଦାସ, ଜେ.ପି. ତ୍ରିପାଠୀ, ଅନୁପମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁ ନେତ୍ର ଯୋଜନା ମାଧ୍ୟମରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଶୁଭାରମ୍ଭ

ବଲାଙ୍ଗିର ,୬/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ସୁ ନେତ୍ର ଯୋଜନା ମାଧ୍ୟମରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ କୁ ଆଜି ବଲାଙ୍ଗିର ଜିଲାପାଳ ଚଂଚଲ୍ ରାଣା ଶୁଭାରମ୍ଭ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚକ୍ଷୁ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଯାନ କୁ ସବୁଜ ପତାକା ଦେଖାଇ ସେ ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସୂଚନା ଦେଇ ସେ କହିଥିଲେ ଯେ ଆଜିଠୁଁ ବଲାଙ୍ଗିର ଜିଲ୍ଲାରେ ଆଜିଠୁ ବିଦ୍ୟାଳୟ ଛାତ୍ରଛାତ୍ରୀ ଙ୍କର ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏହାଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ମଙ୍ଗଳ ବିଭାଗ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ବିଦ୍ୟାଳୟ ଗୁଡିକ ର ଛାତ୍ରଛାତ୍ରୀମାନକ ଚକ୍ଷୁ ପରୀକ୍ଷା ଚକ୍ଷୁ ଜନିତ ସମସ୍ୟା ଅଛି ସେମାନଂକୁ ଚଷମା ଦିଆଯିବ ଆବଶ୍ୟକ ସ୍ଥଳେ ଅପରେସନ ପାଇଁ ପଦକ୍ଷେପ ନିଆଯିବ । ବ୍ଲକ ସ୍ତରୀୟ ଶିବିର ମାନ କରାଯାଇ ପରୀକ୍ଷା କରାଯିବା । ପ୍ରଥମରୁ ଦଶମ ଶ୍ରେଣି ର ପିଲା ମାନଙ୍କୁ ସ୍କୁଲ ଗୁଡ଼ିକରେ ଇ ଚାର୍ଟ ମାଧ୍ୟମରେ ଶିକ୍ଷକ ମାନେ ସହଜରେ ପରୀକ୍ଷା କରି ୬/୧୨ ଦୃଷ୍ଟି ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟା ଥିବା ଛାତ୍ରମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ, ଚିହ୍ନଟ ଛାତ୍ର ଛାତ୍ରୀ ମାନଙ୍କୁ ପରିକ୍ଷଣ ପାଇଁ ଶିକ୍ଷକ ମାନଙ୍କ ସହିତ ଶିବିର କୁ ପଠା ଯିବ ଆବଶ୍ୟକ ସ୍ଥଳେ ବାହାରକୁ ମଧ୍ୟ ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମ ର ଟିମ୍ ର ସହାୟତା ରେ ପଠାଯିବ । ବଲାଙ୍ଗିର ଜିଲ୍ଲାରେ ୨୨୫୨ ସରକାରୀ ୧୮୭ ବେସରକାରୀ ସ୍କୁଲ ପାଇଁ ୫୧ ଟି ଶିବିର ଆୟୋଜନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।ଆଜିର କାର୍ଯ୍ୟକ୍ରମ ରେ ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ନେହଲତା ସାହୁ ,ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କୁବେର ଚନ୍ଦ୍ର ମହନ୍ତ ,ଚକ୍ଷୁ ବିଭାଗ ଜିଲା ପୋଗ୍ରାମ ମ୍ୟାନେଜର ଡାଃ ଉଷା ରାଣୀ ଦାଶ,ଡା ଗିରିଜା ଉଦ୍ଗାତା ଡାଃ ତୁଷାରକାନ୍ତ ଠାକୁର, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ସୂଚନା ଲୋକସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବ କୃଷ୍ଣ ସାହୁ ଜାତୀୟ ସ୍ୱାସ୍ଥ୍ୟ ମିସନ ପ୍ରୋଗ୍ରାମ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା ସଭା

ଜୟପୁର,୬/୦୮ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଉତ୍କଳ ସମ୍ମିଳନୀ କୋରାପୁଟ ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ ଭାବେ ନବନିର୍ବାଚିତ ହୋଇଥିବା ବିରେନ ମୋହନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଭାପତି ମଦନମୋହନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅତିଥି ଭାବେ ଜିଲ୍ଲା ଉପଦେଷ୍ଟା ବିନୋଦ ମହାପାତ୍ର ଏବଂ ସୁରେଶ ଦାସ ଯୋଗ ଦେଇଥିଲେ । ଏହି ଅବସରରେ କୋଟିଆ ଠାରୁ ଆରମ୍ଭ କରି ବିଭିନ୍ନ ସୀମାନ୍ତ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବିଶେଷ କରି ପୋଲାମ୍ବରମ ଠାରୁ ଆରମ୍ଭ କରି କୋଟିଆ ଯାଏଁ ଏକ ମଶାଲ ଶୋଭାଯାତ୍ରା ସମିଳନୀ କରିବା ନେଇ ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ । ବୈଠକରେ ଜିଲ୍ଲା ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼, ସମ୍ପାଦକ ନବୀନ ମାଦଳା, ଯୁଗ୍ମ ସମ୍ପାଦକ ନବକୃଷ୍ଣ ରଥ, ସଂଗଠନ ସମ୍ପାଦକ ପରମେଶ୍ୱର ପାତ୍ର, କୋଷାଧ୍ୟକ୍ଷ ନରେଶ ମହାକୁଲ, ରାଜ୍ୟ ପରିଷଦ ସଭ୍ୟ ଜ୍ୱାଲା ରାୟ, ବିନୋଦିନୀ ହୋତା, ସୁଦର୍ଶନ ଗୌଡ଼, ଚନ୍ଦ୍ରମଣି ବାରିକ, ରାମକୃଷ୍ଣ ସାହୁ, ଟି ଗୌରୀ ଶଙ୍କର, ମିନକେତନ ପରିଛା, ଶିଶିର କୁମାର ମିଶ୍ର, ପ୍ରୀତିଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିବାବେଳେ ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ ।

# କଲଭର୍ଟ ଉପରେ ୫ ଫୁଟର ଗାତ : ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଜନସାଧାରଣ

ମାଲକାନଗିରି,୬/୦୮ (ନି.ପ୍ର): କାଲିମେଳା ବ୍ଲକ ଅନ୍ତର୍ଗତ ଭେକାଙ୍ଗିୱାଡ଼ା ରାସ୍ତା ଓ ଗୃହନିର୍ମାଣ ବିଭାଗ ରାସ୍ତାର ଏକ କଲଭର୍ଟ ଉପରେ ୫ ଫୁଟର ଦୁଇଟି ଗର୍ତ ସୃଷ୍ଟି ହୋଇଥିବା ଯୋଗୁ ବିପଦପୂର୍ଣ୍ଣ ଭାବେ ଯାନବାହାନ ଯାତାୟତ କରୁଛି ।କୈଣସି ସମୟରେ ଏଠାରେ ବଡ଼ ଦୁର୍ଘଟଣା ହେବାର ସମ୍ଭାବନା ରହିଛି । ଗତକାଲି ରାତିରେ କାଲିମେଳା ଠାରୁ ଏମପିଭି - ୨୧ ସରକାରୀ ମେଡିକାଲକୁ ଯାଉଥିବା ଏକ ଆମ୍ବୁଲାନ୍ସ ଏହି ଗର୍ତ ରେ ଫସିଯାଇଥିଲା । ଆଜି ସକାଳେ ଏକ ଲୁନା ଗାଡ଼ି ଗର୍ତ ନିକଟରେ ପଡ଼ି ଯାଇଥିଲେ । ଗର୍ତ ସୃଷ୍ଟି ହୋଇ ଏକ ସପ୍ତାହ ବିତିଯାଇଥିଲେ ସୁଦ୍ଧା ସଂପୃକ୍ତ ବିଭାଗ ପକ୍ଷରୁ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ସମୟ ଥାଉଣୁ ଏହାର ମରାମତି କରାନଗଲେ ଜରୁରୀକାଳୀନ ପରିସ୍ଥିତିରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ବଡ଼ ଦୁର୍ଘଟଣାକୁ ଏଡାଇ ହେବ ନାହିଁ । ତେଣୁ ବିଭାଗିୟ କର୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି । ଏମିଭି - ୬୬ ଜାତୀୟ ରାଜପଥ ଠାରୁ ଭେଜାଙ୍ଗିୱାଡ଼ା ପର୍ଯ୍ୟନ୍ତ ରାସ୍ତା ଓ ଗୃହନିର୍ମାଣ ବିଭାଗର ୧୪ କିମି ରାସ୍ତା ରହିଅଛି । ଏହି ରାସ୍ତାକୁ କାଲିମେଳା ବ୍ଲକର ତିନୋଟି ଗ୍ରାମପଂଚାୟତ ଯଥା ଭେଜାଙ୍ଗିୱାଡ଼, ଗମ୍ପାକୋଣ୍ଡା ଓ ଚିନ୍ତଲୱାଡ଼ା ଗ୍ରାମପଂଚାୟତ ଲୋକେ ନିର୍ଭର କରୁଥିବା ବେଳେ ଏଠାରେ ଏମପିଭି - ୨୧ ସରକାରୀ ଡାକ୍ତରଖାନା,ଦୁଇଟି ବିଏସଏଫ କ୍ୟାମ୍ପ ରହିଛି । ପ୍ରକାଶ ଥାଉ କି ଏହି ୧୪ କିମି ରାସ୍ତା ମଧ୍ୟରେ ଏମପିଭି - ୨୫ ଗ୍ରାମ ନିକଟରେ ଏକ କଲଭଟ ରହିଛି । ଏହି କଲଭର୍ଟ ଉପର ଦୁଇ ପାର୍ଶ୍ୱରେ ଦୁଇଟି ୫ ଫୁଟର ଗର୍ତ ସୃଷ୍ଟି ହୋଇଅଛି । ଯାହାଫଳରେ ଯାନବାହାନ ଯାତାୟତ ପାଇଁ ରାସ୍ତା ସଙ୍କୁଚିତ ହୋଇଥିବା ବେଳେ ବର୍ଷା ପାଣିରେ ଗର୍ତ ବଢ଼ି ଚାଲିଛି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା ,୬/୦୮ (ନି.ପ୍ର): ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ , ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ ଓ ଏସ୍ ଡି ପି ଓ ନିର୍ମଳ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ସାମଲ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଚଳିତ ବର୍ଷର ସ୍ୱାଧୀନତା ଦିବସ କୋଭିଡ ନିୟମାବଳୀ ପାଳନ ପୂର୍ବକ ଅନୁଷ୍ଠିତ ହେବ ବୋଲି ସୂଚନା ଦେବା ସହ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ର ସଫଳ ରୂପାୟନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀ ଜୈନ ସ୍ୱାଧୀନତା ଦିବସ ଅବସରରେ ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟମ ଉପରେ ଆଲୋକପାତ କରିଥିଲେ । ପ୍ରାତଃ ୪ଟାରୁ ଜିଲ୍ଲାର ସମସ୍ତ ସହରାଂଚଳରେ ରାମଧୂନ ପ୍ରଚାର ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ଝାରସୁଗୁଡା ସହରାଂଚଳର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ , ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ , ଶିକ୍ଷାନୁଷ୍ଠାନ , ବ୍ୟବସାୟିକ ପ୍ରତିଷ୍ଠାନ , କ୍ଲବ ଓ ପାଠାଗାର ଇତ୍ୟାଦିରେ ସକାଳ ୭ଟାରୁ ସାଢ଼େ ସାତ ଟା ମଧ୍ୟରେ ଜାତୀୟ ପତାକା ଉତୋଳନ କରାଯିବା ପାଇଁ ଆଲୋଚନା ହୋଇଥିଲା । ସକାଳ ୯ଟା ୧୫ମି. ସମୟରେ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ମନମୋହନ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ କରିବେ । କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଆନୁଷ୍ଠାନିକ ପ୍ୟାରେଡ ଅନୁଷ୍ଠିତ ହେବ ନାହିଁ । ରିଜର୍ଭ ପୁଲିସର ଦୁଇଟି ଓ ଓ ଏସ ଏ ପିର ଗୋଟିଏ ଦଳ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ । ସ୍ୱାଧୀନତା ଦିବସ ଅବସରରେ ରକ୍ତଦାନ ଶିବିର , ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମାତୃମଙ୍ଗଳ କେନ୍ଦ୍ର ଏବଂ ଝାରସୁଗୁଡ଼ା ଉପ କାରାଗାରରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ ପାଇଁ ସ୍ଥିର କରାଯାଇଥିଲା । ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ , ସହରର ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ , ଶିକ୍ଷାନୁଷ୍ଠାନର କର୍ତୃପକ୍ଷ , ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗେନ୍ଦ୍ର ମାଝୀ ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶିତ

ନୂଆପଡ଼ା,୬/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ. ମହାବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷା ଫଳ ଘୋଷଣା ।ପରୀକ୍ଷା ନିୟନ୍ତ୍ରକ ଚନ୍ଦ୍ରଶେଖର ଚନ୍ଦ୍ରକାର ପରୀକ୍ଷା ଫଳ ଘୋଷଣା କରିଛନ୍ତି । ଚଳିତ ବର୍ଷ କଳା ରେ ୮୩.୫ ଶତକଡା, ବିଜ୍ଞାନରେ ୮୭.୬ ଶତକଡା ଓ ବାଣିଜ୍ୟରେ ୬୪.୭ ପାସ କରିଛନ୍ତି । ମୋଟ ପାସ ହାର ୮୨.୮ ଶତକଡା । ମୋଟ ୪୪୩ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୩୬୭ ଜଣ ପାସ କରିଛନ୍ତି । ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ତରଫରୁ ଏହା ଶେଷ ପରୀକ୍ଷା ଫଳ ଓ ଆସନ୍ତା ବର୍ଷ ଠାରୁ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ତରଫରୁ ପରୀକ୍ଷା ପରିଚାଳନା ହେବ ବୋଲି ସୂଚନା ଦିଆଯାଇଛି । ଆଜିର ପରୀକ୍ଷା ଫଳ ପ୍ରକାଶନ ସମୟ ରେ ପ୍ରିନ୍ସିପାଲ ଗଙ୍ଗାଧର ପାଣିଗ୍ରାହୀ, ପରୀକ୍ଷା ନିୟନ୍ତ୍ରକ ଚନ୍ଦ୍ରଶେଖର ଚନ୍ଦ୍ରକାର, ସହ ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ଡ. ପଦ୍ମଲୋଚନ ବର୍ମା ଅତିରିକ୍ତ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ଡ଼ . ବିଷ୍ଣୁ ଦେବ ସିଂହ ମଲ୍ଲିକ, ପ୍ରାଧ୍ୟାପିକା ରିତା ଦାସ, ପ୍ରାଧ୍ୟାପକ ହରେକୃଷ୍ଣ ମିଶ୍ର, ପ୍ରାଧ୍ୟାପକ ଡ. କୁମାର ପ୍ରଧାନ, ପ୍ରାଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା , ଅଧ୍ୟାପକ ସୁନିଲ କୁମାର ପାଢୀ, ଅବସର ପ୍ରାପ୍ତ ଅଧକ୍ଷ ମେଜର ଡ଼ ରାମଚନ୍ଦ୍ର ମିଶ୍ର, ଡାଟା ଏଣ୍ଟ୍ରି ଅପରେଟର ସୂର୍ଯ୍ୟକାନ୍ତ ଠାକୁର , ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର ମୋହିତ ଅଦା , ରାଜ କିଶୋର ତମ୍ପା ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ମ୍ୟାଲେରିଆ ନିରାକରଣ ନିମନ୍ତେ ବାଲନ୍ଦାପଡାରେ ହାଟ ସମାଧାନ ଶିବିର

କନ୍ଧମାଳ,୬/୦୮ (ନି.ପ୍ର): ଫିରିଙ୍ଗିଆ ବ୍ଲକର ଅପହଂଚ ଅଚଂଳ କୁହାଯାଉଥିବା ବାଲନ୍ଦାପଡା ଠାରେ ଏକ ସାମୁହିକ ମ୍ୟାଲେରିଆ ରକ୍ତ ପରିକ୍ଷା ଓ ଚିକିତ୍ସା ଶିବିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଫିରିଙ୍ଗିଆ ଙ୍କ ମିଳିତ ସହଯୋଗ ରେ ଆୟୋଜିତ ହୋଇଯାଇଛି । କନ୍ଧମାଳ ଜିଲ୍ଲା ମ୍ୟାଲେରିଆ ପ୍ରବଣ ଜିଲ୍ଲା ଭାବେ ପରିଗଣିତ ହେଉଥିବା ବେଳେ ବର୍ଷା ଋତୁରେ ବ୍ୟାପକ ସଂକ୍ରମିତ ହେବାର ସମ୍ଭାବନା ଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କନ୍ଧମାଳ ଙ୍କ ତରଫରୁ ବିଭିନ୍ନ ଦୁର୍ଗମ ଅଚଂଳରେ ବ୍ୟାପକ ପରିମାଣରେ ପରୀକ୍ଷା ଶିବିର କରି ଚିହ୍ନଟ ସକ୍ରିୟ ମ୍ୟାଲେରିଆ ରୋଗୀ ଙ୍କୁ ଚିକିତ୍ସା ଯୋଗାଇ ଦେଇ ଜନସାଧାରଣଙ୍କୁ ସୁସ୍ଥ ରଖିବା ପାଇଁ ପ୍ରୟାସ କରାଯାଇଛି । ଏହି ପରିପ୍ରେକ୍ଷୀରେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଏମ.ଟି.ଏସ ସନତ କୁମାର ମହାପାତ୍ର ଓ ସ୍ୱାତୀ ଅନୁଷ୍ଠାନର ସଂଯୋଜକ ବିଶ୍ୱରଞ୍ଜନ କରଙ୍କ ମିଳିତ ଉଦ୍ୟମରେ ଏହି ଶିବିରର ଆୟୋଜନ ବାଲନ୍ଦାପଡା ସ୍ଥିତ ଗଧେଇପଦର ସାପ୍ତାହିକ ହାଟରେ ଆୟୋଜିତ ହୋଇଥିଲା । ଏବଂ ଏହିଭଳି ଅନ୍ୟ ଏକ ଦୁର୍ଗମ ଅଚଂଳ କୁହାଯାଉଥିବା ସାଡିଙ୍ଗିଆ ହାଟରେ ମଧ୍ୟ ଆଗାମି ଅଗଷ୍ଟ ୮ ତାରିଖ ଦିନ ଆୟୋଜିତ ହେବ ବୋଲି ମଧ୍ୟ କହିଥିଲେ । ଏହି କ୍ୟାମ୍ପ ରେ ମୋଟ ୧୫୩ ଜଣଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ୦୩ ଜଣଙ୍କର ନମୁନା ପଜିଟିଭ ଆସିଥିଲା ଏବଂ ସେମାନଙ୍କର ଚିକିତ୍ସା ମଧ୍ୟ କ୍ୟାମ୍ପ ସ୍ଥଳରେ କରାଯିବା ସହ ଉପଯୁକ୍ତ ପରାମର୍ଶ ମଧ୍ୟ ଦିଆଯାଇଥିଲା । ଶିବିରରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ, ଇତିଶ୍ରୀ ସାହାଣୀ , ଡାଇନା ଦିଗାଲ , ଆଶା ବାସନ୍ତି ବେହେରା , ବାଟିମୁଣ୍ଡା , ଓ ମା ଗ୍ରୁହର ପୁଷ୍ପିତା ସାହୁ , ସାମନ୍ତି ଦିଗାଲ ରକ୍ତ ନମୁନା ସଂଗ୍ରହ କରିଥିବା ବେଳେ ଆଲୋକ ସାମନ୍ତ ରାୟ , କୁସ ସାନ ସେଠ୍ ସୌରଭ ପଣ୍ଡା , ଅନୁପମା କହଁର , ମାଣିକ ବେହେରା , ଓ ପ୍ରଭାସିନୀ ଦଳବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଡାକ୍ତର ସୁମନ୍ତ ମାଝି ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ତୁଷୁରା ଡାକ୍ତର ଖାନାରେ ନୂତନ ଡାକ୍ତର ଯୋଗଦେଲେ

ବଲାଙ୍ଗିର ,୬/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲା ତୁଷୁରା ସରକାରୀ ପ୍ରାଥମିକ ଚିକିତ୍ସାଳୟରେ ଡାକ୍ତର ଲଲାଟେନ୍ଦୁ ନାୟକ ଗୁରୁବାର ନୂତନ ଭାବେ ଯୋଗ ଦେଇ ରୋଗୀ ଚିକିତ୍ସା କରିଛନ୍ତି । ଡାକ୍ତର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ,ରୋଗୀ ସେବାକୁ ପ୍ରାଥମିକତା ଦିଆଯିବ । ଏଠାରେ ସୂଚନାଯୋଗ୍ୟ ଯେ, ପ୍ରାୟ ୨୦ଦିନରୁ ଉର୍ଦ୍ଧ୍ୱ ହେଲାଣି ଏହି ଚିକିତ୍ସାଳୟରେ ଡାକ୍ତର ନଥିବାରୁ ଫର୍ମାସିଷ୍ଟ ରୋଗୀ ସେବା କରୁଥିଲେ । ଏପରି କି ପ୍ରଶାସନ ପକ୍ଷରୁ ୫ଜଣ ଡାକ୍ତରଙ୍କୁ ତୁଷୁରା ଚିକିତ୍ସାଳୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଯୋଗ ଦେଇ ନଥିଲେ ।

# ମହରମ୍ ପର୍ବକୁ ଶାନ୍ତି ଶୃଙ୍ଖଳାରେ ପାଳନ ନେଇ ପ୍ରଶାସନ ପକ୍ଷରୁ ମିଳିତ ବୈଠକ

ସମ୍ବଲପୁର,୬/୦୮ (ନି.ପ୍ର): ଚଳିତ ମାସ ୯ ତାରିଖରେ ମୁସଲିମ ସମ୍ପ୍ରଦାୟର ପବିତ୍ର ମହରମ୍ ପର୍ବ ପାଳିତ ହେବାକୁ ଥିବା ବେଳେ ପର୍ବ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଏହି ପର୍ବ ପାଳନ ବେଳେ ଯେପରି ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାରେ ସମ୍ପର୍ଣ୍ଣ ହେବ ସେ ନେଇ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧର ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପର୍ବ ପାଳନ ବେଳେ ଜାତିଆଣ ଆକ୍ରୋସତାକୁ ନେଇ ଯେପରି କୌଣସି ସ୍ଥାନରେ ହିଂସା ଓ ଗଣ୍ଡଗୋଳ ନ ଘଟେ ସେ ନେଇ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ଅଂଚଳର ଲୋକପ୍ରତିନିଧି ଓ ମୁରବୀ ମାନେ ବୈଠକରେ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନା କରିଥିଲେ । ସର୍ବୋପରି ମହରମ୍ ପର୍ବକୁ ଶାନ୍ତି ଶୃଙ୍ଖଳାରେ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହି ଅବସରରେ କେତେକ ନିର୍ଦ୍ଦିଷ୍ଟ ବିବାଦୀୟ ଘଟଣାକୁ ତ୍ୱରିତ୍ ସମାଧାନ ମଧ୍ୟ କରାଯାଇଥିଲା ।

# ପାଟଣାଗଡରେ ମାହେଶ୍ୱରୀ ଶାଖାର ଶୁଭାରମ୍ଭ

ବଲାଙ୍ଗିର,୬/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡ ଠାରେ ଆଜି ମାହେଶ୍ୱରୀ ସଂଗଠନ ଗଠନ ହୋଇଅଛି । ଏଥିରେ ମାହେଶ୍ୱରୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ କୁମାର ଅଗ୍ରୱାଲ, ସଂଯୋଜକ ସୌମ୍ୟ ରଂଜନ ପଣ୍ଡା ଏବଂ ସଦସ୍ୟ ସାହିଲ ସିଂ ଗଡତ୍ୟା ଯୋଗ ଦେଇଥିଲେ । ନୂତନ କରି ପାଟଣାଗଡରେ ସଂଗଠନ ହୋଇଥିବାରୁ ଏଥିରେ ଅଂଚଳର ଅନେକ ଯୁବକ ଯୁବତି ସାମିଲ ହୋଇଥିଲେ । ପାଟଣାଗଡ ମାହେଶ୍ୱର ସଂଗଠନ ଶାଖାର ସଭାପତି ଭାବେ ନିରୋଜ ପଟେଲ ଓ ସଂଯୋଜକ ଉତମ ମହାନନ୍ଦ ଙ୍କୁ ନିୟୋଜିତ କରାଯାଇଛି । ଆଗାମୀ ଦିନରେ ସମାଜର ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ଏବଂ ଆଜି ସଂଗଠନର ଗଠନ ହେବା ସଙ୍ଗେ ସଙ୍ଗେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ଦ୍ୱାତୀୟ ଥର ବିମାନ ଚଳାଚଳ

ଜୟପୁର,୬/୦୮ (ନି.ପ୍ର): ପରୀକ୍ଷା ମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ଦ୍ୱିତୀୟ ଥର ପାଇଁ ଚଳାଚଳ କରିଛି । ଶୁକ୍ରବାର ସାଢ଼େ ୧୧ରେ ଜୟପୁର ଏୟାରପୋର୍ଟରେ ପହଂଚିଥିବାବେଳେ ୧ଟା ସମୟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛି । ପରୀକ୍ଷା ମୂଳକ ଭାବେ ୯ସିଟ୍ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଜୟପୁର ମଧ୍ୟରେ ଉଡ଼ାନ କରିଛି । ଘରୋଇ ଇଣ୍ଡିଆ ୱାନ୍ ଏୟାର ଅଧିକାରୀମାନେ ଜୟପୁର ଏୟାର ପୋର୍ଟରେ ପହଂଚି ଉଡ଼ାଣବେଳେ କ'ଣ ସମସ୍ୟା ରହିଛି ତା'ର ସମୀକ୍ଷା କରିଛନ୍ତି । ଏୟାରପୋର୍ଟରେ ରେଡ୍‌ଲାଇଟ୍ ଆଜି ଲାଗିଥିବାବେଳେ ଅନ୍ୟ ଏକ ଗୋଟି କରିବା ପାଇଁ କୁହାଯାଇଛି । ଭିତିଭୂମିର ସୁଧାର ପରେ ହିଁ ନିୟମିତ ଯାତ୍ରୀସେବା ଆରମ୍ଭ ହେବ । ଶନିବାର ମଧ୍ୟ ପରୀକ୍ଷାମୂଳକ ଭାବେ ଇଣ୍ଡିଆ ୱାନ ଏୟାର ଜୟପୁର ଏୟାରପୋର୍ଟରେ ପହଂଚିବ ବୋଲି ପ୍ରଶାସନ ସୂତ୍ରରୁ ସୂଚନା ଦିଆଯାଇଛି । ବର୍ତମାନ ସୁଦ୍ଧା ଡିଜିସିଏ ଅନୁମତି ଦେଇ ନଥିବାବେଳେ ପୁଣି ଲାଇସେନ୍ସ ପାଇ ଆବେଦ କରାଯିବ ବୋଲି ଜୟପୁର ରାସ୍ତା ଓ ଗୃହ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ ସୂଚନା ଦେଇଛନ୍ତି ।

# ଚିରନ୍ତନ କୃଷି ପଦ୍ଧତି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୬/୦୮ (ନି.ପ୍ର): ଦୁଇଦିନ ଧରି ଚାଲିଥିବା ଚିରନ୍ତନ କୃଷି ପଦ୍ଧତି ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ କୁନ୍ଦୁରା ଓ ବୈପାରିଗୁଡ଼ା ବ୍ଲକର ୬୫ ଜଣ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ଥିଲେ । ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଜୟପୁର ତରଫରୁ କାର୍ଯ୍ୟକାରି ହୋଇଥିବା ପ୍ରତ୍ୟେକ ଗ୍ରାମ ଜୈବିକ ଗ୍ରାମ ପ୍ରକଳ୍ପ ଅଧିନରେ କାର୍ଯ୍ୟକାରି ହେଉଥିବା ୨୦ଟି ଗ୍ରାମ ପ୍ରତିଭାଗୀ ଭାଗ ନେଇଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଆତ୍ମାର ଡିପିଡି ତାପସ ରଞ୍ଜନ ରାୟ, ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପରିଡ଼ା, ନିର୍ଦ୍ଦେଶକ ଏମ୍.ଏସ୍.ଏସ୍.ଆର୍. ଏଫ୍.ର ପ୍ରଫେସର ହୁସେନ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚିରନ୍ତନ କୃଷି ପଦ୍ଧତି ଅନ୍ତର୍ଗତ ଖରାଟିଆ ଚାଷ ସବୁଜ ସାର ପ୍ରୟୋଗ, ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ଚାଷ, ବିହନ ସଂରକ୍ଷଣ, ଜୈବିକ ଖତ ପ୍ରୟୋଗ ଓ ଜୈବିକ କୀଟନାଶକର ପ୍ରୟୋଗ ଉପରେ ବିସ୍ତୃତ ଭାବରେ ବୁଝାଇ ଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଜୈବିକ ଚାଷର ଆବଶ୍ୟକତା ଓ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଦ୍ୱାରା ହୋଇଥିବା ଅପକାର ବିଷୟରେ ବୁଝାଇଥିଲେ । ଏହାସହ ବିଭିନ୍ନ ସରକାରୀ ଯୋଜନା ବିଷୟରେ ବୁଝାଇଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୦୭ ଅଗଷ୍ଟ, ୨୦୨୨

email : rabibarachayan2015@gmail.com





## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା

ଭାଗ-୮୬

(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମୁଁ ସମ୍ବଲପୁରରେ ୧୯୦୨ ରୁ ୧୯୦୪ ପର୍ଯ୍ୟନ୍ତ ଜିଲ୍ଲା ସ୍କୁଲର ଛାତ୍ର ଥିବା ସମୟରେ ବାଲେଶ୍ୱରବାସୀ ଶ୍ରୀ ଦାଶରଥୀ ପାଣିଗ୍ରାହୀ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଥିଲେ । ପରେ କଟକ ଟ୍ରେନିଂ କଲେଜରେ ଅଧ୍ୟକ୍ଷ ହୋଇ ସେହି ପଦରୁ ଅବସର ଗ୍ରହଣ କରି ୧୯୩୫ ମସିହାରେ ମୋ ବସାରୁ ଅଳ୍ପ ଦୂରରେ ଗୋଟିଏ ବସାରେ ରହୁଥିଲେ । ମୁଁ କଟକକୁ ଆସିବା ଦିନରୁ ପ୍ରତ୍ୟେହ ମୋ ବସାକୁ ଆସନ୍ତି ଓ ଝିଅମାନଙ୍କ ଗାନ ଆଗ୍ରହ ସହକାରେ ଶୁଣନ୍ତି ।

ସୁଷମା ୧୯୩୭ ମସିହାରେ ମେଟ୍ରିକ୍ୟୁଲେସନ୍ ପରୀକ୍ଷାରେ ପାସ୍ କଲା ଓ କଲେଜରେ ପଢ଼ିବା ସକାଶେ ଗୋଟିଏ ବୃତ୍ତି ପାଇଲା । କିନ୍ତୁ ତାହାକୁ ଆଉ ନ ପଢ଼ାଇ ତାହାର ବିବା କରିବା ସ୍ଥିର କଲି । ସେତେବେଳେ ତାହାର ବୟସ ପନ୍ଦର ବର୍ଷ । ପାତ୍ର ତାହାର ଦୁଇବର୍ଷ ବୟସରୁ ସ୍ଥିର ହୋଇ ରହିଛି, ତତ୍କାଳୀନ ପ୍ରଥାନୁସାରେ । ପାତ୍ରର ବୟସ ନିର୍ବନ୍ଧ ସମୟକୁ ମାତ୍ର ସାତବର୍ଷ । ୧୯୩୭ ମସିହାରେ ସେ ଆଇ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ବାଲ୍ୟବିବାହ ପ୍ରଚଳିତ ଥିବା ସମୟରେ ମୋ ପ୍ରଥମ ତିନିଝିଅଙ୍କ ବିବାହ ସେମାନଙ୍କ ଆଠ ବର୍ଷରୁ ଦଶବର୍ଷ ବୟସ ମଧ୍ୟରେ ହୋଇଯାଇଥିଲା । ୧୯୨୯ ମସିହାରେ ବାଲ୍ୟବିବାହ ନିରୋଧ (ସାରଦା) ଆଇନ୍ ଜାରି ହେବା ପରେ ଆଉ ଝିଅମାନଙ୍କ ବିବାହ ସେହି ସମୟରେ ସମ୍ପାଦନ ନକରି ଏହି ଆଇନ୍ ଅନୁସାରେ ଏମାନଙ୍କ ୧୪ବର୍ଷ ବୟସ ପରେ କରିବା ସ୍ଥିରକରି ବିବାହ ପର୍ଯ୍ୟନ୍ତ ଏମାନଙ୍କୁ ପଢ଼ାଇବାକୁ ଲାଗିଲି । ସୁଷମା ମେଟ୍ରିକୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ମାତ୍ରକେ ତାହାର ବିବାହ ସମ୍ପାଦନ ସକାଶେ ତାହାର ଭାବୀ ଶ୍ୱଶୁରଙ୍କଠାରୁ ପତ୍ର ଲେଖିଲି; କିନ୍ତୁ ତହିଁର ଉତ୍ତର ପାଇଲି ନାହିଁ । ତତ୍ପରେ ମୋର ଜଣେ ବନ୍ଧୁଙ୍କଠାରୁ ପତ୍ର ପାଇଲି ଯେ, ସେ ତାଙ୍କ ପୁତ୍ର ସକାଶେ ସମ୍ବଲପୁରରେ ଅନ୍ୟ ଏକ ପାତ୍ରୀ ମନୋନୀତ କରି ତାହାର ପିନ୍ଧାଣୀ (ନିର୍ବନ୍ଧ) ପର୍ଯ୍ୟନ୍ତ କରିପକାଇଅଛନ୍ତି । ଏହାଶୁଣି ମୋ ମୁଣ୍ଡରେ ବଜ୍ରପାତ ହେବା ତୁଲ୍ୟ ମୁଁ ଗଭୀର ମନୋବେଦନା ଅନୁଭବ କରିବାକୁ ଲାଗିଲି । ପ୍ରାପ୍ତବୟସ୍କା ଝିଅ ସକାଶେ ଆଉ ବର ପାଇବି କାହୁଁ! ମୁଁ ସମ୍ବଲପୁରର ସ୍ଥାୟୀ ଅଧିବାସୀ ନୁହେଁ, ମୋର ସ୍ଥାୟୀ ଘର ଅନ୍ୟସ୍ଥାନରେ, ଘଟଣାଚକ୍ରରେ ମୁଁ ସମ୍ବଲପୁରରେ ରହି କେତେ ବନ୍ଧୁବାନ୍ଧବ କରିଅଛି । କିନ୍ତୁ ବରପ୍ରାପ୍ତି ତୁଲ୍ୟ କଠିନ କାର୍ଯ୍ୟରେ ମୋତେ ସାହାଯ୍ୟ କରିବା ସକାଶେ ସମ୍ବଲପୁରରେ ସେପରି କେହି ନାହାଁନ୍ତି । ସାଧାରଣତଃ ସମ୍ବଲପୁର ବରର ଏତେ ଅଭାବ । ସମ୍ବଲପୁରକୁ ଅବିଳମ୍ବରେ ଆସି ଭାବୀ ସମ୍ବନ୍ଧୀଙ୍କ ସହିତ ସାକ୍ଷାତ କଲି ଓ ତାଙ୍କ ନୂତନ ବନ୍ଦୋବସ୍ତ ପ୍ରତ୍ୟାହାର କରିବାକୁ ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ ସହ ଅନୁରୋଧ କଲି । କିନ୍ତୁ ସେ କହିଲେ ଯେ, ଇଂରେଜୀ ପାଠପଢ଼ା ବୋହୂ ସେ ଚାହାଁନ୍ତି ନାହିଁ । ଏପରି ବୋହୂ ସମାଜକୁ ଛାରଖାର କରିଦେବେ, ଶାଶୁଶ୍ୱଶୁରଙ୍କୁ ମାନିବେ ନାହିଁ, ଫେଶନ କରିବେ । ସ୍ନୋ, ପାଉଡ଼ର, ସାବୁନ ମାଖିବେ, ଘରକରଣା କରିବେ ନାହିଁ ଇତ୍ୟାଦି ଅମୂଳକ ଓ ଅବାନ୍ତର କଥାମାନ କହି ମୁଁ ଯେତେ ଅନୁରୋଧ କଲି ତତ୍ପ୍ରତି କର୍ଣ୍ଣପାତ ସୁଦ୍ଧା କରିବାକୁ ଅସମ୍ମତ ହେଲେ । ସମୁଦୁଣୀ କବାଟ କଣରେ ଠିଆ ହୋଇ ସବୁ ଶୁଣୁଥିଲେ । ତାଙ୍କ ଆଡ଼କୁ କଣେଇ ଦେଖିଲି, 'ଜ୍ୱାଳାମୁଖୀ' ଆଖି ଦୁଇଟାରୁ ଯେମନ୍ତ ଅଗ୍ନିକଣା ନିର୍ଗତ ହେଉଅଛି । ମୋ ଝିଅକୁ ଇଂରେଜୀ ପଢ଼ାଇ ଥିବା ଦୋଷରେ କଠୋର ଭାଷାରେ ମୋତେ ଦୋଷୀ କରିବାକୁ ଲାଗିଲେ । ପୁଅଟି ସାନଭାଇର ପୁଅ, ପୋଷ୍ୟପୁତ୍ର କରିଥିଲେ । ଅଗତ୍ୟା ନିରାଶ ହୋଇ ମୋତେ ଫେରିବାକୁ ହେଲା ।

ନୂତନ ପାତ୍ରୀ ସହିତ ପୁତ୍ରର ବିବାହ ତା.୨୫.୫.୩୭ରେ ସମ୍ପନ୍ନ ହେବା ସ୍ଥିର ହେଲେ ମଧ ପୂର୍ବଦିନ ପ୍ରାଥମିକ କ୍ରିୟା ସମସ୍ତ ଶେଷ ହୋଇଥିଲା । ପରଦିନ କନ୍ୟା ବର ଅପେକ୍ଷାରେ ବସିଛି । ବର ଖୋଜା ହେଲାନ୍ତ ବର ସମ୍ବଲପୁରରୁ ଫେରାର । ପରେ ଜଣାଗଲା ଏହି ବିବାହକୁ ନାପସନ୍ଦ କରି ଲୁଚି ପଳାଇ ଯାଇଅଛନ୍ତି । ୨୫ ତାରିଖ ସନ୍ଧ୍ୟାରେ କଟକରେ ରହୁଥିବା ପୋଲିସ୍ ସୁପରିଟେଣ୍ଡେଣ୍ଟ (ସ୍ୱର୍ଗୀୟ) ରାୟ ବାହାଦୂର ମନବୋଧ ପଣ୍ଡା ମୋତେ ସମ୍ବାଦ ଦେଲେ ଯେ 'ବର' ତାଙ୍କ ବସାରେ ଆସି ଉପସ୍ଥିତ ହୋଇଅଛନ୍ତି । ପରଦିନ (୨୬ତାରିଖ) ସକାଳେ ତାଙ୍କ ବସାକୁ ଯାଇ ତାଙ୍କୁ ଦେଖିଲି । ସେତିକିବେଳେ ବୁଝାଗଲା ଯେ ସମ୍ବଲପୁରବାସୀ ତାଙ୍କର ଜଣେ ଅଧ୍ୟାପକଙ୍କ ପରାମର୍ଶରେ ସେ ପଳାଇ ଆସିଥିଲେ । ସେ କହିଲେ ଯେ ବାଟରେ ଲରୀରେ ତାଙ୍କ ପରିଚିତ ଜଣେ ବ୍ୟକ୍ତି ତାଙ୍କୁ ଦେଖିଛନ୍ତି । ହୁଏତ ତାଙ୍କୁ ଧରିନେବା ପାଇଁ ତାଙ୍କ ପିତା ଅଥବା ତାଙ୍କ ପକ୍ଷରେ ଲୋକେ ଆସିବେ । କୌଣସି ନିରାପଦ ସ୍ଥାନରେ ଲୁଚି ରହିବା ପାଇଁ ବ୍ୟବସ୍ଥା କରିବାକୁ ସେ କହିଲେ । ଏପରି ଏକ ସ୍ଥାନରେ ତାଙ୍କୁ ସେହିବର୍ଷର ବିବାହ ଲଗ୍ନ ଶେଷ ହେବା ଯାଏ ଅର୍ଥାତ୍ ଆଷାଢ଼ ପର୍ଯ୍ୟନ୍ତ ଲୁଚାଇ ରଖାହେଲା । କହିବା ବାହୁଲ୍ୟ, ବିବାହ ବେଦୀରୁ ଫେରାର କରାଇବା ସଂକ୍ରାନ୍ତ ସମସ୍ତ କାର୍ଯ୍ୟ ପ୍ରୋକ୍ତ ଅଧ୍ୟାପକ ବନ୍ଧୁଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା । ଜୁଲାଇ ମାସରେ 'ବର' ଗୁମ୍ଫାରୁ ବାହାରି ଘରକୁ ଗଲେ ଓ ସେଠାରୁ ଦେଖିଲି ଯେ ସୁଷମା ସହିତ ତାଙ୍କ ବିବାହ ବିଷୟ ସେ ବି.ଏ.ପାସ୍ କଲାପରେ ଅର୍ଥାତ୍ ଦୁଇବର୍ଷ ପରେ ସ୍ଥିର କରିବେ ।

କିଛିଦିନ ପରେ ପୁଣି ଲେଖିଲେ ଯେ ସୁଷମା ତାଙ୍କୁ ବିବାହ ସମ୍ବନ୍ଧରେ ତାଙ୍କ ପିତାମାତାଙ୍କ ଆଉ ଆପତ୍ତି ବା ଅସମ୍ମତି ନାହିଁ । କିନ୍ତୁ ମୋ ମନରେ ଆଉ ପୂର୍ଣ୍ଣ ବିଶ୍ୱାସ ରହିଲା ନାହିଁ । ସୁଷମାକୁ କଲେଜରେ ପଢ଼ାଇବା ସ୍ଥିର କଲି । ମୋର ସହଧର୍ମିଣୀ ଏଥିରେ ପୂର୍ଣ୍ଣପ୍ରାଣରେ ମୋ ସହିତ ସହଯୋଗ କଲେ । କଟକ ମହିଳା କଲେଜରେ ଭର୍ତ୍ତି କରିବା ଯୋଗାଡ଼ କଲି । କିନ୍ତୁ ସୁଷମା ଆଇ.ଏ. ନ ପଢ଼ି ଆଇ.ଏସ୍.ସି. ପଢ଼ିବ ବୋଲି ଇଚ୍ଛାପ୍ରକାଶ କଲା । ମହିଳା କଲେଜରେ ଆଇ.ଏସ୍.ସି. ନାହିଁ, ଆଉ ଆଇ.ଏସ୍.ସି. ପଢ଼ିଲେ ରେଭେନ୍ସା କଲେଜରେ ପୁରୁଷ ପିଲାଙ୍କ ସହିତ ପଢ଼ିବାକୁ ହେବ । ଏହି ସହଶିକ୍ଷାର ପକ୍ଷପାତି ମୁଁ ନଥିଲି । କିନ୍ତୁ ସୁଷମା ଏକ୍ ଜିଦ୍ ଧରି ବସିଲା ଯେ ସେ ଆଇ.ଏସ୍.ସି ପଢ଼ିବ ଓ ପରେ ଡାକ୍ତରୀ ପଢ଼ିବ । ମୁଁ ତାହାର ଏହି ମନୋଭାବର ଭୀଷଣ ପ୍ରତିରୋଧ କରିବାକୁ ଲାଗିଲି । କିନ୍ତୁ ଏଥିରେ ତାହାର ଜିଦ୍ ବୃଦ୍ଧି ହେବାକୁ ଲାଗିଲା । କ୍ରମେ କ୍ରମେ ପରିସ୍ଥିତି ଜଟିଳ ହେବାକୁ ଲାଗିଲା । କିନ୍ତୁ ତାହାର ମା' ଏହି ଜଟିଳତାର ସମାଧାନ କଲେ । ସେତେବେଳେ ରେଭେନ୍ସା କଲେଜର ଆଇ.ଏସ୍‌ସି କ୍ଲାସ୍‌ରେ ଜଣେ ସୁଦ୍ଧା ଛାତ୍ରୀ ନଥିଲେ । ସୁଷମା ଏକମାତ୍ର ଛାତ୍ରୀ ହୋଇ ରହିବ । ତାହା ସକାଶେ ଯତ୍‌ସାମାନ୍ୟ ହେଲେ ସୁଦ୍ଧା ସ୍ୱତନ୍ତ୍ର କିଛି ବନ୍ଦୋବସ୍ତ ହୋଇ ପାରିବ କି ନା ସନ୍ଦେହ ଥିଲା । ଦିନେ ମା' ଝିଅକୁ ନେଇ ମୋର ଅଜ୍ଞାତସାରରେ କଲେଜର ପ୍ରିନ୍ସିପାଲ ସ୍ୱର୍ଗୀୟ ଶ୍ୟାମାଚନ୍ଦ୍ର ତ୍ରିପାଠୀଙ୍କ ବସାକୁ ଚାଲିଗଲେ ଓ ତାଙ୍କ ସହଧର୍ମିଣୀଙ୍କ ସହିତ ସାକ୍ଷାତ କରି ତାଙ୍କ ମଧ୍ୟସ୍ଥତାରେ ସୁଷମାର ତାଙ୍କ କଲେଜରେ ପଢ଼ିବା ସକାଶେ ସୁବନ୍ଦୋବସ୍ତ କରିବାକୁ ଅନୁରୋଧ କଲେ । ଫଳରେ ତ୍ରିପାଠୀ ମହାଶୟ ଯଥାସମ୍ଭବ ସମସ୍ତ ବ୍ୟବସ୍ଥା କରିଦେଲେ । ଯଥା ସମୟରେ ସୁଷମା ଆଇ.ଏସ୍‌ସି କ୍ଲାସରେ ଭର୍ତ୍ତିହେଲା । ମୋ ପୁତୁରା ବ୍ରଜବନ୍ଧୁ ସେହି ବର୍ଷ ମେଟ୍ରିକୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ତାକୁ ମଧ ଆଇ.ଏସ୍‌ସିରେ ଭର୍ତ୍ତି କରିଦେଲି । ଉଭୟେ ଏକତ୍ର ପଢ଼ିବାକୁ ଲାଗିଲେ । ସେହିବର୍ଷ 'ବର' ମଧ ବି.ଏ. କ୍ଲାସରେ ଭର୍ତ୍ତି ହୋଇଥିବା ଦେଖିଲି । (କ୍ରମଶଃ)

## ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

ଭାଗ- ୬୦

### ॥ ଶବ୍ଦକୁ ନେଇ ସଂକଟ ॥

ସେନ୍‌ସର ବୋର୍ଡର ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ଥାଏ । ଆପତ୍ତିଜନକ ଶବ୍ଦ, ହିଂସା, ଯୌନ ଉତ୍ପୀଡ଼ନର ମାତ୍ରାଧିକ ବ୍ୟବହାର ଉପରେ ସେନ୍‌ସର ବୋର୍ଡ କଇଁଚି ଚଳାଇଥାଏ । କୌଣସି ନିର୍ଦ୍ଦିଷ୍ଟ ଧର୍ମ, ସଂପ୍ରଦାୟ ବା ଜାତି ଉପରେ ଆକ୍ଷେପ ଆଦୌ ସ୍ପୃହଣୀୟ ନୁହେଁ । ଆଂଚଳିକ ସେନ୍‌ସର ବିଭାଗ ଏସବୁଥିରେ ଅତ୍ୟନ୍ତ ରକ୍ଷଣଶୀଳ ବୋଲି ମନେ ହୁଏ । ଠିକ୍ କଥା । ଯେଉଁ ଦୃଶ୍ୟ ବା ସଂଳାପ ପ୍ରୟୋଗରେ ସମାଜରେ ହଂସା ବ୍ୟାପେ ଅଥବା ସାଧାରଣ ଲୋକଙ୍କର ଜୀବନ ଯାତ୍ରାରେ ଅସ୍ୱାଭାବିକ ଉତ୍ତେଜନା ପ୍ରକାଶ ପାଏ ସେଭଳି ଶବ୍ଦ ବା ଦୃଶ୍ୟକୁ ବାଦ୍‌ଦେବା ଜରୁରି । ତେବେ କାହାଣୀର ଆବଶ୍ୟକତା ଦୃଷ୍ଟିରୁ ଯେଉଁଠି ଏସବୁ ଦୃଶ୍ୟ ବା ସଂଳାପର ଆବଶ୍ୟକତା ଥାଏ, ଅନ୍ୟକଥାରେ କହିବାକୁ ଗଲେ କାହାଣୀ/ ଚିତ୍ରନାଟ୍ୟର ଗତିଶୀଳତା ପାଇଁ ଜରୁରୀ ଥାଏ । ଆବଶ୍ୟକ ଭାବରେ କେବଳ ଉଦ୍ଦେଶ୍ୟମୂଳକ ଭାବରେ ଏସବୁର ଉପସ୍ଥାପନା ନ ହୋଇଥାଏ ସେଭଳି ସ୍ଥାନରେ ସେନ୍‌ସର୍ ଆଳରେ ବାଦ୍‌ଦେବା କାହାଣୀରେ କ୍ଷତି ପହଞ୍ଚାଇବା ସ୍ୱାଭାବିକ୍ । ଅତୀତରେ ସେନ୍‌ସର ବୋର୍ଡର ହସ୍ତକ୍ଷେପକୁ ନେଇ ବହୁ ତର୍କବିତର୍କ ତଥା ଆଇନ ଅଦାଲତରେ ସହଯୋଗ ଲୋଡ଼ାଯିବାର ବହୁ ନଜିର ରହିଛି ।

ଘଟଣାର ଗୁରୁତ୍ୱ ସେତିକି ବେଳେ ଉପଲବ୍ଧି କଲି ଯେତେବେଳେ 'ପିଲାଟା ବିଗିଡ଼ିଗଲା'ର ନିର୍ଦ୍ଦେଶକ ବସନ୍ତ ସାହୁ ମତେ ଟେଲିଫୋନ୍ କରି ଜଣାଇଲେ ଯେ' ଚଳଚ୍ଚିତ୍ରଟିରେ ମାତ୍ରାଧିକ ଥର 'ଶଳା' ଶବ୍ଦର ବ୍ୟବହାର ହୋଇଛି । ମୁଁ ଏଗାରଥର 'ଶଳା' ଶବ୍ଦ ବ୍ୟବହାର କରିଥିଲା ବେଳେ କଳାକାରମାନେ ପଚିଶିରୁ ଉର୍ଦ୍ଧ୍ୱଥର ସେ ଶବ୍ଦକୁ ବ୍ୟବହାର କରିଛନ୍ତି । ଏବଂ ଏସବୁକୁ ସେନ୍‌ସର୍ ବୋର୍ଡ ଅବ୍‌ଜେକ୍‌ସନ୍ କରିବାର ସମ୍ଭାବନା ଥିବାରୁ ଏଡିଟିଂ ଟେବୁଲରେ ନିର୍ଦ୍ଦେଶକ ବାଦ୍ ଦେବାକୁ ବାଧ୍ୟ ହେଉଛନ୍ତି । ତେବେ 'ଶଳା' ଶବ୍ଦର ପ୍ରୟୋଗ ପାଇଁ ସେନ୍‌ସର ବୋର୍ଡର ଏତେ ଆପତ୍ତି କାହିଁକି ? ଅନ୍ୟାନ୍ୟ ଆଂଚଳିକ ସେନ୍‌ସର ବୋର୍ଡ ତଥା ବଲିଉଡ୍‌ରେ ଏତେ ଆପତ୍ତି ଉଠେନାହିଁ ଅନ୍ତତଃ 'ଶଳା' ବା 'ଶାଲା' ଶବ୍ଦ ବ୍ୟବହାର ଉପରେ । ଚରିତ୍ର ପରିସ୍ଥିତି ଉପଯୋଗୀ ହୋଇଥିଲେ ଏ ଶବ୍ଦ ବ୍ୟବହାର କରିବାରେ କୁଣ୍ଠା କାହିଁକି । 'ଶଳା' ଶବ୍ଦ ଯେ ଅଶ୍ଳୀଳ ପଦବାଚ୍ୟ ନୁହେଁ ଏବଂ ଏ ଶବ୍ଦକୁ ନେଇ ଅତୀତରେ ପଣ୍ଡିତ ନୀଳକଣ୍ଠ ଦାସ ବାଚସ୍ପତି ଥିଲାବେଳେ ବିଧାନସଭାରେ ବହୁ ବିତର୍କ ହୋଇଯାଇଛି । ଏବଂ ମାନ୍ୟବର ବାଚସ୍ପତି ନୀଳକଣ୍ଠ ଦାସ 'ଶଳା' ଶବ୍ଦର ପ୍ରୟୋଗ ଉପରେ ସକରାତ୍ମକ ରୁଲିଂ ମଧ ଦେଇଛନ୍ତି ।

ସେନ୍‌ସର୍ ବୋର୍ଡ ସାଥିରେ ଯୁକ୍ତି କରିବାର ସମୟ ସେଇଟା ନଥିଲା । ମୁଁ ବାଧ ହୋଇ ଚୁପ୍ ରହିଲି, ଯେଉଁ ପଣ୍ଡିତମାନେ ବସି ସେନ୍‌ସର୍ ବୋର୍ଡ ପାଇଁ ଏ ଶୃଙ୍ଖଳାଗତ ସାରଣୀ ପ୍ରସ୍ତୁତ କରିଛନ୍ତି ସେମାନେ ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ।

ଓଡ଼ିଆ ବ୍ୟତୀତ ହିନ୍ଦୀ, ଇଂରାଜୀ ଭାଷାର ପ୍ରୟୋଗ ଉଭୟ ସଂଳାପ ଓ ଗୀତରେ କରିବା ପ୍ରାୟତଃ ଏକ ଟ୍ରେଣ୍ଡ୍ ବୋଲି ବିବେଚନା କରାଯାଉଛି । ଚଳଚ୍ଚିତ୍ରର ଶୀର୍ଷକ ଯଦି ଖାଣ୍ଟି ଓଡ଼ିଆ ହୋଇଥାଏ, ତା' ସହିତ ଏକ ଇଂରାଜୀ ଟ୍ୟାଗ୍ ଲାଇନ୍ ସଂଯୁକ୍ତ କରାଯାଏ, ଯାହାର ମାନେ କିଛି ନଥାଏ ପ୍ରାୟତଃ । ଏସବୁ ଥିଲେ ଲେଖକ ଉପରକୁ ଆଙ୍ଗୁଳି ଉଠେ । ଉଠିବା ସ୍ୱାଭାବିକ୍ । ମାତ୍ର ମୋ ଭଳି ଲେଖକମାନେ ପ୍ରାୟତଃ ଅନେକ କ୍ଷେତ୍ରରେ ଅସହାୟ ହୋଇ ପଡ଼ିଥାନ୍ତି । ସ୍କ୍ରିପ୍ଟ ପ୍ରସ୍ତୁତ ପୂର୍ବରୁ ଚଳଚ୍ଚିତ୍ରର ଶୀର୍ଷକ ପ୍ରସ୍ତୁତ ସରିଥାଏ ଓ ଶୀର୍ଷକର ପଞ୍ଜିକରଣ ସରିଥାଏ । ତେଣୁ ଇଚ୍ଛା ବିରୁଦ୍ଧରେ ଏହାକୁ ଗ୍ରହଣ କରିନେବା ବ୍ୟତୀତ ଅନ୍ୟକିଛି ଉପାୟ ନଥାଏ ।

କୌଣସି ସଭାସମିତିରେ ଅତିଥି ଭାବରେ ଯୋଗଦେଲା ବେଳେ ଉପସ୍ଥାପକଙ୍କୁ ମୁଁ ବ୍ୟକ୍ତିଗତ ଅନୁରୋଧ କରିଥାଏ ମୋ ପରିଚୟ ପ୍ରଦାନ କଲାବେଳେ ମୋର ଚଳଚ୍ଚିତ୍ର ନାମଗୁଡ଼ିକୁ ଉଲ୍ଲେଖ ନକରିବା ପାଇଁ । କାରଣ ମୁଁ ଲଜ୍ଜାବୋଧ କରେ । ଜଣେ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ହୋଇଥିବାବେଳେ ମୋର ସଂଖ୍ୟାଧିକ ଚଳଚ୍ଚିତ୍ର ଗୁଡ଼ିକର ଶୀର୍ଷକ ପ୍ରାୟ ହିନ୍ଦି କିମ୍ୱା ଇଂରାଜୀ ହୋଇଥାଏ । ଅବଶ୍ୟ ପ୍ରଚଳିତ ବିଦେଶୀ ଶବ୍ଦ ସାଧାରଣ ବୋଧଗମ୍ୟ ହୋଇଥିଲେ ବ୍ୟବହାର କଲେ କ୍ଷତିନାହିଁ । ତା'ଛଡ଼ା ହିନ୍ଦି ତୁଳନାରେ ଗୋଟିଏ ଗୋଟିଏ ଓଡ଼ିଆ ଶବ୍ଦର ଭିନ୍ନ ଭିନ୍ନ ପ୍ରତିଶବ୍ଦ ମିଳିବା କଷ୍ଟକର । ଧରାଯାଉ ଓଡ଼ିଆରେ ପ୍ରେମ ଶବ୍ଦକୁ ଭଲ ପାଇବା ଶବ୍ଦ ସହ ତୁଳନା କରାଯାଇ ପ୍ରୟୋଗ କରାଯାଏ । କିନ୍ତୁ ହିନ୍ଦୀରେ ପ୍ୟାର୍, ମୋହବତ୍, ଇସ୍କ୍ ଆଦି ଅନେକ ଶବ୍ଦ ଅଛି । ତଥାପି ଏ ଯୁକ୍ତି ଆମପାଇଁ କ୍ଷମଣୀୟ ନୁହେଁ । ଶୀର୍ଷକ ନିର୍ବାଚନ ବେଳେ ମୋର ଯେ' ପ୍ରଯୋଜକ ନିର୍ଦ୍ଦେଶକଙ୍କ ସହିତ ଯୁକ୍ତି ନହୁଏ ତାହା ନୁହେଁ, ଅଧିକାଂଶ କ୍ଷେତ୍ରରେ ଗୀତରୁ ହିଁ ଶୀର୍ଷକ ନିର୍ବାଚନ କରାଯାଏ । ଏମିତି ଅନେକ ଉଦାହରଣ କେବଳ ଓଡ଼ିଆ ନୁହେଁ ଅନ୍ୟାନ୍ୟ ପ୍ରାଦେଶିକ ଚଳଚ୍ଚିତ୍ର ଶିଳ୍ପ କ୍ଷେତ୍ରରେ ମଧ ଦେଖାଯାଏ । (କ୍ରମଶଃ)

## କବିତା .....

### ॥ ବଜାର ଦର ॥

**ରତ୍ନାକର ରାଉତ**



ସଭିଏଁ ବ୍ୟସ୍ତ, ବିବ୍ରତ, କାତର,
ହୁହୁ ହୋଇ ବଢୁଛି ବଜାର ଦର,
ଭାଙ୍ଗିପଡ଼ିଲାଣି ସାଧାରଣ ଜନତାଙ୍କ ମେରୁହାଡ଼ ।

ଖାଉଟି କେବେ ପଚାରେ କି' ବୁଝିବାକୁ
କାହିଁକି ବଢ଼େ ଦର, କିଏ ବଢ଼ାଏ ?

ଏଥିର ଅଛି ଅନେକ କାରଣ,
ମାତ୍ର ଯାହା ମୁଖ୍ୟ, ତାହା ହିଁ ଚିନ୍ତାର ବିଷୟ ।

ଆବଶ୍ୟକତା ବଢ଼ିଲେ ଏବଂ କମିଲେ ଉତ୍ପାଦନ,
ବଢ଼େ ଦରଦାମ ସାମଗ୍ରୀର ।
ଏ ଅତ୍ୟନ୍ତ ସରଳ ଗଣିତ ଅର୍ଥ ବ୍ୟବସ୍ଥାର ।

ପ୍ରଶ୍ନ ଉଠେ, କାହିଁକି କମେ ଉତ୍ପାଦନ ?

ଶ୍ରମର ଅପଚୟ ହେଲେ କମେ ଉତ୍ପାଦନ ।
ଶ୍ରମର ଅବମୂଲ୍ୟାୟନରେ ରୁଷ୍ଟହୁଏ ଶ୍ରମିକ ।
ସେ ବିମୁଖ ହେଲେ,
ଠିକ୍ ଭାବେ ହୁଏନି ଶ୍ରମର ଉପଯୋଗ ।
ଶ୍ରମର ଉପଯୁକ୍ତ ମୂଲ୍ୟାୟନ ହିଁ
ସଦାକାଳେ ବଢ଼ାଇ ଥାଏ ଶ୍ରମିକର ଆନନ୍ଦ ।

ସଠିକ୍ ଶ୍ରମ ତିଆରି କରେ ପୁଂଜି,
ପୁଂଜିର ପୁନଃ ବିନିଯୋଗ ବଢ଼ାଏ ଭିତ୍ତିଭୂମି
ଭିତ୍ତିଭୂମି ଦୃଢ଼ ହେଲେ ବଢ଼େ ଉତ୍ପାଦନ କ୍ଷମତା,
ଶ୍ରମ ବିନିମୟରେ ପାରିଶ୍ରମିକ
ପୁଂଜିର ଉଚିତ ବ୍ୟୟ ।

ଅନୁଦାନ, ଭତ୍ତା, ଭାତିଆ,
ଅବିଚାରିତ ମାଗଣାରେ ଅର୍ଥବ୍ୟୟ
ଅର୍ଥନୀତି ଧ୍ୱଂସର କାରଣ ।

ଗଣତନ୍ତ୍ର ଦେଶରେ ଭାଗ୍ୟବାନ ଜନସାଧାରଣ
ସେମାନେ ବି' ଭଗବାନ ।
ତାଙ୍କ ହାତରେ କ୍ଷମତାର ଚାବି ।

ଯାହା ହାତରେ ସେ ଧରେଇବେ ଚାବି,
ସେ ସାଜିବ ଶାସକ, ଶାସନର କର୍ଣ୍ଣଧାର ।

ଶାସକ କ'ଣ ଚାହେଁ କେବଳ ଜନମଙ୍ଗଳ ?
ତାର ପ୍ରାଥମିକତା କ'ଣ ?
ଜନଗଣଙ୍କ ସମର୍ଥନ, ଭୋଟ ଅବା ଅନ୍ୟକିଛି ।
ସଂଖ୍ୟା ଗରିଷ୍ଠ ଭୋଟରେ ହିଁ
ସୁରକ୍ଷିତ ତାର ସିଂହାସନ ।

ତେଣୁ ଯେତେଯେତେ ଜନତାଙ୍କୁ ଆକ୍ରାନ୍ତ କରିବ
କାଙ୍ଗାଳି ମାନସିକତା,
ସେତେ ବେଶି ସେମାନେ ଆଶାୟୀ ହେବେ
ଆପଣେଇବାକୁ ଅଧିକରୁ ଅଧିକ ଅନୁଦାନ
ଏବଂ ଯୋଗ୍ୟ ଉପଭୋକ୍ତା ହେବାକୁ
ମାଗଣା ଆବଣ୍ଟନର ।

ଏଥିରେ ଦରଦାମ ବଢ଼ିବ ନାହିଁ ତ'
ବିକଳ୍ପ କ'ଣ ?
କିଏ ଦାୟୀ ଏଥିପାଇଁ,
ଶାସକ, ସରକାର, ଅବା ଜନଗଣ ?
କିଏ ?


♥ ପ୍ଲଟ ନଂ-୭୬୭ (ପି)
ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୬


### ॥ ଭିଜା ମାଟିର ବାସ୍ନା ॥

**ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ୍**



ଆସ ମୋ ମାନିନୀ ପ୍ରୀତି ନିର୍ଝରିଣୀ
ନୀଳ ଗଗନରୁ ଝୁଲି;
ରାଗ ରଷା ମାନ ଆଉ ଅଭିମାନ
ନିମିଷକେ ଯାଅ ଭୁଲି।

ଦୂର ନଭ ଦେଶେ ଚାରୁ ବଧୂ ବେଶେ
ମେଲିଯାଅ ଧରା ଯାକ;
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ହୋଇ ଉଠେ ମର୍ତ୍ତ୍ୟଲୋକ।

ଟିପି ଟିପି ଧାରା ବହିଯାଏ ସାରା
ତାଳୁରୁ ତଳିପା ଯାଏଁ;
ତୁମରି ଭାବନା କରେ ଆନମନା
କେତେ ଆଶା ଜନ୍ମ ନିଏ।

ନେତ୍ର ଆଙ୍କେ ତୁମ ମେଦୁରିତ ଛବି
ଖୋଜେ ସେ ଅମୃତ ଝର;
କଜଳ କୁଙ୍କୁମେ ସାଜିଅଛି ତୁମ
କଳାମେଘି କଳେବର।

ଧୋଇନିଅ ତୁମେ ଧୋଇବାର ନାମେ
କେତେ କେତେ ପ୍ରତାରଣା;
ଫେରାଇ ଦେବାରପ୍ରତିଶ୍ରୁତି ମଧ୍ୟେ
ଜଳିଥିବ କେତେ ଜଣା।

ବାଦଲ ଫଟେଇ ବରଷୁଛ ସତେ
ଆଖିରେ ଆଖିଏ ଭରି;
ତୁମେ ଗଲା ପରେ ଭିଜା ମାଟି ବାସ୍ନା
ଭଲ ଲାଗେ ମୋତେ ଭାରି।


♥ ସହଦେବଖୁଣ୍ଟା, ବାଲେଶ୍ୱର-୧
(ମୋ) ୭୭୮୮୯୭୭୨୭୬


### ॥ ଚାଲିଥାଏ ଘୃଣ୍ୟ ପ୍ରବନ୍ଧ... ॥

**ଅକ୍ଷୟ ପାତ୍ର**



ଏବେ ଏବେ ତ ଲାଗେ
ବାରୁଦର ଦହନଶୀଳତାରେ ହିଁ
ମହମପରି ତରଳିବାରେ ଲାଗିଥାଏ
ସମ୍ପର୍କର ସେତୁବନ୍ଧ ।

ବିଶ୍ୱାସ ପାଲଟି ସାରିଥାଏ
ସତେ କିବା ଏକ କବନ୍ଧ !

ପ୍ରେମ-
ଯାହା ତୋଳିଥାଏ
ସଂବେଦନା ଓ ସଂସର୍ଗର ଭବ୍ୟ-ସମ୍ବନ୍ଧ
କେବେ କେବେ ଲାଗେ
ସ୍ୱାର୍ଥର କଳୁଷରେ ଅଭିଶପ୍ତ
ସେ ତ ଏକ ଅଭିସାର ମାତ୍ର
ଆଦରିଥାଉ ଯା'କୁ ଆମେ ସନିର୍ବନ୍ଧ !

ଦେଖୁନା,
ଏବେ କିଭାବେ ରୋଧି ଦେଉଥାଏ
ପ୍ରତି ରାହା ଓ ରୀତିକୁ
ଅଦୂରଦର୍ଶୀତାର ନିଠୁର ବନ୍ଧ !

ପ୍ରତି ଦରଦୀ ହୃଦକୁ ବିନ୍ଧାଚାଲିଥାଏ
ଅସହିଷ୍ଣୁତାର ତୀର,
ଜଳଜଳ ଦିଶୁଥାଏ
ଆହତ ଆତ୍ମାର ବିନ୍ଧ !
ସବୁଠି କେମିତି ବାରି ହୋଇପଡୁଥାଏ
ପଚମାନ ସଭ୍ୟତାର ଗନ୍ଧ !


ଆହା !
ମାନବତା...
କ୍ଷମତାର ଅନ୍ଧ- ଅର୍ଗଳିରେ
ବାଟ ହୁଡୁଥାଏ,
ଚାଲିଥାଏ କପଟପଣାର
ଯେତେ ଘୃଣ୍ୟ ପ୍ରବନ୍ଧ !

ଓ ଶସ୍ତ୍ରର ବିଧ୍ୱଂସକ ଆଟୋପରେ
ତ୍ରସ୍ତରଖି ଜଗତ
ମୋହାନ୍ଧ ମଣିଷ
ଆପଣା ଥିତି ଓ ଭୂତିକୁ ହିଁ
ଦଂଶିତ କରୁଥାଏ ନିୟତ
ସାଜି ମତାନ୍ଧ !


♥ ଅଧ୍ୟାପକ : ଇଂରାଜୀ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ,
ଖଜୁରିଆକଟା, ଢେଙ୍କାନାଳ-୨୦
ମୋ: ୮୮୯୫୮୮୪୯୬୦


### ॥ ଅନୁଭବି ହୁଏ ॥

**ନିହାରିକା ରାୟ ବରାଳ**



ପାଖରେ ଥିଲେ
ମୂଲ୍ୟହୀନ ଲାଗେ ସଂପର୍କ
ଥରେ ଦୂରେଇ ଗଲେ,
କେତେ ଦୁର୍ମୂଲ୍ୟ କେତେ ଅପହଂଚ,
କେତେ ଗଭୀର ଅନୁଭବି ହୁଏ..

ଯେମିତି ଜରାନିବାସରେ ସଢୁଥିବା
ରିକ୍ତ ମା'ଟିର ହୃଦୟ
ଯେମିତି ସଂସାର ଉଜୁଡ଼ି ଯାଇଥିବା
ପତ୍ନୀର ସ୍ୱର
ଯେମିତି ଅଧିକ ଆପଣାପଣ ଲୋଡୁଥିବା
ପ୍ରେମିକାର ମନ
ଯେମିତି ମିଛ ପ୍ରତିଶ୍ରୁତି ଦେଇ
ଭୋଟ ଦେଇଥିବା ନିରିହ ଜନତାର
ବ୍ୟାକୁଳପଣ
ଯେମିତି ବର୍ଷିବ ବର୍ଷିବ ବୋଲି
କଳା ବାଦଲର ଶୁଖିଲା ଗର୍ଜନ ।

ଯେମିତି ନିତି ସକାଳୁ
ନୂଆ ସୁରୁଜ ବୁଣୁଥିବା ଆଲୋକର
ମେଘ ସହ ଲୁଚକାଳି ଖେଳ
ଯେମିତି କ୍ଷେତରେ ପାଚିଥିବା ଫସଲର
କାଳବୈଶାଖୀର ଅଚାନକ ଆଗମନ
ଯେମିତି କୁଆଁରାବ ଦେଇଥିବା ଶିଶୁଟିର
ଭୂମିଷ୍ଠ ହେବାର କେଇମାତ୍ର କ୍ଷଣରେ
ମା'ର ସ୍ୱର୍ଗାରୋହଣ,
ଯେମିତି ସଂପର୍କକୁ ଭାଙ୍ଗିଥିବା
କଥାଦେଇ କଥା ନରଖି ଥିବା
ପ୍ରେମିକ ପାଇଁ ପ୍ରେମିକାର ନିରୀହପଣ
ଯେମିତି ଦୂର ବିଦେଶରେ ଥିବା
ଏକମାତ୍ର ପୁତ୍ରର ବୃଦ୍ଧ ବାପା ମା' ପାଇଁ
କ୍ଷଣ କ୍ଷଣରେ ଜୀବନ ପ୍ରତି ସଂଦେହ କି ସଂଭ୍ରମ ।

ଏମିତି ହିଁ ହୁଏ, ହେଉଥାଏ
ପାଖରେ ଥିବା ପ୍ରାପ୍ତିର ମୂଲ୍ୟ ବୁଝୁବୁଝୁ
କେତେବେଳେ ହାତରୁ ଖସି ସାରିଥାଏ
ସଂପର୍କର ମଧୁରତା
ଆମ ଅଣଦେଖାପଣରୁ, ଅବହେଳାରୁ ଓ
ଅସାମର୍ଥ୍ୟରୁ ।

ପଦ୍ମପତ୍ର ଜଳପରି ଢ଼ଳଢ଼ଳ ହେଉଥାଏ,
ପାଖରୁ ଦୂରେଇ ଗଲେ
ମହାର୍ଘ ଲାଗଇ କେବେ
କେବେ ପୁଣି ଧାଉଁଥାଏ
ଆକ୍ତା ମାକ୍ତା ହୋଇ
ଖାଲ, ଖମା, ଅରମା ରାସ୍ତାରେ ।


♥ ଅନୁରାଗ
ବି/୧୦, ପ୍ରତିଭା ଏନ୍‌କ୍ଲେଭ
ବିଜେବି ନଗର, ଭୁବନେଶ୍ୱର

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୭ ଅଗଷ୍ଟ, ୨୦୨୨




## ପ୍ରେମରେ ପ୍ରେମରେ ଗୀତି ....(୫୮)



## ॥ ଲିଭିବାଟା ଖାଲି ବାକି ॥


କେଉଁଠି ରହୁଛ ଏଇ ସହରରେ
ଖୋଜିଖୋଜି ଗଲି ଥକି,
ଶେଷ ଦୀପ ଶିଖା ଧ୍ୱମେଇ ଜଳୁଛି
ଲିଭିବାଟା ଖାଲି ବାକି ।

ମୁଁ ଖାଲି ଖୋଜୁନି କେତେ କିଏ ତୁମେ
ଖୋଜୁଛନ୍ତି ମୋ' ପାଇଁ,
ତୁମେ କାଲେ ମୋର କବିର କବିତା
ପ୍ରୀତି ମୋ' ରହିଛି ଜିଇ,
ନହେଲେ ଏମିତି ଛଳଛଳ ଗୀତି
କେ' କ'ଣ ପାରିବ ଲେଖି ।


କାହିଁକି କେଜାଣି ଏ ମନ ଚାହୁଁଛି
ଶେଷ ଦେଖା ଟିକେ ପାଇଁ,
ଖାଲି ନିରବରେ ଦେଖିନେବି ଥରେ
ଖୁସିରେ ଅଛ କି ନାହିଁ,
ନ ହେଲେ ଏମିତି ଜଳୁଥିବି ତୁମ
ସ୍ମୃତିକୁ ସାଇତି ରଖି ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୫)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧


(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ ଅଥଚ ଅଥର୍ବ ॥

'ଯୋଡ଼ି ମହୁରୀ'ର ଅଭୂତପୂର୍ବ ସଫଳତାରେ ମୁଁ ଆତ୍ମହରା ହୋଇ ପଡ଼ିଲି । ଜଣେ ନାଟ୍ୟକାର ପରିଚୟ ନେଇ ସଭାସମିତିକୁ ଆମନ୍ତ୍ରିତ ହେଲି, ସମ୍ମାନିତ ସମ୍ବର୍ଦ୍ଧିତ ବି ହେଲି । ପ୍ରତିକ୍ରିୟା ସ୍ୱରୂପ ନିଜକୁ ଜଣେ ନାଟ୍ୟକାର ବୋଲି ଭାବି ନେଲି । ସମାଜରେ ଜଣେ ନାଟ୍ୟକାରର ପ୍ରତିଷ୍ଠା ସମ୍ବନ୍ଧରେ ଲକ୍ଷ୍ୟକରି ନାଟ୍ୟକାରଙ୍କ ସମ୍ବନ୍ଧରେ ଜାଣିବାକୁ ପଢ଼ିବାକୁ ଲାଗିଲି । ନାଟକ ସମ୍ବନ୍ଧରେ ଅଧିକ ଜ୍ଞାନ ଅର୍ଜନ କରିବାକୁ ଲାଗିଲି । ଉଦ୍ଭଟ, ବୌଦ୍ଧିକ, ପରୀକ୍ଷାଧର୍ମୀ, ପ୍ରତୀକାତ୍ମକ ନାଟକର ଗଠନ, କାହାଣୀ ସମ୍ବନ୍ଧରେ ଜାଣିଲି । ତା' ପରେ ଭାବିଲି ଯେ 'ଯୋଡ଼ି ମହୁରୀ' ଭଳି ନାଟକ ଗୁଡ଼ିକ ଅତ୍ୟାଧୁନିକ ବା ଆଗାମୀ କିଛିଦିନ ପାଇଁ ଗ୍ରହଣ ଯୋଗ୍ୟ ନୁହେଁ । ତେଣୁ ନୂତନ ଧାରା, କାହାଣୀ ଖୋଜୁ ଖୋଜୁ ପାଇଲି 'ଅଥଚ ଅଥର୍ବ' ; ମୋର ପ୍ରଥମ ବୌଦ୍ଧିକ ନାଟକ ।

ସାର୍ଟିଫିକେଟ ସର୍ବସ୍ୱ ସମାଜରେ ସମସ୍ତେ ସାର୍ଟିଫିକେଟ ପଛରେ ଦୌଡ଼ିବାର ପ୍ରତିଦ୍ୱନ୍ଦିତା କରୁଛନ୍ତି । ସାର୍ଟିଫିକେଟ ଖଣ୍ଡେ ଅର୍ଜନ କରିବା ପାଇଁ କାହିଁ କେତେ ପରିଶ୍ରମ କରୁଛନ୍ତି । ଅନେକ ଧାଁ ଧପଡ଼ ପରେ କିଛି ନା କିଛି କରିବାର ସାର୍ଟିଫିକେଟ ମିଳୁଛି । ଯୋଗ୍ୟତାର ପ୍ରମାଣପତ୍ର ଭାବରେ ଯାହାକୁ ଦେଖାଇ କାମ ମିଳିବା କଥା, କିନ୍ତୁ କାମ ମିଳୁନି । କାମ କରିବାର ପ୍ରମାଣପତ୍ର ଯୋଗ୍ୟତା ଥାଇ ମଧ ସେ ଅଥର୍ବ ଅଯୋଗ୍ୟ । ଏମିତି ଏକ ବୌଦ୍ଧିକ ବାର୍ତ୍ତାକୁ ସମ୍ବଳ କରି କୁରୁକ୍ଷେତ୍ରର ସଂଘର୍ଷ ଭିତରେ 'ଅଥଚ ଅଥର୍ବ'ର ସୃଷ୍ଟି ।

କ୍ୟାରମ ବୋର୍ଡର କୁଇନ୍ କନ୍‌ଫର୍‌ମେସନ୍‌ରୁ 'ଅଥଚ ଅଥର୍ବ'ର କନ୍‌ସେପ୍ଟ । କୁଇନ୍ ପଡ଼ିସାରିଲା ପରେ ଅନ୍ୟ ଏକ ଡଟ୍ ପଡ଼ିଲେ ଯାଇ କୁଇନ୍ କନ୍‌ଫ୍ରମ୍ ହୁଏ । ଯାହାକି ଅପେକ୍ଷାକୃତ ଆୟାସସାଧ କାର୍ଯ୍ୟ । ଏଥିପାଇଁ କୁଇନ୍‌କୁ ବାରମ୍ବାର ବୋର୍ଡ ଉପରେ ମାଡ଼ ଖାଇବାକୁ ପଡ଼େ । କୁଇନ୍ ଚକ୍‌କରରେ ବି ଖେଳାଳୀମାନେ ହନ୍ତସନ୍ତ ହୁଅନ୍ତି । କ୍ୟାରମ୍ ଖେଳଟା ଯଦି କୁରୁକ୍ଷେତ୍ର ହୁଏ କୁଇନ୍ ହେଉଛି ମହାରାଣୀ । ଖେଳର କେନ୍ଦ୍ରବିନ୍ଦୁ ଅର୍ଥାତ୍ ଦ୍ରୌପଦୀ ଯାହାଙ୍କୁ ନେଇ ମହାଭାରତ । ଏହିପରି ଏକ ମିଥ୍ ଆଧାରିତ ସାଂପ୍ରତିକ ସମାଜର ନିଛକ ଚିତ୍ର ।

ଯେହେତୁ ମହାଭାରତର ଚରିତ୍ରମାନଙ୍କ ସହିତ ସାଂପ୍ରତିକ ସମୟର ଚରିତ୍ରମାନଙ୍କ ପରିଚୟ ବେଶ୍ ସ୍ପଷ୍ଟ । ଏଣୁ ଏଥିରେ ପ୍ରଥମେ ମହାଭାରତୀୟ ଚରିତ୍ରମାନଙ୍କ ନାମର ପ୍ରୟୋଗ କରାଯାଇ ଏକ ସାଲିସ ବିହିନ ଯୁଦ୍ଧରେ ସାଂପ୍ରତିକୀର ପରିକଳ୍ପନା କରାଯାଇଛି । ଏ ସଂଘର୍ଷ ଖଣ୍ଡା ତରବାରୀ କିମ୍ବା ଗୁଳି ବନ୍ଧୁକର ନୁହେଁ । ଏ ସଂଘର୍ଷ ମଣିଷର ଅନ୍ତର୍ମନର ସଂଘର୍ଷ, ବୌଦ୍ଧିକ ସଂଘର୍ଷ । ବ୍ୟବସ୍ଥା ବିରୁଦ୍ଧରେ ଅବସ୍ଥାର ସଂଘର୍ଷ । ଯାହା ନିତ୍ୟ ନୈମିତ୍ୟ କୁରୁକ୍ଷେତ୍ର । ଯେଉଁ କୁରୁକ୍ଷେତ୍ରରେ ଟଙ୍କା ହେଉଛି ସୁଦର୍ଶନଚକ୍ର । ସେହି ସୁଦର୍ଶନ ଚକ୍ର ଆଉ କୃଷ୍ଣଙ୍କ ହାତରେ ନଥାଇ ଦୁର୍ଯ୍ୟୋଧନଙ୍କ ହାତରେ ଶୋଭା ପାଉଛି । ଯାହାକୁ କରାୟତ କରି କୌରବମାନେ ଅନାୟାସରେ ପାଣ୍ଡବମାନଙ୍କୁ ନିଜର ଦାସ ଦାସୀ ଭାବରେ ଶାସନ ନାମରେ ନିର୍ଯ୍ୟାତନା ଦେଉଛନ୍ତି । ଯାହାର ଆକର୍ଷଣରେ ଦ୍ରୌପଦୀ ବାରମ୍ବାର ବିବସ୍ତ୍ର ହେବାରେ ଲାଗିଛି । ଚକ୍ରହୀନ ଦେବକୀନନ୍ଦନ ଖାଲି ହାତରେ ବିପ୍ଳବର ମଶାଲ ଧରି ନିଷ୍ଫଳ ଜାଗରଣ ମନ୍ତ୍ର ଜପୁଛନ୍ତି । ଇଚ୍ଛାମୃତ୍ୟୁର ସାର୍ଟିଫିକେଟ ଧରି ଭୀଷ୍ମ ଶୀଖଣ୍ଡି ବଧର ଆୟୋଜନ କରୁଛନ୍ତି । କର୍ଣ୍ଣ, ଦ୍ରୋଣ, ଶଲ୍ୟ, ଶକୁନୀ ଆଦି ମହାରଥୀମାନେ ବେଶ୍ ଆନନ୍ଦରେ ସମୟର ପଶାପାଲିରେ ପାଣ୍ଡବ ବଧ କରିଚାଲିଛନ୍ତି । କୌରବ ଶାସନର ନଗ୍ନ ନମୁନା ସବୁଠି ସବୁ କ୍ଷେତ୍ରରେ ବେଶ୍ ସ୍ପଷ୍ଟ ଭାବରେ ବିଦ୍ୟମାନ ହେଉଛି । ଅନ୍ୟାୟ ଅତ୍ୟାଚାର ତଥା ବ୍ୟଭିଚାରମୟ ବିଶ୍ୱରେ ତ୍ରାଣକର୍ତ୍ତା ଅବା ବିଚାରକର୍ତ୍ତା କେହି ନାହାନ୍ତି । ଶାସକର ଅନ୍ୟାୟ ଶାସନ ଉପରେ ଅଙ୍କୁଶ ଲଗାଇବା ପାଇଁ ଶାସକ ଦ୍ୱାରା ନିୟନ୍ତ୍ରିତ ବିଚାର ବ୍ୟବସ୍ଥା ହିଁ ଏକମାତ୍ର ଭରସା, ଯାହାଠାରେ ଗୁହାରୀ କରିବା, ନ୍ୟାୟ ବିଚାର ଆଶା କରିବା ଏକପ୍ରକାର ବୃଥା ।

ଏହି ବ୍ୟବସ୍ଥାକୁ ଏକ ସାଙ୍କେତିକ ଧର୍ମରେ ଉପସ୍ଥାପନା କରିବା ପାଇଁ ଏକ ଅଦାଲତର ଉପସ୍ଥାପନା କରାଯାଇଛି ଯେଉଁ ଅଦାଲତରେ ବିଚାରପତି ଏକ କଳାପରଦାରେ ଆବୃତ ହୋଇ କଷ୍ଟିର କଷ୍ଟ ଶୁଣୁଛନ୍ତି । ତାଙ୍କ ମସ୍ତକ ଉପରେ ଏକ ଟଙ୍କାଚକ୍ର ଘୂର୍ଣ୍ଣାୟମାନ ହେଉଛି । ଅର୍ଥାତ୍ ଆଜିର ବିଚାର ବ୍ୟବସ୍ଥା ଟଙ୍କା ଦ୍ୱାରା ନିୟନ୍ତ୍ରିତ । ବିପ୍ଳବ କିନ୍ତୁ ସମାଧାନର ଏକମାତ୍ର ରାସ୍ତା । ବିପ୍ଳବ ଆଗରେ ଟଙ୍କା ଚକ୍ର ଅଚଳ ହୋଇପଡ଼ିଛି । ବିଚାରପତିଙ୍କୁ ଘୋଡ଼େଇ ରଖିଥିବା କଳା ପରଦା ଆପେ ଆପେ ଅପସରି ଯାଉଛି । କିନ୍ତୁ ଏ କ'ଣ ? ତା ଭିତରେ ଜଗନ୍ନାଥ । ନିର୍ଯ୍ୟାତିତର ଗୁହାରି ଶୁଣି ପ୍ରଭୁ ଶେଷରେ କହନ୍ତି-

ହେ ମଣିଷମାନେ, ତମେ ତ ମୋତେ ତିଆରି କରିଛ । ତମେ ମୋର ନିର୍ମାତା । ମୋତେ ବଡ଼ ବଡ଼ ଆଖି ଦେଇଛ, ମୁଁ ଅପଲକ ନେତ୍ରରେ ତୁମ ଦୁଃଖ ଯାତନା ଦେଖି ପାରୁଛି । କିନ୍ତୁ ତମେ ତ ମୋ ହାତ ଗୋଡ଼ କରିବାକୁ ଭୁଲି ଯାଇଛ, ମୋର ତମ ପାଖକୁ ଯିବାର ଇଚ୍ଛା ଥିଲେ ବି ମୁଁ ତମ ନିକଟକୁ ଯାଇ ପାରୁନି । ତମମାନଙ୍କୁ କିଛି ଦେବାର ବା ତମପାଇଁ କିଛି କରିବାର ଇଚ୍ଛାଥିଲେ ବି ମୁଁ ପାରୁନି । ମୋ ପାଖରେ ସବୁ କ୍ଷମତା ଅଛି ଅଥଚ ମୁଁ ଅଥର୍ବ । ସାଂପ୍ରତିକ ସମୟରେ ସତ୍ୟ, ନ୍ୟାୟ, ଧର୍ମ ଓ ବାସ୍ତବତାର ଅସହାୟତାକୁ ବେଶ୍ ବୌଦ୍ଧିକ ଅର୍ଥରେ ବ୍ୟବହାର କରି ମୋର ପ୍ରଥମ ବୌଦ୍ଧିକ ନାଟକ 'ଅଥଚ ଅଥର୍ବ'ର ସୃଷ୍ଟି କରିଥିଲି ୧୯୮୨ ମସିହାର ଶେଷ ଭାଗରେ ।

(କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ଉଚ୍ଛଳ ଉପତ୍ୟକା

(ଶେଷଭାଗ)


ସୁକାନ୍ତି ନନ୍ଦ
♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮




**ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧ୍ୱମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ..)

କେବଳ ମା' କାହିଁକି... ମୁଁ ବି କଣ ଭୁଲ୍ କରିନି ଲେଖାକୁ ନେଇ !

ମୋ ନିର୍ବନ୍ଧ ଦିନ ସଞ୍ଜୟ ଭାଇ ଓ ଲେଖାଙ୍କ ହସଖୁସୀକୁ ନେଇ ମଜାଦାର ପରିବେଶଟିଏ ମୁଁ ଦେଖିଥିଲି । ସେମାନଙ୍କ ଭିତରେ ନିବିଡ଼ ଶ୍ରଦ୍ଧା ଓ ଭଲପାଇବା ଥିଲା ଭଳି ଅନୁଭବ ବି କରିଥିଲି । ହେଲେ କଣ କରିପାରିଲି ମୁଁ ସେମାନଙ୍କ ପାଇଁ । ସମ୍ପର୍କକୁ ଦୃଢ଼ କରିବା ପାଇଁ ମୁଁ ତ' କିଛି ବି ଚେଷ୍ଟା କରିନଥିଲି ! ମୋ ନିଜ କଥା ବୁଝି... ସୁଖ ସଂସାରଟିଏ ଗଢ଼ିବାରେ ମଜ୍ଜିଗଲି... ! ଧିକ୍ ମୋ ଜୀବନ... ଏତେ ସ୍ୱାର୍ଥନ୍ୱେଷୀ ହେଇପାରିଲି ମୁଁ କେମିତି !

ହଠାତ୍ ମୋର ମନେ ପଡ଼ିଗଲା ଅନେକ ଦିନ ପରେ ଅଖିଳ ଓ ଝୁମୁରୀଙ୍କୁ ସାଙ୍ଗରେ ନେଇ ଘରକୁ ଆସିବା ଦିନର କଥା । ସେଇଦିନ ବି ସେ ମତେ ଖନେଇଲା ଭଳି କହିଥିଲା - ତତେ ମୋର ଅନେକ କଥା କହିବାକୁ ଅଛି । କିନ୍ତୁ କହିବି କହିବି ହେଇ ଆଜିଯାଏଁ ସେ କିଛି କହିନି ତ ମତେ ! ରାଗିପାଚି ମୁଁ ଯାଚ୍ଛାତା' ଶୋଧିଛି ତାକୁ ତଥାପି ସେ ପାଟିଖୋଲିନି । ହେଲେ କଣ ସେ କହିବ ! ଏମିତି କୋଉ ଗୁପ୍ତ କଥାକୁ ମୋ ସାମନାରେ ଉଗାଳିବା ପାଇଁ ଚାହିଁ ବସିଛି ଦିନ ଦିନ ଧରି !

ସୁଖ ତ ନୁହେଁ ଦୁଃଖରେ ଭିଜିଭିଜି ଆଉ କିଛି ଦିନ ବିତିଗଲା । ମା'ଙ୍କର ଭଗବତ ଚିନ୍ତାକୁ ନେଇ ପୂଜା ଉପାସନା...ସୁଖମୟ ଭବିଷ୍ୟତର ସନ୍ଦେଶ ଦେଉନଥିଲେ ମଧ ଅଫୁରନ୍ତ ଧୈର୍ଯ୍ୟ ଓ ସାହସ ଭରି ଦେଉଥିଲା ସମସ୍ତଙ୍କ ହୃଦୟରେ ।

ହଠାତ୍ ଦିନେ ସମସ୍ତ ବଳ ଆଉ ସାହସକୁ ଏକାଠି କରି ମୁଁ ଧାଇଁଗଲି ଲେଖାର ରୁମ୍ ଆଡ଼େ । ସେ ଶୋଇଥିଲା ପୂର୍ବଭଳି । କିନ୍ତୁ ଲାଗୁଥିଲା ତା ଦେହ ନୁହେଁ ବରଂ ଲମ୍ବା ଭାବେ ଧାରେ ଚଦର ଯେମିତି ପଡ଼ିଛି ଖଟ ଉପରେ ! କିଛି ସମୟ ତାକୁ ନିରୀକ୍ଷଣ କଲି । ପାଖେଇ ଯାଇ ତା ମୁହଁକୁ ମୋ ଆଡୁଆ କରି ଆଉଁଷି ଦେଲି ଖୁବ୍ ଆଦରରେ ।

କିଛି ସମୟ ପରେ ମିଞ୍ଜିମିଞ୍ଜି ଆଖିରେ ସେ ନିକେ ଚାହିଁଲା । ହେଲେ ସେ ନିକେ ଚାହିଁଛି... ନା ଆଉ କିଏ... ଏଇ ଭ୍ରମରେ ମୁଁ ଘାରିହେଲି କିଛି ସମୟ । ମୋ ହାତ ଉପରେ ଧୀରେ ତା ହାତ ଥୋଇଲା ସେ କିନ୍ତୁ... ତା ନରମ ସ୍ପର୍ଶ ମୁଁ ଅନୁଭବ କରିପାରିଲିନି । ଏତେ ଦୁର୍ବଳ ହେଇଯାଇଛି ସେ, ହାତ ଲମ୍ୱେଇ କାହାକୁ ଛୁଇଁବା ପୁଣି ଆଖି ଖୋଲି ଚାହିଁବା ବି ତାକୁ କଷ୍ଟ ଦେଉଛି, ଭାବିଲା ମାତ୍ରେ ମୋ ଦେହ ଥରି ଉଠିଲା । ଜମିଗଲା ପୁଳାପୁଳା ଲୁହ ଦୁଇ ଆଖିରେ । କିଛି ସମୟ ଚୁପ୍ ରହି ଧୀର ସ୍ୱରରେ ଥଙ୍ଗ୍‌ଥଙ୍ଗ୍ ହେଇ ସେ କହିଲା... ଲେଖା, ଏ ଲେଖା ତତେ ମୋର କେତେ କଥାକହିବାକୁ ଅଛିରେ !

ପୁଣି ସେଇ ଅଭିନୟ..., ରାଗ ମିଶା ଅଭିମାନରେ ମୁଁ ତାଠୁ ମୁହଁ ଫେରେଇ ଆଣିବା ବେଳେ ସେ ମୋ ହାତ ଉପରେ ହାତ ରଖି କହିଲା - ଆଜି ଶୁଣିଦେ ମୋ କଥା... ଆଉ ହୁଏତ ସମୟ ପାଇବୁନି ।

ମୁଁ ଆବାକ୍ ହେଲି... ମନେମନେ ଭାବି କହିଲି କେତେ ନେହୁରା ହେଇଛି ତୋଠୁ ପଦେ କଥା ଶୁଣିବା ପାଇଁ... ! ଏତେ ଜିଦ୍‌ଖୋର୍ କାହିଁକି ତୁ ହେଇଗଲୁ... । ପିଲାଦିନର ସାଙ୍ଗକୁ ବିଶ୍ୱାସ କଲୁନି କି ତା'ଉପରେ ଭରସା ରଖିଲୁନି... !

ଦମ୍ ଛୁଟିଗଲା ଭଳି ଧକ୍‌ଧକ୍ ଲାଗିଲା ସେ, କୁନ୍ଥେଇ କୁନ୍ଥେଇ ପାଣି ମାଗିଲା ମତେ ପିଇବା ପାଇଁ । ଧୀରେ ଖୁବ୍ ଧୀରେ କହିଲା - ମତେ ବିଛଣା ଉପରେ ବସେଇ ଦେଇ ପାରିବୁ... ! ଆଜି କିଛିଟା ହାଲ୍‌କା ଲାଗୁଛିରେ... !

ମୁଁ ତା'କୁ ମୋ ଛାତିରେ ଆଉଜେଇ ପାଣି ପିଆଇଲା ବେଳେ, ତା ଗଳାରେ ଅଟକିଗଲା ଚଳାଏ ପାଣି, କାଶି କାଶି ନୟାନ୍ତ ହେଇଗଲା ସେ । ଆଖି ଦି'ଟା ହଠାତ୍ ଲାଲ୍ ପଡ଼ିଗଲା । ଦୁମ୍‌ଦୁମ୍ କରି ଛାତି ପଡ଼ିଲା ଉଠିଲା । ସେ ଦୋହଲିଲା ଆଗପଛ ହେଇ । ମୁଁ ଡରିଡରି ଚିଲ୍ଲେଇଲି ମା, ବାପା ଆସ ଶୀଘ୍ର । ଅଖିଲ୍ କୁଆଡ଼େ ଗଲ ତମେ । ଦେବା ମାନସୀ... ପିଲାମାନଙ୍କୁ ନେଇ ଶୀଘ୍ର ଆସ ! କାଶି କାଶି ଲେଖା ଆକ୍ତାମାକ୍ତା ହେଇଯାଉଛି । ହେ ଭଗବାନ୍ ମୁଁ ଏବେ କଣ କରିବି... କେମିତି ସମ୍ଭାଳିବି ଲେଖାକୁ ! କୁଆଡ଼େ ଗଲ ଯେ ତମେମାନେ... ?

ମୋ ବ୍ୟସ୍ତତା ଦେଖି ଲେଖା ମୋ ପାଟିରେ ଆଙ୍ଗୁଳି ଦେଇ ନିର୍ଦ୍ଦେଶ ଦେଲା - ଚୁପ୍ ରହ ଏତେବଡ଼ ପାଟିଟାଏ କାହିଁକି କରୁଛୁ । ତୋ ସହିତ ମୋର କଥାବାର୍ତ୍ତା କରିବାକୁ ଅଛି... ହଲ୍ଲାପଟା ପକେଇ ଅନ୍ୟମାନଙ୍କୁ ଡାକୁଛୁ କାହିଁକି !

ପୁଣି ଦମ୍ ନେଲା ସେ କିଛି ସମୟ ପାଇଁ...।

ମୁଁ ବକ୍‌ବକ୍ କରି ଚାହିଁଥିଲି ତାକୁ । ତା' ଥରଥର ଦେହକୁ ଆଉଁଷି ଦେବାପାଇଁ ହାତ ବଢ଼େଇଲି । ହେଲେ ସେ ବାରଣ କରି କହିଲା - ମୁଁ ଠିକ୍ ଅଛିରେ... ମୋ ପାଇଁ ଜମାରୁ ତୁ ବ୍ୟସ୍ତ ହ'ନା । ଯାହା କହୁଛି କେବଳ ଶୁଣୁ ।

: କଣ କହୁଛୁ ଶୀଘ୍ର ଶୀଘ୍ର କହ । ଆଜିଯାଏଁ କିଛି କହୁନଥିଲୁ ବୋଲି ତ ମୋ ହୃଦୟ ଓ ମନ ମରୁଭୂମି ପାଲଟିଯାଇଥିଲା । ଏବେ ଯଦି ମରୁଝରଣା ଝରେଇଛି- ମୁଁ ଓଗାଳିବି କାହିଁକି ? କହ... ଆଉ ଅପେକ୍ଷା କାହିଁକି କରୁଛୁ ଯେ !

କେଜାଣି ଭିତିରି ଯନ୍ତ୍ରଣା ଆଉ ଥରେ ଆରମ୍ଭ ହେଲାକି ସେନେହ କିଛି ସମୟ ପାଇଁ ବିଛଣାରେ ଗଡ଼ିପଡ଼ିଲା ଲେଖା । ଉଠିଲା...ପୁଣି ଶୋଇଲା । ଏମିତି କିଛି ସମୟ ବାଦ୍ ଧୀରେଧୀରେ କହିଲା, ମୁଁ ଯାହା କହିବି... ମାନିବୁଟି ମୋ କଥାକୁ ? ପୂର୍ଣ୍ଣକରିପାରିବୁ ମୋ ଇଚ୍ଛା ଓ ଆଶାମାନଙ୍କୁ ? କେବଳ ତୋରି ଉପରେ ମୋର ଆସ୍ଥା ଓ ବିଶ୍ୱାସ ଅଛି...ପାରିବୁ ।

: ନିଶ୍ଚୟ ପାରିବି । ତୁ' ଯାହା କହିବୁ ଖୋଲିକି କହିଦେ । ଯେତେ କଷ୍ଟ ହେଲେ ବି ତୋ କଥା ରକ୍ଷା କରିବି ମୁଁ ।

ହଠାତ୍ ବିକଳ ଆକୁଳ ସ୍ୱରଟିଏ ଭାସିଆସିଲା ତା'ଠୁ । ଚାହୁଁ ଚାହୁଁ ସେ ଚିତ୍‌କାତ୍ ହେଇ ଶୋଇପଡ଼ିଲା ବିଛଣା ଉପରେ । ହେଲେ ତା' ମୁହଁରେ ଯନ୍ତ୍ରଣା ନୁହେଁ ଶାନ୍ତି ଓ ସନ୍ତୁଷ୍ଟତାର ଚିହ୍ନ ଲାଖିରହିଥିବାର ଦେଖିଲି ମୁଁ । ତା ଶେଷ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବା ପାଇଁ ମୁଁ ତାକୁ କଥାଦେଇଥିବାରୁ ସେ କଣ ସନ୍ତୁଷ୍ଟ ହେଇଯାଇଛି । ହେଲେ କଣ ସେ କହିବ.. ମୁଁ ନକରି ପାରିଲା ଭଳି କିଛି ନୁହେଁ ତ ! ଲେଖା... ଲେଖା... କହ, କଣ ତୋ ଇଚ୍ଛା... କହ ମତେ ! ମୁଁ ପୂର୍ଣ୍ଣ କରିବି ତୋ ଇଚ୍ଛାମାନଙ୍କୁ । ଯାହା କହିବୁ... କରିବାକୁ ମୁଁ ପଛେଇବନି, ତେବେ କହୁନୁ କାହିଁକି... ଶୀଘ୍ର କହ... ଏତେ ପଛଉଛୁ ଯେ !

ଉଠିଲା ସେ କହିଲା ସଞ୍ଜୟଙ୍କ ପାଖକୁ ମତେ ନେଇପାରିବୁ ? ସେ ମତେ ଅପେକ୍ଷା କରିଛନ୍ତି । ରହିରହି ତାଙ୍କ ସ୍ୱର ମୁଁ ଶୁଣିପାରୁଛି । ସେ ଡାକୁଛନ୍ତି । ସେଇଠିକୁ ନେଇଯା'ନା ମତେ ! ସାରାଜୀବନ ପାଇଁ ସେଠିକି ହିଁ ତ ମୋ ପ୍ରାପ୍ତି । ମୁଁ ଜାଣିଛି ତୋ ମାମୁ ମାଇଁଙ୍କ ଉଗ୍ର ବ୍ୟବହାରରେ ତମେମାନେ କ୍ଷୁବ୍ଧ । ହେଲେ ଟିକେ ତଳେଇ କରି ତୁ ଚିନ୍ତାକର । ତାଙ୍କ ସ୍ଥାନରେ ଆମେ ଯଦି ଥାନ୍ତେ... ଦୁଃଖୀତ ଆକୁଳିତ ହେଇନଥାନ୍ତେ କି ? ଏଣୁ କାହିଁକି ତାଙ୍କୁ ଦୋଷ ଦେବା ? ବରଂ ଭଗବାନଙ୍କୁ ପ୍ରାର୍ଥନା କରିବା ଯେ ଏକମାତ୍ର ସନ୍ତାନକୁ ହରେଇ ସେମାନେ ଯୋଉ ଦୁଃଖକଷ୍ଟ ପାଉଛନ୍ତି - ଈଶ୍ୱର ଲାଘବ କରନ୍ତୁ ସେ ଦଣ୍ଡରୁ ସେମାନଙ୍କୁ ।

ଦୀପ ଲିଭିଗଲାବେଳେ ଧପ୍‌କରି ଜଳିଲା ଭଳି... ଏ, ଲେଖା ଏତେ ଜୋରରେ କଥା କହିପାରୁଛି କେମିତି...? ପ୍ରଭୁ ସତରେ କଣ ତା'ର ଶେଷ ସମୟ ଆସିଯାଇଛି ! ଏଇତ' ଧକ୍‌ଧକ୍ ହେଉଛି ତା ଛାତି । ଛାତିକୁ ଜାକିଧରି ଖୁବ୍ କଷ୍ଟରେ ସେ କହୁଛି - ଅନେକ କିଛି ତତେ କହିବାର ଅଛି...।

: ତୋ ଅବସ୍ଥା ଭଲ ନାହିଁ... ମୁଁ ଜାଣିପାରୁଛି । ବାପାଙ୍କୁ କହିବିକି ଡାକ୍ତରଙ୍କୁ ଡାକିବା ପାଇଁ ?

: ନା... ସେମିତି କିଛି ତୁ ଭାବେନା... । ସମୟ ଆଉ ନାହିଁରେ ଚିତ୍ରା... । ଦେ ମତେ ପୁଣି ଖୁଆଇଦେ । ପିଠିଟା ଖୁବ୍ ଜୋରରେ ବିନ୍ଧୁଛିରେ । ମାମୁ ମାଇଁ କୁଆଡ଼େ ଗଲେ ? ଅଖିଲ୍ ବାବୁ, ଦେବା କଣ କରୁଛନ୍ତି । ମାନସୀ କଣ ଝୁମୁରୀ ଆଉ ଲୁଲାଙ୍କୁ ଶୁଆଇଦେଉଛି କି ?

: ନା...ନା ମାନସୀ ଏଇ ସଙ୍ଗେସଙ୍ଗେ ତୋ ଖାଇବା ଆଣି ପହଞ୍ଚିବ । ତୁ ବ୍ୟସ୍ତ ହ'ନା । ପିଲାଦିଟା ପରା ବର୍ଷାରେ ଓଦା ହେଇ କାଗଜଡଙ୍ଗା ଭସଉଛନ୍ତି... । ଏତେ ବଦମାସି କରୁଛନ୍ତି ଝୁମୁରୀ ଓ ଲୁଲା... ସମ୍ଭାଳି ହେଉନି ସେମାନଙ୍କୁ । ସକାଳୁ ତ ଚାଲିଛି ସେମାନଙ୍କ କାମ - ଖାତାରୁ କାଗଜ ଚିରି ଡଙ୍ଗା ତିଆରିବା ପୁଣି ତାକୁ ନେଇ ଅଗଣାରେ ବହିଯାଉଥିବା ବର୍ଷାପାଣିରେ ଭସେଇବା ।

: ଏଁ...କଣ କହିଲୁ - କାଗଜଡଙ୍ଗା ! ପାଣିରେ ଭସଉଛନ୍ତି ସେମାନେ ! ଯେମିତି ସଞ୍ଜୟ ଭସଉଥିଲେ ନଈପାଣିରେ ! ମତେ ସେମିତି ଗୋଟେ ଡଙ୍ଗାରେ ବସେଇ ତାଙ୍କ ପାଖରେ ଛାଡ଼ିଦେଇ ପାରିବୁ ତୁ... ?

ଲେଖାର ନୀତିଗତି ଦେଖି ମତେ ଭାରି ଡରଲାଗୁଥିଲା । ଏଣୁ ପୁଣି ଥରେ ମୁଁ ସମସ୍ତଙ୍କୁ ଡାକ ପକେଇଲି...।

ଆସିଲେ ବି ସମସ୍ତେ । ମୁହଁ ଶୁଖେଇ ବାପା ମା' ଆସି ଚୁପ୍‌ଚାପ୍ ବସିରହିଲେ ତା'ପାଖେ । କାରଣ ସେ କେତେ ପୂର୍ବରୁ ଜାଣି ସାରିଥିଲେ ଲେଖା ଆଉ ଆମର ନୁହେଁ । ମା' ତା ଦେହ ମୁଣ୍ଡକୁ ଆଉଁଷି ଦେଇ ଭେଁଭେଁ ରଡ଼ିଛାଡ଼ି କାନ୍ଦିଲାବେଳେ ସେ ଥରିଥରି କହିଲା - ମୋ ଭାଇମାନଙ୍କୁ ଫେରେଇ ଆଣିବ ବୋଲି ମତେ କଥା ଦେଉଛ... ହେଲେ ରଖିବ ନା, ମୋ କଥା ! ମାମୁ... କଦାବି ମତେ ତମେ ଭୁଲ୍ ବୁଝିବନି । ମୁଁ ସେମିତି କିଛି ଜଘନ୍ୟ କାମ କରିନି ଯେ... ତଳୁ ମୁଣ୍ଡ ଉଠେଇପାରିବନି ତମେ । ଅଖିଲ୍ ବାବୁ ତ ମୋ ପାଇଁ ଅନେକ କରିଛନ୍ତି । ଦେବା ଆଉ ମାନସୀଙ୍କୁ ମୁଁ କଣ କହିବି ? ସେଇମାନଙ୍କ ସେବାଯତ୍ନରେ ମୁଁ ଆଜିଯାଏଁ ତିଷ୍ଠିଛି । ସେମାନଙ୍କୁ କଣ ଭୁଲିପାରିବି ମୁଁ ହେଲେ... ମୋ କଥା ରଖିବ ତମେମାନେ, ସଞ୍ଜୟଙ୍କ ବାପ ମା'ଙ୍କୁ କ୍ଷମା କରିଦେବ ।

ପୃଥିବୀ ଘୂରିଘୂରି ଅନ୍ୟ ମୋଡ଼ ନେଲା । ଧପ୍‌କରି ଲିଭିଗଲା ଜୀବନ ଦୀପ । ଆମ ପୂଜା ପ୍ରାର୍ଥନା ତା' ପାଇଁ ଆଶୀର୍ବାଦ ହେଉ... ସେତିକି କେବଳ ଚାହୁଁଥିଲୁ ଆମେମାନେ । ସେ ତ' ଚାଲିଗଲା, ହେଲେ ଦେଇଗଲା - ଗୋଟେ ସ୍ନେହ ଶ୍ରଦ୍ଧା ଓ ପ୍ରେମପୂର୍ଣ୍ଣ ହୃଦୟକୁ ଝୁରିବା ପାଇଁ, କାଳରୁ କାଳାନ୍ତରଯାଏଁ ।

ମା' ମୁଣ୍ଡ ପିଟି ବାହୁନିଲେ- ସୁଭଦ୍ରା ମତେ ଭୁଲ୍ ବୁଝିବନି । ତମ ଅଲିଅଳି ଲବଣୀପିତୁଳୀ ଝିଅକୁ ରକ୍ଷା କରିପାରିଲିନି ମୁଁ । ସ୍ୱର୍ଗରେ ଥାଇ ଶାଶୂ ମା' ମତେ ଧିକ୍କାରୁଥିବେ । ସତରେ କେତେବଡ଼ ଦୁର୍ଘଟଣା ଆମ ମୁଣ୍ଡ ଉପରଦେଇ ଚାଲିଗଲା...। ଲେଖା ବଦଳରେ ବିଧାତା ମତେ ହେଲେ ଦେଇଯାଇଥାନ୍ତା... !

ହୁତ୍‌ହୁତ୍ ହେଇ ଶ୍ମଶାନରେ ଜଳିଲା ତା ଚିତା । ଆମମାନଙ୍କ ଲୁହରେ ଓଦାହେଇଯାଇଥିଲା ନିଆଁ ଧୂଆଁରେ ଜମାଟ ବାନ୍ଧିଥିବା ଶକ୍ତ ମାଟି । ବିକଳ ବିକଳ ଲାଗୁଥିଲା ମତେ । ମନେମନେ ଭାବୁଥିଲି - ପୃଥିବୀର ଅନେକ ରହସ୍ୟ ମଣିଷ ଉଦ୍‌ଘାଟନ କରିସାରିଛି, ହେଲେ ମୃତ୍ୟୁର ବାଟକୁ କରିନି କାହିଁକି ?

ଜଳିଗଲା ଲେଖାର ସୁନ୍ଦର, କୋମଳ ଦେହ ଓ ମନ । ହେଲେ ମେଞ୍ଚାଏ ପାଉଁସ ଗଦା ଭଳି ସେ ମତେ ଲାଗୁନଥିଲା । ତା ଝକ୍‌ଝକ୍ ରୂପ ନାଚି ଯାଉଥିଲା ମୋ ଆଖି ଆଗରେ । ନରମ କୋଇଲି ସ୍ୱର ଟୁଣ୍ଟାଣ୍ ବାଜି ଯାଉଥିଲା ମୋ ଛାତିରେ ।

ମାନସୀ ଓ ଦେବା କାନ୍ଦିକାନ୍ଦି ଅଥୟ ହେଲେଣି, ବାପା କୁନ୍ଥେଇଲେଣି ଦୁଃଖର ବୋଝ ବୋହି ନପାରି । ଆରେ ଝୁମୁରୀ ଓ ଲୁଲା ଦୌଡ଼ିଦୌଡ଼ି ଆସୁଛନ୍ତି ଯେ...ଏମାନଙ୍କୁ ତ ପାରିହେବନି... । ଝୁମୁରୀ ମୋ ପାଖକୁ ଆସି କହିଲା - ଆମେ କେତେବଡ଼ ଡଙ୍ଗାଟେ ତିଆରି କରି ଆଣିଛୁ...ଚାଲ ଲେଖା ମାଉସୀଙ୍କୁ ଏ ଡଙ୍ଗାରେ ବସେଇ ବିଦାୟଦେବା...। ଜାକି ପକେଇଲି ପିଲା ଦି'ଟାଙ୍କୁ । ଭାବିଲି ମୋ ମନ କଥା ସେମାନେ ବୁଝିଲେ କେମିତି ? ରକ୍ତ ସମ୍ପର୍କର ଦାବି ଥାଏ ବୋଲି ସେମାନେ ଜାଣିଲେ କେମିତି ? କିଏ ତାଙ୍କୁ କହିଲା... ଏ ସମ୍ପର୍କ, କେବେ ତୁଟେନି ବୋଲି ! ହଉ ଏମାନେ ଯାହା କଲେ ଠିକ୍ ହିଁ କଲେ ।

ଚିତା ଭସ୍ମ ଧରି ଆମେ ସମସ୍ତେ ଆଗେଇଲୁ ସମୁଦ୍ରବେଳାକୁ । କାଗଜଡଙ୍ଗାରେ ଫୁଲଚନ୍ଦନ ଦେଇ ଲେଖା ଦେହର ଶେଷ ଭସ୍ମକୁ ରଖି ଭସେଇଦେଲୁ ଗଭୀର ସମୁଦ୍ରରେ । ମନେମନେ ମୁଁ ଗୁମୁରିଲି - ଯା' ଲେଖା ତୋ ମନର ମଣିଷ ପାଖକୁ ଚାଲିଯା' । ତୋର ମନେଥିବ...ଗାଁକୁ ଗଲେ ସହଦେବ ଦାଦା ଆମକୁ ନଈ ଆଡ଼କୁ ବୁଲେଇ ନେଉଥିଲେ । ନଈ ଆରପଟ ସମୁଦ୍ରବାଲିରେ ଆମେ ଗଢ଼ୁଥିଲେ... ଖେଳୁଥିଲେ ପୁଣି ମନ୍ଦିର ଗଢ଼ୁଥିଲେ ଥାକଥାକ କରି । ଛଳଛଳ ପାଣିଭିତରେ ବାଲିଭର୍ତ୍ତି ସେଇ ବିସ୍ତୀର୍ଣ୍ଣ ଭୂଇଁ କେତେ ସୁନ୍ଦର ଦିଶୁଥିଲା । ସଞ୍ଜୟ ଭାଇ ତ ଏକବାର୍ ଲାଗିଯାଇଥିଲା ସେ ଜାଗାରେ । ମୋ ମନ ଆଜି କହୁଛି ଲୋ...ସେ ସେଇଠି ହିଁ ମନ୍ଦିର ପରି ଘରଟିଏ କରି ତୋ ଅପେକ୍ଷାରେ ଅଛି । ତୁ...ଯା'... ଯାହାକୁ ହୃଦୟ ଦେଇଥିଲୁ ତା' ପାଖକୁ ଚାଲିଯା'...। ସେ ଅଛି ସେ ଉଚ୍ଛଳ ଉପତ୍ୟକାରେ, ପ୍ରେମପୂର୍ଣ୍ଣ ହୃଦୟଟିଏ ଛାତିରେ ଜାକି । ଯୁଗରୁ ଯୁଗାନ୍ତରଯାଏଁ ତୋ ଅପେକ୍ଷାରେ ଅଛି ସେ...ଯା...ତୁ...ତା ପାଖକୁ ଚାଲିଯା' ॥


(ସମାପ୍ତ)

## ଅନୁବାଦ ଗଳ୍ପ

# ବଂଚିବାର ରାହା

ମୂଳହିନ୍ଦୀ- ଅର୍ଚ୍ଚନା ଗହଲତ






ଅନୁବାଦ- ବିନୟ କୁମାର ଦାସ


ସକାଳୁ ସକାଳୁ ବୃଦ୍ଧାଶ୍ରମରେ ପହଂଚି ସେଠାକାର ସମସ୍ତ ଆଇନଗତ କାଗଜପତ୍ର କାମ ସରିବା ପରେ ପୁଅ ବୋହୂ ଫେରିବା ପାଇଁ ପ୍ରସ୍ତୁତ ହେଲେ । ଏତିକି ବେଳେ ନାତି କହିଲା, 'ଆମେ କଣ ତିନିଜଣ ଫେରିଯିବା ? ଜେଜେ ଆମ ସହିତ ଯିବେନି ? ତାଙ୍କୁ ବି ଆମ ସହିତ ନେଇଚାଲ ନା ।'

ନାତିକୁ କଟମଟ କରି ଚାହିଁଲା ବୋହୂ । ତାପରେ ତାକୁ ଏକପ୍ରକାର ଘୋଷାରି ଘୋଷାରି ନେଇ ଯିବା ସମୟରେ ସେ ବିକଳ ହୋଇ ଜେଜେଙ୍କୁ ଅନାଇ କାନ୍ଦି ପକାଇଲା । ତା ଆଖିର ଲୁହ ଆଉ ତା ବିକଳ ଅବସ୍ଥା ଦେଖି ସେ ଏକ ଅଜଣା ଦୁଃଖରେ ଭାଙ୍ଗି ପଡିଲେ । କିନ୍ତୁ ତାଙ୍କର କିଛି କରିବାର ନଥିଲା । ପୁଅ ବି ତାଙ୍କୁ କିଛି ନକହି ବିଦେଶ ଯାତ୍ରା ପାଇଁ ତରତର ହୋଇ ଏୟାରପୋର୍ଟ ଅଭିମୁଖେ ଚାଲିଗଲା । ନିଜର ପୁଅ ଯେତେବେଳେ ପର କରି ଦେଉଛି, ସେତେବେଳେ ସେ ବା କହିବେ କାହାକୁ ? ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରି କିଛି ସମୟ ଚୁପଚାପ ବସି ରହିଲେ ସେଇଠି । ସାରା ଜୀବନ ତାଙ୍କୁ ଏଇଠି ଏଣିକି ରହିବାକୁ ପଡିବ ।

ସେମାନଙ୍କର ଯିବାର ଏଇ ମାତ୍ର କେଇଟା ଘଂଟା ବିତିଲା । ହେଲେ ତାଙ୍କୁ ଜଣାଯାଉଥିଲା ସତେ ଯେମିତି ଇତି ମଧ୍ୟରେ ଗୋଟିଏ ଯୁଗ ବିତିଗଲାଣି । ସେ ଆଉ ଏଠାରୁ ନିଜ ଘରକୁ ଫେରି ଯାଇ ପାରିବେନି । ଏଇଟା ତାଙ୍କର ଘର । ଶେଷ ନିଃଶ୍ୱାସ ଥିବା ଯାଏ । ଘର କଥା ଆଉ ପରଲୋକରେ ଥିବା ପତ୍ନୀଙ୍କ କଥା ମନେ ପକାଇ ଆଖି ଛଳଛଳ ହୋଇଆସୁଥିଲା । ବିଦାୟ ବେଳରେ ନାତି ଆଖିର ଲୁହ ତାଙ୍କ ଆଖିରେ ପୁଣି ଥରେ ନାଚି ଉଠିଲା । ନା, ଏସବୁ ଭାବି କଣ ହେବ ? ସେଥିରୁ ନିବୃତ ହେବା ପାଇଁ ତାଙ୍କୁ ମିଳିଥିବା କୋଠରୀକୁ ସେ ଭଲ କରି ଦେଖିନେଲେ । କୋଠରୀର ଗୋଟିଏ କୋଣକୁ ରହିଥିଲା ମାଠିଆଟିଏ । ଏ ପ୍ରଚଣ୍ଡ ଗ୍ରୀଷ୍ମକାଳରେ ଶୋଷ ମେଂଟାଇବା ପାଇଁ ଏକମାତ୍ର ସାଧନ । ଛାତରେ ଝୁଲୁଥିବା ପଂଖାଟି ବହୁତ ଧୀରେ ଘରର ଘରର୍ କରି ବୁଲୁଥିଲା । ଜଣା ଯାଉଥିଲା ସତେ ଯେମିତି ସେ ବହୁତ କଷ୍ଟରେ ନିଃଶ୍ୱାସ ନେଉଛି ।

ସେଇଠୁ ଥାଇ ସେ ଆଶ୍ରମର ସାମ୍ନା ପଟକୁ ଅନାଇଲେ । ସେଇ ପାଖରେ ସେ ଦେଖିବାକୁ ପାଇଲେ ଏକ ସୁନ୍ଦର ପାର୍କ । ଆଶ୍ରମରୁ ବାହାରି ସେ ପାର୍କ ଆଡକୁ ଚାଲିଲେ । ସେଇ ଖୋଲା ବାତାବରଣରେ କିଛି ସମୟ ବୁଲାବୁଲି କଲେ । ଗୋଟିଏ ବେଂଚରେ ଆଖି ବନ୍ଦ କରି ବସି ପଡିଲେ । ସେତିକି ବେଳେ କୁଆଡେ ଥିଲା କେଜାଣି ଗୋଟିଏ ଛୋଟ ବାଳକ ଆସି ତାଙ୍କୁ ତା ନରମ ଆଂଗୁଳିରେ ସ୍ପର୍ଶ କରି କହିଲା, 'ମୁଁ ତୁମକୁ ଜେଜେ ଡାକି ପାରିବି କି ? ମାନେ ତୁମେ ମୋ ଜେଜେ ହବ କି ?'

ଭାବନା ରାଜ୍ୟରୁ ଫେରି ଆସିଲେ ସେ । ଆଖି ଖୋଲିଲେ । ଦେଖିଲେ ତାଙ୍କ ସାମ୍ନାରେ ସୁନ୍ଦର ଗୁଲୁଗୁଲିଆ ପିଲାଟେ ଛିଡା ହୋଇ ତାଙ୍କୁ ଦେଖି ମୁରୁକି ମୁରୁକି ହସୁଛି । ସେ ବି ହସିଦେଲେ ଆଉ ତାକୁ କୋଳେଇ ନେଲେ ଅତି ଆଦରରେ । ତାଙ୍କୁ ଜଣାଗଲା ସତେ ଯେମିତି ସେ ବଂଚିବାର ଏକ ରାହା ପାଇଗଲେ । ଉପରକୁ ହାତ ଉଠାଇ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ମନେମନେ କହୁଥିଲେ । ଜୀବନର ଜଟିଳ ଛନ୍ଦକୁ ମଣିଷ କଣ ଏତେ ସହଜରେ ବୁଝି ପାରିବ କି ? ତୁମେ ମହାନ ପ୍ରଭୁ ! ତୁମେ ସତରେ କରୁଣାମୟ ।

ଆଦର ସହକାରେ ସେ କୋଳେଇ ନେଲେ ପିଲାଟିକୁ ।


♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ-୭୯୭୮୮୬୦୩୬୩

## ଗୋଟେ ବହିର ଆଲୋଚନା..



# ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ଗୋପଯାତ୍ରା': ଜୀବନର ଅନନ୍ୟ ଜୟଯାତ୍ରା

ସୁବ୍ରତ କୁମାର ସେନାପତି

ଉତ୍ତର ଆଧୁନିକ କବି ମାନଙ୍କ ଭିତରୁ ବେଶ କରି ବାରି ହୋଇ ପଡୁଥିବା କବି ହେଉଛନ୍ତି ସେନାପତି ପ୍ରଦ୍ୟୁମ୍ନ କେଶରୀ। ମହୁ ମୁହାଣ, ଅଲଗା ଅଯୋଧ୍ୟା, ଖେଳଛୁଟିର ଖରା, ପୁତନା କବିଙ୍କର ନିଆରା କାବ୍ୟସ୍ୱରର ପରିଚୟ ବହନ କରେ। କବିଙ୍କର କହିବାର ଶୈଳୀ ହିଁ ଅନନ୍ୟ। ଏକଥା କେବଳ କବିଙ୍କ କବିତା କୁହେନା ବରଂ କୁହେ ତାଙ୍କ ସ୍ୱୀକାରୋକ୍ତି। ଏ ଯେମିତି ଖୁବ ଉଗ୍ର ପ୍ରକାଶନୀ ତରଫରୁ ସଦ୍ୟ ପ୍ରକାଶିତ ତାଙ୍କ କବିତା ସଙ୍କଳନ 'ଗୋପଯାତ୍ରା'ର 'କବିତାର କଥା'ରେ କବି କହୁଛନ୍ତି-

'ଶୀତ ସକାଳରେ ଘାସ ଦେହରେ ପଡିଥିବା ଟୋପାଏ କାକରକୁ ମୋର ଭାରି ଇଚ୍ଛା ହୁଏ ଛୁଇଁବାକୁ। ତାକୁ ମୁଁ ଆଙ୍ଗେଳିନା ଆଙ୍ଗୁଳି ଟିପରେ ଛୁଏଁ। ନିଦରେ ଶୋଇଥିବା ଶିଶୁଟି ପରି ହଠାତ ସେ ଚମକି ଉଠେ। ମୋତେ ଦେଖି ଡରିଯାଏ ସେ, ମୋ ଆଖିକୁ ସେ ଆଉ କାକର ପରି ଦିଶେନା, ଦିଶେ ଯନ୍ତ୍ରଣାରେ ଓଦା ଟୋପାଏ ଲୁହ ପରି। ସେଇ ଲୁହ ଟୋପାଏ ପଡିଲେ ମୋ ଛାତିକୁ, ତା ପରେ ପ୍ରାଣକୁ, ତା ପରେ ମୋର ନିଶ୍ୱାସ ପ୍ରଶ୍ୱାସକୁ ସଂଚରିଯାଏ।'

ଏ ସ୍ୱୀକାରୋକ୍ତି ହିଁ କହିଦେବ କବିଙ୍କ ସୂକ୍ଷ୍ମ ଦୃଷ୍ଟିକୋଣ ଜୀବନ ପ୍ରତି। ଏ ଶାଣିତ ଜୀବନବୋଧ ଓ ଆତ୍ମାନୁଭୂତି ହିଁ ତାଙ୍କ କବିତା ଯାତ୍ରାକୁ କରିଛି ଅନେକମାତ୍ରାରେ ସଫଳ। ସେଠେ ଛଳଛଳ ଉଦବେଗସିକ୍ତ ତାଙ୍କର କବି ପ୍ରାଣ ସଚେ! ଏ ଯେମିତି -

କୋଉ ଅଭରଣ ନଦୀର କୁଳୁକୁଳୁ/ମୋତେ ଆଉଜେଇ ନେଇଚି କୋଳକୁ/ଶୂନ୍ୟାକାଶରେ ଦେଖୁଚି/କଳାଙ୍ଗାଗରରେ ଲେଖା/କିଛି ଅଜଣା ନାଁ.../କିଛି କିଛି ଅବସୋସର କଳାଛାଇ।(ସେ କହୁଛି)

କବିଙ୍କର ଜୀବନ ପ୍ରତି ଏ ଅନନ୍ୟ ଦୃଷ୍ଟିଭଙ୍ଗୀର ପରିଚୟ ଦିଏ ସଙ୍କଳନସ୍ଥ ଆଉ ଏକ କବିତା 'ଦି ଭାଗ ଜୀବନ'ରେ, ଯେଉଁଥିରେ କବିଙ୍କ କଳମରୁ ଝରି ଆସିଛି ପୀଡା, ଶୋକ, ଯନ୍ତ୍ରଣା ଭିତରେ ବି ଆଶା, ଭଲପାଇବା ଓ ଜୀବନ ପ୍ରତି ଗଭୀର ଅନୁରାଗର କଥା।

ସରଳ ଭାଷାରେ ଭିନ୍ନ ଭିନ୍ନ ଜୀବନର ଚିତ୍ରକୁ ଆଙ୍କିବାରେ ଅତ୍ୟନ୍ତ ସଫଳ ବୋଲି ମନେ ହୁଅନ୍ତି କବି। ଜୀବନକୁ ପ୍ରାଣବନ୍ତ କରି ତୋଳିବାରେ କବି ଖୁବ ଧୂରନ୍ଧର।ଏକ ସାଧାରଣ ଜୀବନର ଚିତ୍ରକୁ ଅତି ନିଖୁଣ ଭାବରେ ତୋଳିଧରିଛନ୍ତି କବି 'ଘର ତୋଳିବାର ସ୍ୱପ୍ନ' 'କେଳା', 'ମଧ୍ୟବିତ୍ତ' ଓ 'ବିସ୍ଥାପିତ' ପରି ଅନେକ କବିତାରେ।

କବି ପାରିବାରିକ ଜୀବନ ଭିତରେ ପ୍ରେମର ଭୂମିକା ଯେ ଖୁବ ଗୁରୁତ୍ୱପୂର୍ଣ୍ଣ ତାହା କଳ୍ପନା କରିଛନ୍ତି ଉଇମାନଙ୍କ ଘର ତୋଳା ଦେଖି। ସେମାନଙ୍କ ଘର ତୋଳିବା ସ୍ୱପ୍ନ ଭିତରେ ହିଁ ଉଙ୍କି ମାରୁଥାଏ ଅପୂରନ୍ତ ପ୍ରେମ। ସେ ପ୍ରେମ ଟିକକ ହିଁ ତ ଲୋଡ଼ା ପ୍ରତିଟି ଘରେ ଓ ପାରିବାରିକ ଜୀବନରେ। ସେଥିପାଇଁ ତ କବି ସ୍ୱୀକାର କରିଛନ୍ତି:

ଯଦି ମୁଁ ପାରନ୍ତି/ ସେମାନଙ୍କ ଠାରୁ ଶିଖନ୍ତି/ ଇଟା, ସିମେଣ୍ଟ, ଛଡ଼ ବିନା/ କେବଳ ମାଟିରେ କେମିତି ତୋଳିହୁଏ/ ପ୍ରେମର ଘର। (ଘର ତୋଳିବାର ସ୍ୱପ୍ନ)

ପାଠକଟିଏ ସ୍ତବ୍ଧ ହୋଇଯିବ କବିଙ୍କର ଏ କବିତା ସଂକଳନର ପ୍ରଥମ କବିତା 'ଖୋଲା ବେଶ'ର ପ୍ରଥମ ପଦରେ ଯେଉଁଠି ନଗ୍ନତା ଭିତରେ କବି ଅଶ୍ଳୀଳତା ନୁହଁ ବରଂ ଖୋଜିଛନ୍ତି ସୌନ୍ଦର୍ଯ୍ୟ। କବିଙ୍କ ଭାଷାରେ:

କିଛି ନପିନ୍ଧିବା ବି / ଗୋଟେ ଅଲଗା ରକମର ସଜବାଜ!


କବିଙ୍କ ଦୃଷ୍ଟିରେ କୋଣାର୍କର ନଗ୍ନନଟୀର ଉନ୍ନତ ବକ୍ଷୋଜରେ ପ୍ରସ୍ଫୁଟିତ ହୋଇଥାଏ ନନ୍ଦନବନର ଦୁର୍ଲଭ ପାରିଜାତ। ଦାମୀ ପୋଷାକଧାରୀଙ୍କ ଭିତରେ କବି ଦେଖିପାରନ୍ତି ନଗ୍ନତା ଅଥଚ ଲଙ୍ଗଳା ଭିକ୍ଷୁମାନଙ୍କ ସରଳପଣ ଭିତରେ ସେ ହଜି ଯାଆନ୍ତି।

'ଦାଗ' କବିତାଟି ପାଠକର ହୃଦୟରେ ଆଙ୍କିଦେବ ଏକ ଅଲିଭା ଦାଗ। ଏ କବିତାରେ କବି ଦେଖିଛନ୍ତି ମଣିଷଙ୍କ ଭିତରେ କୁକୁର ପଲକୁ, ସେମାନଙ୍କ ବୁଭୁକ୍ଷାକୁ ନେଇ ନିରିହ ଝିଅମାନଙ୍କ ପାଇଁ ସୃଷ୍ଟି ହେଉଥିବା ଆଶଙ୍କା ଭୟ ସବୁକୁ।

ଏବେ ବି ରକ୍ତ ଦାଗ / ଲିଭିନି ୟୁନିଫର୍ମରୁ/ ବହିର ପୃଷ୍ଠାରୁ ଲିଭିନି / ଲୁହବତୁରା ଧୂଳିର / ଘୋଷରା ଚିହ୍ନ / ଯାହା ପୋଷ୍ଟର ପରି / ନିଜ ଛାତିରେ ମାରିଚି ଇତିହାସ / ଏବେ ସିଆଡେ ନଚାହିବା ଭଲ। (ଦାଗ)

ସୁବିଧାବାଦୀ ମଣିଷର ଶଠତା, ଛଳନା, ଛଦ୍ମବେଶ ବିରୋଧରେ କବିଙ୍କର ଶାଣିତ ସ୍ୱର ମଧ୍ୟ ବାରି ହୋଇପଡିବ କବିତା 'ବଙ୍କା ହସ'ରେ ଯେଉଁ ହସ ପୋଛି ଦେଇ ପାରେନା କ୍ଷତ ବରଂ ଯେଉଁ ହସରେ ଥାଏ ତୀକ୍ଷ୍ଣ ଧାର ଯାହା କାଟି ଦିଏ ଶହ ଶହ ବେକ। କବିଙ୍କର ଭାଷାରେ:

ସେ ହସ / ମଲାଲୋକକୁ ଦେଇପାରେ ଇନ୍ଦିରା ଆବାସ / ନଥିବା ଲୋକକୁ ଉଡେଇଆଣି / ବାଡେଇଦିଏ ଭୋଟ ! / ସେ ବଙ୍କା ହସର କି ତୀକ୍ଷ୍ଣ ଧାର / ଆଖି ପିଛୁଳାକେ/ କାଟିଦିଏ ଶହଶହ ବେକ ! (ବଙ୍କା ହସ)




ଅନ୍ଧାର ଭିତରେ ନିଜର ପରିଚୟ ଖୋଜୁଥିବା କବି, ସବୁଜାଣି ବି ଚୁପ ରହୁଥିବା ଆଲୋକଗର୍ଭା ଆକାଶକୁ ଧିକ୍କାର କରୁଥିବା କବି କିନ୍ତୁ ସବୁପରେ ବି ହତାଶା ନିରାଶାରେ ଭାଙ୍ଗି ପଡି ନାହାନ୍ତି। ବରଂ ସେ ସ୍ୱପ୍ନ ଦେଖିଛନ୍ତି। କହିଛନ୍ତି କବିତାରେ ଆଶାବାଦର କଥା। ଏ ପ୍ରସଂଗରେ ମନେ ପଡିଯାଉଛି କବିତା ସଙ୍କଳନର 'ଇନ୍ଦ୍ରଧନୁ' କବିତାର ଶେଷ ଷ୍ଟାଂଜା।

ମୋ ଛାତି / ମୋତେ କଥା ଦେଇଛି / ଦିନେ ନା ଦିନେ / ସେ ମୋତେ ଭେଟିଦେବ / ଏମିତି ଗୋଟେ ଇନ୍ଦ୍ରଧନୁ / ଯାହାକୁ ଦେଖୁଦେଖୁ / ଝଡିପଡିବ/ ହିଂସ୍ର ପଶୁ ମାନଙ୍କର ନଖଦାନ୍ତ। (ଇନ୍ଦ୍ରଧନୁ)

'ଲାଭା' କବିତାରେ ପାଠକଟେ ଆଶ୍ଚର୍ଯ୍ୟ ଚକିତ ହୋଇଯିବ କବିଙ୍କର ନିଆରା ପ୍ରତୀକ ଚୟନରେ। ଏ କବିତାରେ କବି ପିମ୍ପୁଡି ମନ୍ଦା ଭିତରେ ହିଁ ଅବଲୋକନ କରୁଛନ୍ତି ସ୍ୱାଭିମାନୀ ଆତ୍ମାକୁ।

ଜୀବନର ଦୁଃଖ-ଦୈନ୍ୟ-ନୈରାଶ୍ୟ ଭିତରେ ବି କବି ପ୍ରେମରୁ ନିଜକୁ ମୁକୁଳାଇ ପାରିନାହାନ୍ତି। କବିଙ୍କ ପ୍ରେମ କବିତା ଗୁଡିକ ଖୁବ ଭିଜେଇବାର ଦକ୍ଷତା ରଖେ। 'ପୁନଶ୍ଚ ପୂତନା', 'ଅନେକ ଦିନ ପରେ', 'ଅତର', 'ତୁମକୁ ଖୋଜିଆଣେ ରାତି' ଏହାର ଜ୍ୱଳନ୍ତ ନିଦର୍ଶନ।

କୋଉ ଦୂର ଅତୀତର ପୃଷ୍ଠା ଭିତରୁ/ ତୁମକୁ ଖୋଜିଆଣେ ରାତି । /ମଶାଣିକୁ କରିଦିଏ ବାହାବେଦୀ /ମତେ ଫେରେଇଦିଏ /ମୋର ଗଲାଦିନର ଅଧାଲେଖା ପ୍ରେମଚିଠି/ପାଉଁଶରେ ଫୁଲଶେଯ ପାତି ! ( ତୁମକୁ ଖୋଜିଆଣେ ରାତି )

ତୁମ ଛଡ଼ା /ଆଉ କାହାକୁ ଦେବି କୁହତ/ମୋ ଫୁଟା ଚାଳରୁ ଝରୁଥିବା ବର୍ଷାପାଣି ?/ମୋ ଫଟା କାନ୍ଥ ଭିତରୁ ଉଠିଥିବା ଓସ୍ତ ଗଛ ?/ମୋ ଚୂଲିରୁ/ କଢ଼ା ହୋଇନଥିବା ପାଉଁଶ ? /ତୁମ ଛଡା କିଏ ବା ଆଉ/ମୋର ଲଜ୍ଜା ଘୋଡାଇବ/ଅର୍ଘ୍ୟ ନୂଆ କରିଦେଇ/ମୋ ଚିରା ପଣତ ? (ପୁନଶ୍ଚ ପୂତନା)

କବିଙ୍କ ଏ କବିତା ସଙ୍କଳନର ଶେଷ କବିତାଟି ହେଉଛି ଶୀର୍ଷକ କବିତା- 'ଗୋପଯାତ୍ରା'। ଏ କବିତା ପାଠକକୁ ଭାବମଗ୍ନ କରିବା ସହ ଚେତନାର ଉର୍ଦ୍ଧ୍ୱସ୍ତରକୁ ନେଇଯିବାକୁ ବେଶ୍ ସକ୍ଷମ ଯେଉଁଠି କବି ଦୁଃଖର ଭାରକୁ ଲଦିଲଦି ଗୋପଯାତ୍ରାରେ ସାମିଲ ହେବାକୁ ପ୍ରସ୍ତୁତ, କାଠହଣାର ଥଂଟ ପାହାର ସହି ପ୍ରସ୍ତୁତ ଗଢିବାକୁ କମନୀୟ କୋଣାର୍କଟିଏ। କବିଙ୍କ ଭାଷାରେ:

ମୁଁ କଣ ତାକୁ ଗେଲ କରୁକରୁ / ଦେଖେଇ ପାରିବିନି / କାଠହଣା ଚଢେଇର ଥଂଟ ପାହାର ସହି / ଗଛ ଗଣ୍ଡିରେ / କେମିତି ଗଢି ହୋଇଯାଏ / ଗୋଟେ କମନୀୟ କୋଣାର୍କ। (ଗୋପଯାତ୍ରା )

ଦୁଃଖ ଭିତରେ ସୁଖକୁ ସାଉଁଟି ପାରିବାର କଳାକୁ ଅକ୍ତିଆର କରିପାରିଥିବା କବି ହେଉଛନ୍ତି ସେନାପତି ପ୍ରଦ୍ୟୁମ୍ନ କେଶରୀ। ସେଥିପାଇଁ ତ କବିତା ସଙ୍କଳନର ଶେଷ କବିତା 'ଗୋପଯାତ୍ରା'ର ଶେଷକୁ ଦୃଢ଼ତାର ସହ ସେ କହିଛନ୍ତି- ସତରେ, ଦୁଃଖ ଠୁ ଆପଣାର /କେହି ନୁହେଁ।/ଯେତେବେଳେ ଝଡ଼କୁ ଦେଖି/ସୁଖର ଚଢେଇ ମାନେ ଲୁଚନ୍ତି ଏଣେତେଣେ / ସେତେବେଳେ ଏଇ ଦୁଃଖ ଛାତିଖୋଲି/ଝଡର ସାମ୍ନା କରେ /ଏବଂ ସେ ପର୍ଯ୍ୟନ୍ତ ଶାନ୍ତ ହୁଏନି,/ ଯେ ପର୍ଯ୍ୟନ୍ତ ଘାଇଲା ବାଘ ପରି/ବତାସ ଫେରି ନ ଯାଇଚି/ଲୁଚିବାକୁ ଦିଗନ୍ତ ଉହାଡ଼େ। (ଗୋପଯାତ୍ରା)

ଜୀବନ ପ୍ରତି କବିଙ୍କର ଅନ୍ତର୍ଦୃଷ୍ଟି, ଶଠତା-ଛଳନା ଭିତରେ ବି ପ୍ରେମର ଅନୁସନ୍ଧାନ, ଶୋକ-ହତାଶା ଭିତରେ ବି ଆଶାର ଅଙ୍କୁରୋଦଗମ ପାଇଁ ପ୍ରୟାସ କବିଙ୍କ ସଦ୍ୟ ପ୍ରକାଶିତ କବିତା ସଙ୍କଳନ 'ଗୋପଯାତ୍ରା'କୁ କରିଛି ଅନନ୍ୟ ଓ ସରଳ ସହଜ ଭାଷା ସହ ବୋଧଗମ୍ୟ ଅପୂର୍ବ ଚିତ୍ରକଳ୍ପର ବ୍ୟବହାର 'ଗୋପଯାତ୍ରା'ର ଅନ୍ତଃ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିପାରିଛି।

♥ ଖାରବେଳ ହଷ୍ଟେଲ,
ଓୟୁଏଟି, ଭୁବନେଶ୍ୱର
ମୋ: ୭୯୭୮୧୬୮୧୯୩

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୨୧

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ସବୁଠାରୁ ଡେଙ୍ଗା ଗଛ ଚଢ଼ିଗଲେ
ଆସେ ଏମିତି ବିଚାର
ବିଶ୍ୱ ମୋର ରାଜ୍ୟ ତା' ରାଜପୁତ୍ର ମୁଁ
ପୂର୍ଣ୍ଣ ମୋର ଅଧିକାର ।୨୧୧ ।

ବସୁଧେବ ଚିନ୍ତା ଜଗାଏ ଯେ' ମନେ
ସେହି ମୋର ପୂଣ୍ୟ ଗାଁ
ସାରା ବସୁଧାକୁ କୁଟୁମ୍ବ ଶିଖାଏ
ଗାଁ ନୁହେଁ ସେ ମୋ' ମା' ।୨୧୨ ।

ଗାଁ ଇତିହାସ ଲେଖି ରଖେନାହିଁ
ଦେବା ନେବା ଯଶ ନିନ୍ଦା
ସବୁଯାକ ପୃଷ୍ଠା ଖାଲି, ସେ କେବଳ
ପ୍ରେମର ରଜ୍ଜୁରେ ବନ୍ଧା ।୨୧୩ ।

ପାଇ ନା ପାଇବା ନ ପାଇ ପାଇବା
ତା' ପୁରୁଣା ବୁନିଆଦୀ
ନିଷ୍କାମ କର୍ମର ତାବିଜ ବାନ୍ଧି ସେ
ପ୍ରତିବଦ୍ଧତାରେ ବନ୍ଦୀ ।୨୧୪ ।

ଆଦ୍ୟରେ ଥାଏ ସେ ଅନ୍ତରେ ବି ଥାଏ
ଆଦି ଅନ୍ତ ମିଳେ ନାହିଁ
ସବୁଠାରେ ଥାଏ କେଉଁଠି ନଥାଏ
ପରାଣକୁ ନିଏ ମୋହି ।୨୧୫ ।

ଅନୁଭୂତି ପୁଷ୍ଟ ଶିହରଣ ଯେବେ
ଆଖିରେ ମିଟିକା ମାରେ
କମ୍ପିତ ମୋର ସ୍ନାୟୁର ସହର
ଉଜୁଡ଼ା ସ୍ମୃତିକୁ ଝୁରେ ।୨୧୬ ।

ସ୍ନାୟୁକୁ ବିଦାରି ଝରିଯାଏ ଯେବେ
ନିଗିଡ଼ା ରକତ ଝାଳ
ଜୀବନ ଫେରିଲା ପ୍ରାୟ ଶୁଭିଯାଏ
କମ୍ର ଗାଆଁ କଣ୍ଠସ୍ୱର ।୨୧୭ ।

ନିୟମିତ ଭାବେ ଗାଁ ଦାଣ୍ଡେ ଯେବେ
ନାମ ସଂକୀର୍ତ୍ତନ ହୁଏ
ଧ୍ୱଂସର ବାରୁଦ ଦୁଃଖ ଦାବାନଳ
କୁଆଡ଼େ ଉଭେଇଯାଏ ।୨୧୮ ।

ମୋ' ଗାଆଁ ପ୍ରଶ୍ୱାସେ ବିଶ୍ୱ ପବନ
କେ' କହେ ନିଃସ୍ୱ ମୁହିଁ ?
ବେନି କରେ ତା'ର ପ୍ରେମ ଗଣ୍ଠିଧନ
ତୁଳନା ତାହାର ନାହିଁ ।୨୧୯ ।

କଳାଫାଶ ନୁହେଁ ପବିତ୍ର ତା' ରାତି
ଅବସାଦ କାଢ଼ିନିଏ
ଶୈଥଲ୍ୟକୁ ଫିଙ୍ଗି ବାଣ୍ଟୁଥାଏ ମୈତ୍ରୀ
ମୃତ୍ୟୁକୁ ଜୀବନ ଦିଏ ।୨୨୦ ।(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'





# ବମ୍ ତୁଲ୍ ବୁଝାରା



ଦୀପକ ରଂଜନ ମିଶ୍ର

## ॥ ରାମଶରଣଲାଲ ଶର୍ମା ॥

୧୯୬୪ ମସିହାରେ 'ଇଣ୍ଡଷ୍ଟ୍ରିଆଲ ଏଡ଼ଭାଇଜରି ବୋର୍ଡ଼'ର ଚେୟାରମେନ ଡ. ଯୁଦ୍ଧବୀର ସିଂହଙ୍କୁ ତାଙ୍କ ଘରର ପୁରୁଣା କାଗଜପତ୍ର ଭିତରେ ଜର୍ଜର ଅବସ୍ଥାରେ ଥିବା ପତଳା ପାଣ୍ଡୁଲିପିଟିଏ ମିଳେ । ଆରମ୍ଭର ଆଠ ଦଶପୃଷ୍ଠା ଗାୟବ ହୋଇଯାଇଥିବା ବେଳେ ଶେଷ ଆଡ଼କୁ କିଛି ପୃଷ୍ଠା ଆଉ ଆଦୌ ପଢ଼ିବା ଅବସ୍ଥାରେ ନଥାଏ । ପ୍ରଥମେ ତାହା କାହାର ଲେଖା ତଥା ତାଙ୍କ ପାଖକୁ କେମିତି ଆସିଲା ସେ କଥା ତାଙ୍କର କିଛି ବି ମନେ ପଡ଼େନାହିଁ। ଖୁବ୍ ଆକର୍ଷଣୀୟ ଢଙ୍ଗରେ ତଥା ବିସ୍ତାର ଭାବରେ ସେଥିରେ ବର୍ଣ୍ଣନା କରାଯାଇଥାଏ ଆଣ୍ଡାମାନର ସେଲ୍ୟୁଲାର ଜେଲ୍ ବିଷୟରେ । କିଛିବର୍ଷ ସେଠାରେ ସଜା ଭୋଗି ଫେରିଥିବା କେହିଜଣେ ତାହା ଲେଖିଛି ବୋଲି ଜଣାପଡୁଥାଏ । ସମୟ କ୍ରମେ କିଛିଟା ଝାପ୍‌ସା ମନେପଡ଼େ ତାଙ୍କର । ଅନେକ ବର୍ଷ ତଳେ, ସ୍ୱାଧୀନତା ସଂଗ୍ରାମ ଚାଲିଥିବା ବେଳେ ଜଣେ ଯୁବକ ଦିନେ ଧାଇଁ ଧାଇଁ ଆସି ବିଡ଼ାଏ କାଗଜ ତାଙ୍କୁ ଧରେଇ ଦେଇ ନେହୁରା ହୋଇ କହିଥିଲା, ପୋଲିସ୍ ତା'ପଛରେ ପଡ଼ିଛି ବୋଲି । ଯେକୌଣସି ମୁହୂର୍ତ୍ତରେ ସେ ଗିରଫ୍ କରାଯାଇପାରେ । କଳାପାଣିର ଅନୁଭୂତି ବିଷୟରେ ସେ ଯାହା ଲେଖିଥିଲା ତାହାର ପାଣ୍ଡୁଲିପିଟି ପୋଲିସ୍ ହାତରେ ନପଡ଼ିବାର କଥା । କିଛିଦିନ ପାଇଁ ତାହାକୁ କୋଉଠି ଲୁଚେଇ ରଖିଦେଲେ ପଛେ ସେ ସୁବିଧା ଦେଖି କେବେ ଆସି ତାଙ୍କ ପାଖରୁ ନେଇଯିବ । ସେତେବେଳେ ଯୁଦ୍ଧବୀର ସିଂହଙ୍କ ଘର ମଧ୍ୟ ସୁରକ୍ଷିତ ନଥାଏ । ପୋଲିସ୍‌ର ନଜରରେ ସେ ମଧ୍ୟ ଥାଆନ୍ତି । ତଥାପି ଯୁବକଟିର ଆଗ୍ରହ ଦେଖି ସେ ପାଣ୍ଡୁଲିପିକୁ ନିଜ ପାଖରେ ରଖିବାକୁ ରାଜି ହୋଇ ଯାଆନ୍ତି । ତେବେ ଘଟଣାର ପ୍ରାୟ ୪୦ ବର୍ଷ ବିତିଯିବା ପରେ ଯୁବକଟିର ଚେହେରା କି ଆଉ କିଛି ବି ତାଙ୍କର ମନେ ପଡ଼େନାହିଁ । ପାଣ୍ଡୁଲିପିରେ କୌଣସି ଜାଗାରେ ଲେଖକଙ୍କ ନାମ କିମ୍ବା ତାଙ୍କ ବିଷୟରେ କିଛି ବି ସୂଚନା ନଥାଏ । କ୍ରାନ୍ତିକାରୀଙ୍କ ଉପରେ ଗବେଷଣା କରୁଥିବା ପଣ୍ଡିତ ବନାରସୀଦାସ ଚତୁର୍ବେଦୀ ସେଇ ପୁରୁଣା କୀଟଦ୍ରଂଷ୍ଟ ପାଣ୍ଡୁଲିପିଟି ପଢ଼ି କିଛି ସୂଚନା ପାଇ ସେଇ ଅନୁସାରେ ଅନୁସନ୍ଧାନ କରି ନିଶ୍ଚିତ ହୁଅନ୍ତି ଯେ ସେଇ ପାଣ୍ଡୁଲିପିର ଲେଖକ, ଆଣ୍ଡାମାନରେ ସଜା କାଟିଥିବା ରାମଶରଣଲାଲ ଶର୍ମା ଅଟନ୍ତି ଯାହାଙ୍କୁ ଆହ୍ଲାବାଦ୍‌ରୁ ଛପା ହେଉଥିବା ଉର୍ଦ୍ଦୁ ସାପ୍ତାହିକ 'ସ୍ୱରାଜ୍'ର ସମ୍ପାଦକ ବାବୁରାମ ହରି, ହୋତୀଲାଲ ବର୍ମା ଓ ମହାତ୍ମା ନନ୍ଦଗୋପାଳଙ୍କ ସହିତ ଆଣ୍ଡାମାନ ଜେଲ୍‌କୁ ପଠାଯାଇଥିଲା ।




ଲାହୋରରୁ ଆହ୍ଲାବାଦ ଆସି ମହାଶୟ ଶାନ୍ତିନାରାୟଣ 'ସ୍ୱରାଜ୍' ପତ୍ରିକାର ପ୍ରକାଶନ ଆରମ୍ଭ କରିଥିଲେ ୧୯୦୭ ମସିହାରେ । ଦେଶରେ ଜନଜାଗରଣ ସୃଷ୍ଟିକରି ବିଦେଶୀ ଶାସନର ଅନ୍ତ ଘଟାଇବା ଥିଲା ଏଇ ପତ୍ରିକା ପ୍ରକାଶନର ମୁଖ୍ୟ ଲକ୍ଷ୍ୟ । ତେବେ ପ୍ରଥମ ଦିନରୁହିଁ ନିଜ ଗିରଫଦାରୀ ପରେ ପତ୍ରିକାର ସମ୍ପାଦନା ଦାୟିତ୍ୱ କିଏ ତୁଲାଇବ ସେଇ କଥା ଚିନ୍ତା କରି ଯୋଗ୍ୟ ବ୍ୟକ୍ତିର ଅନୁସନ୍ଧାନ ଆରମ୍ଭ କରିଦେଇଥିଲେ ଶାନ୍ତିନାରାୟଣ । ପ୍ରତି ସଂଖ୍ୟାର ପ୍ରଥମ ପୃଷ୍ଠାରେ ଗୋଟିଏ ବିଜ୍ଞାପନ ଛପା ହେଉଥିଲା ଯହିଁରେ ଲେଖା ଥାଏ - ସ୍ୱରାଜ ପାଇଁ ସମ୍ପାଦକ ଆବଶ୍ୟକ ଯିଏ ଇଂରାଜୀ ଓ ଉର୍ଦ୍ଦୁର ବିଦ୍ୱାନ ହୋଇଥିବେ । ତାଙ୍କର ଗୋଟେ ଗୋଡ଼ ସ୍ୱରାଜ୍ କାର୍ଯ୍ୟାଳୟରେ ତ ଅନ୍ୟ ଗୋଡ଼ଟି ପୋଲିସ୍ ହାଜତ୍‌ରେ ରହିଥିବ । ଦରମା ରୂପେ ଦୁଇପଟ ଯଅ-ରୁଟି ଓ କପେ ପାଣି ସହ ଆଉ ଯାହା କିଛି ଅଧିକ ତାଙ୍କ ଭାଗ୍ୟରେ ଥିବ ସେତିକିରେ ସନ୍ତୁଷ୍ଟ ହେବାକୁ ପଡ଼ିବ ।" ବଙ୍ଗଳାର 'ଯୁଗାନ୍ତର' ପତ୍ରିକାର ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଉର୍ଦ୍ଦୁ ଭାଷାରେ ପ୍ରକାଶିତ ହେଉଥିଲା 'ସ୍ୱରାଜ୍'। ଫିରଙ୍ଗୀଙ୍କୁ ବଳପ୍ରୟୋଗ କରି, ମାଡ଼ମାରି ଦେଶରୁ ବିତାଡ଼ିତ କରିବା ସମ୍ବନ୍ଧରେ ଲିଖିତ ଅଗ୍ନିବର୍ଷୀ ଆଲେଖ୍ୟ ସହ ବୋମା ନିର୍ମାଣର ଗହନ ସୂତ୍ରଗୁଡ଼ିକ ମଧ୍ୟ ସେଥିରେ ପ୍ରକାଶିତ ହେବାରୁ ତାହା ଇଂରେଜ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରେ । ଏଇ ପତ୍ରିକାର ଜଣେ ପରେ ଜଣେ ହୋଇ ମୋଟ ଆଠଜଣ ସମ୍ପାଦକ ପୋଲିସ୍ ଦ୍ୱାରା ଗିରଫ୍ ହେବାପରେ ଶେଷରେ ସରକାର ପ୍ରେସ୍ ଏକ୍ଟ ଲାଗୁ କରିବାକୁ ବାଧ ହୁଅନ୍ତି । ଆପତ୍ତି ଜନକ ଲେଖା ପ୍ରକାଶ କରୁଥିବାରୁ 'ସ୍ୱରାଜ୍' କାର୍ଯ୍ୟଳୟକୁ ସିଲ୍ କରିଦିଆଯାଏ । ସେଇ ଗିରଫ୍ ହୋଇଥିବା ଆଠଜଣ ସମ୍ପାଦକଙ୍କ ମଧ୍ୟରୁ ପାଞ୍ଚଜଣଙ୍କୁ କଳାପାଣି ଦଣ୍ଡ ଭୋଗିବାକୁ ପଡ଼ିଥିଲା । ସେମାନଙ୍କ ଭିତରୁ ରାମଶରଣଲାଲ ଶର୍ମା ଥିଲେ ଅନ୍ୟତମ । ଦଶବର୍ଷ ସଶ୍ରମ କାରାଦଣ୍ଡର ରାୟ ଦେଇଥିବା ଜଜ୍‌ଙ୍କୁ ସେଇ କୋର୍ଟର କାଠଗଡ଼ା ଭିତରେ ଠିଆହୋଇ ଏକ ସାୟରୀ ଶୁଣାଇବାକୁ ଯାଇ କହିଥିଲେ - "ଆହ ! ସୟାଦ୍ ତୁ ଆୟା ମେରେ ପର୍ କାଟ୍‌ନେ କୋ/ ମୈଁ ତୋ ଖୁସ୍ ଥା କି ଛୁରା ଲାୟା ହୈ ସର୍ କାଟ୍‌ନେ କୋ ।"

ମହାତ୍ମା ନନ୍ଦଗୋପାଳ, ହୋତୀଲାଲ ବର୍ମା, ବାବୁରାମ ହରି ଓ ରାମଶରଣଲାଲ ଶର୍ମାଙ୍କୁ ଦେଶର ବିଭିନ୍ନ ଜେଲ୍‌ରୁ କଲିକତା ଅଣାଯାଇ ସେଠାରେ ଏକତ୍ର ରଖାଯାଏ ଆଣ୍ଡାମାନ ପଠାଇବା ଉଦ୍ଦେଶ୍ୟରେ। ଏମାନଙ୍କ ମନରେ କଳାପାଣିକୁ ନେଇ କୌଣସି ପ୍ରକାରର ନିର୍ଦ୍ଦିଷ୍ଟ ଧାରଣା ନଥାଏ । ସେମାନେ ଭାବୁଥାନ୍ତି ତାହା ବଙ୍ଗୋପସାଗର ମଧ୍ୟରେ ଅବସ୍ଥିତ ଏକ ଦ୍ୱୀପ ହୋଇଥିବାରୁ ସେଠାରେ ବନ୍ଦୀମାନଙ୍କ ପାଇଁ ସେତେଟା କଟକଣା ନଥିବ ବୋଲି । ଆପଣା ଦେଶରୁ ନିର୍ବାସିତ ହେବାର ଦୁଃଖତ ରହିବ ନିଶ୍ଚିତ ହେଲେ ସାଥୀମାନଙ୍କ ସହ ଦ୍ୱୀପ ଭିତରେ ମୁକ୍ତ ବିଚରଣର ସୁବିଧା ପାଇ ସେମାନେ ତାଙ୍କର ସଜା କାଟିବେ । ଏମାନେ କଳାପାଣିକୁ ପଠାଯାଇଥିବା ରାଜବନ୍ଦୀମାନଙ୍କ ମଧ୍ୟରେ ଥିଲେ ପ୍ରଥମ ଦଳ । ତେଣୁ ସେଠାରେ ବନ୍ଦୀମାନଙ୍କ ସହ କିଭଳି ବ୍ୟବହାର କରାଯାଏ ସେ ବିଷୟରେ ଥିଲେ ସମ୍ପୂର୍ଣ୍ଣ ଅଜ୍ଞ । ନିର୍ଦ୍ଧାରିତ ଦିନ ଭୋର ତିନିଟାରୁ ଏମାନଙ୍କୁ ଉଠାଇ ଜେଲ୍ ଭିତରେ ଖେଚୁଡ଼ି ଖାଇବାକୁ ଦେବାପରେ ଯୋଡ଼ି ଯୋଡ଼ି କରି ହାତକଡ଼ି ପିନ୍ଧାଇ ଲୁହା ଶିକୁଳିରେ ବାନ୍ଧି ଜେଲ୍ ଫାଟକ ପାଖକୁ ଅଣାଯାଏ । ଫାଟକ ବାହାରେ ଘୋଡ଼ାଗାଡ଼ି ପ୍ରସ୍ତୁତ ଥାଏ ବନ୍ଦୀମାନଙ୍କୁ ବନ୍ଦରକୁ ନେଇଯିବା ପାଇଁ। ଆଉ ଗୋଟିଏ ଘୋଡ଼ାଗାଡ଼ିରେ ଏମାନଙ୍କ ଭଳି କଡ଼ି ଓ ବେଡ଼ି ପିନ୍ଧିଥିବା ଏଗାର ଜଣ ଯୁବକ ବସିଥାନ୍ତି । ସେମାନଙ୍କୁ ପଚାରିବାରୁ ଜଣାପଡ଼େ ତାଙ୍କୁ ବି ଏମାନଙ୍କ ସହ ଆଣ୍ଡାମାନ ନିଆହେଉଛି ବୋଲି । କିଛି ସହଯାତ୍ରୀଙ୍କ ସହ ଭେଟ ହୋଇଥିବାରୁ ଉଭୟ ଦଳ ଖୁସିରେ ହାତ ମିଳାଇ ନିଜ ନିଜ ପରିଚୟ ପଚରା ପଚରି ହୁଅନ୍ତି । ସେମାନଙ୍କ ଭିତରେ ଥାଆନ୍ତି ମାଣିକତଲ୍ଲା ଷଡ଼ଯନ୍ତ୍ର କେଶ୍‌ର ବାରୀନ୍ଦ୍ର, ଇନ୍ଦୁଭୂଷଣ, ଉଲ୍ଲାସକର ଓ ହେମଚନ୍ଦ୍ର ଇତ୍ୟାଦି କ୍ରାନ୍ତିକାରୀ । ସମସ୍ତଙ୍କୁ ସେଇ ଦୁଇଟି ଘୋଡ଼ାଗାଡ଼ିରେ କଡ଼ା ସୁରକ୍ଷା ଭିତରେ ନେଇ ମହାରାଜା ଜାହାଜରେ ଚଢ଼େଇ ଦିଆଯାଏ । ଜାହାଜର ସବା ତଳ ମହଲାରେ ଇଞ୍ଜିନ୍ ପାଖକୁ ଅନ୍ଧାରୁଆ ଜାଗାରେ କେତୋଟି ଲୁହାର ବଡ଼ ବଡ଼ ପିଞ୍ଜରା ଥାଏ । ବାଘ ଭାଲୁ ଭଳି ହିଂସ୍ର ଜନ୍ତୁଙ୍କୁ ରଖିଲା ପରି ଏମାନଙ୍କୁ ତାହାରି ଭିତରେ ପୂରେଇ ବାହାରୁ ତାଲା ବନ୍ଦ କରିଦିଆଯାଏ । ତେବେ ବଙ୍ଗାଳୀ ଏଗାର ଜଣଙ୍କୁ ଅଲଗା ଓ ଏଇ ସମ୍ପାଦକ ଚାରିଜଣଙ୍କୁ ଅଲଗା ପିଞ୍ଜରାରେ ଭର୍ତ୍ତି କରିବାର ଆଦେଶ ଥିବାବେଳେ ସୁରକ୍ଷାକର୍ମୀମାନେ ତାହା ବୁଝି ନପାରି ବଙ୍ଗାଳୀଙ୍କ ଭିତରୁ ଚାରିଜଣଙ୍କୁ ଅଲଗା ରଖିବା ସହ ଅବଶିଷ୍ଟ ସାତଜଣଙ୍କୁ ଏଇ ସମ୍ପାଦକଙ୍କ ସହିତ ଗୋଟିଏ ପିଞ୍ଜରାରେ ପୂରେଇ ଦିଅନ୍ତି । ଚାରିଜଣ ନୂଆ ବନ୍ଧୁଙ୍କ ସହିତ ଗପାଗପି କରିବାର ସୁଯୋଗ ପାଇଥିବାରୁ ବାରୀନ୍ଦ୍ର, ହେମଚନ୍ଦ୍ର ଓ ଉଲ୍ଲାସକର ଭାରି ଖୁସି ହୁଅନ୍ତି । ଉଲ୍ଲାସକରଙ୍କ ଗୀତ ଓ ହେମଚନ୍ଦ୍ରଙ୍କ ମନମୋହିନୀ କଥା ଯୋଗୁଁ ଯାତ୍ରାକାଳ ଯେ ବେଶ୍ ଉପଭୋଗ୍ୟ ହେବ ତାହା ଜାଣିପାରନ୍ତି ରାମଶରଣଲାଲ। ପିଞ୍ଜରା ଭିତରେ ବନ୍ଦୀ ଥାଇ ସୁଦ୍ଧା ତିଳେ ମାତ୍ର ଦୁଃଖ ନଥାଏ କାହାରି ମନରେ । ହୋ ହୋ ହସର ଦୋଳନରେ ଜାହାଜଟି ଦୋହଲି ଦୋହଲି କୌଣସି ଅନିର୍ଦ୍ଦିଷ୍ଟ ଭବିଷ୍ୟତ ଆଡ଼କୁ କଢ଼େଇ ନେଉଥାଏ ସେଇ ଯୁବକମାନଙ୍କୁ । କଥାବାର୍ତ୍ତାରେ ମଜି ଯାଇଥିବାରୁ ସେମାନଙ୍କର ଆଉ ସମୟଜ୍ଞାନ ରହେନି । ଅନେକ ସମୟ ପରେ ତିନି ଚାରିଜଣ ଲୋକ ପିଞ୍ଜରାର ଦ୍ୱାର ଖୋଲି ଭିତରକୁ ପଶି ଆସନ୍ତି । ହାତରେ ତାଙ୍କର ବଡ଼ ବଡ଼ ଥଳି । ଗାଁ ଗାଁ ବୁଲି ବିଭିନ୍ନ ଜିନିଷ ବିକ୍ରି କରୁଥିବା ଫେରିବାଲାଙ୍କ ଭଳି ଦେଖାଯାଉଥାନ୍ତି ସେମାନେ । ନା, ଆମର କିଛି ଜିନିଷ କିଣିବାର ନାହିଁ ବୋଲି କହିବାକୁ ଯାଉଥିବା ବେଳେ ସେମାନେ ତାଙ୍କ ଥଳିରୁ ବାହାର କରି ଏମାନଙ୍କ ଥାଳିରେ ବାଢ଼ି ଦିଅନ୍ତି ଚୂଡ଼ା, ଚଣାଭଜା, ଲୁଣ, ତେନ୍ତୁଳି ଓ ଚାମୁଚେ ଲେଖା ଜାଭାଚିନି । ଚୂଡ଼ାର ରହଣିଆଁ ଓ ଚଣାଭଜାର ପଚାଗନ୍ଧରେ ନାକ ଫାଟିଯିବାର ଅବସ୍ଥା । ଏଭଳି ପଚାସଢ଼ା ଜିନିଷ କ'ଣ ଖାଇହେବ ବୋଲି ପଚାରିବାରୁ ସେମାନେ କିଛି ବି ନକହି ସେଠାରୁ ଚାଲିଯାଆନ୍ତି । ଭୁଖା ଗାଇ ବେଣା ଖାଏ । ଚୂଡ଼ା ଓ ଚଣାଭଜାକୁ ଯେତେ ପାଣିରେ ଧୁଆଧୋଇ କଲେ ବି ସେଥିରୁ ଦୁର୍ଗନ୍ଧ ଯାଏନାହିଁ । ଚିନି ଲୁଣ ଇତ୍ୟାଦି ମିଶାଇ ତାକୁ ଅଳ୍ପ ଅଳ୍ପ ଖାଆନ୍ତି ସେମାନେ। ଘୃଣାର ସହ ଖାଇଥିବାରୁ ପୁଣି ଜାହାଜରେ ଅନବରତ ଦୋହଲି ଦୋହଲି ଯିବା ଯୋଗୁଁ ସେମାନଙ୍କ ପ୍ରବଳ ବାନ୍ତି ହୁଏ ।

ଆଣ୍ଡାମାନର ଚିଫ୍ କମିଶନରଙ୍କ ଅଫିସ୍‌ରେ କାମ କରୁଥିବା ମିଷ୍ଟର ଚୋପ୍ରା ଛୁଟି କଟାଇ ଆପଣା କର୍ମକ୍ଷେତ୍ରକୁ ସେଇ ଜାହାଜରେ ଫେରୁଥାନ୍ତି । ସେ ଏମାନଙ୍କ ଦୁର୍ଦ୍ଦଶା ଦେଖି ନପାରି ପିଞ୍ଜରା ପାଖକୁ ଆସି ପଚରା ଉଚୁରା କରନ୍ତି । ତାଙ୍କ ପାଖରୁ ଜଣାପଡ଼େ ଯେ ଜାହାଜରେ ମୁସଲମାନ ଖାନ୍‌ସାମାମାନେ ରୋଷେଇ ଦାୟିତ୍ୱରେ ଥିବାରୁ ତାଙ୍କ ହାତରନ୍ଧା ଖାଦ୍ୟ ହିନ୍ଦୁ କଏଦୀଙ୍କୁ ଦେବା ସମ୍ଭବ ହୋଇ ପାରୁନାହିଁ । ତେଣୁ ସେମାନଙ୍କୁ ଅନେକ ଦିନରୁ ଜାହାଜର ଗୋଦାମଘରେ ପଡ଼ିଥିବା ଶୁଖିଲା ଖାଦ୍ୟ ଦିଆହେଉଛି ଖାଇବା ପାଇଁ । ରାଜବନ୍ଦୀମାନେ ସମସ୍ତେ ଉଚ୍ଚଶିକ୍ଷିତ ଓ ଉଦାରବାଦୀ ଚିନ୍ତାଧାରାର ହୋଇଥିବାରୁ ଏସବୁରେ ତାଙ୍କର ବାରଣ ନଥିବା କଥା କହିବାରୁ ମିଷ୍ଟର ଚୋପ୍ରାଙ୍କ ନିର୍ଦ୍ଦେଶରେ ବନ୍ଦୀମାନଙ୍କୁ ଭାତ ଓ ସାରୁ ତରକାରୀ ଖାଇବାକୁ ଦିଆଯାଏ । ପ୍ରବଳ ଭୋକ ହେଉଥିବାରୁ ସେମାନେ ସେତକ ମହାଆନନ୍ଦରେ ଖାଇ ଟିକିଏ ସୁସ୍ଥ ଅନୁଭବ କରନ୍ତି । ଏଇମିତି ତିନିଦିନର ଯାତ୍ରା ଉପରାନ୍ତେ ଚତୁର୍ଥ ଦିନ ଜାହାଜ ଯାଇ ଆଣ୍ଡାମାନରେ ପହଞ୍ଚେ । ଜେଲ୍ ଭିତରେ ଜେଲରଙ୍କ କାର୍ଯ୍ୟାଳୟରେ ସମସ୍ତଙ୍କୁ ଧାଡ଼ି କରି ଠିଆ କରାଯାଇ ଜଣ ଜଣ କରି ନାଁ ତଥା ସେମାନେ କେଉଁ ଅପରାଧ ଯୋଗୁଁ କଳାପାଣି ଆସିଛନ୍ତି ସେଇ ବିଷୟ ପଚରାଯାଏ । ସଭିଙ୍କ ଉତ୍ତର ଶୁଣି ଜେଲର୍ ବାରୀ ସାହେବ୍ କହନ୍ତି, "ତୁମେମାନେ ଇଂରେଜଙ୍କ ସହ ଲାଠି ନେଇ ଲଢ଼ି ପାରିବ ? ତୁମଭଳି ଗଣ୍ଡମୂର୍ଖଙ୍କ ପାଇଁ ହିଁ ସରକାର ଏତେବଡ଼ କୋଠାର ନିର୍ମାଣ କରିଛନ୍ତି । ଏଇଟା ଡାକ ବଙ୍ଗଳା ନୁହେଁ । ତୁମେମାନେ ଆମ ଇଂରେଜମାନଙ୍କୁ ବୋମା ଫିଙ୍ଗି ମାରିଛ । ଏବେ ଆମର ପାଳି । ତୁମକୁ ଆଇନ୍ ଅନୁଯାୟୀ ଡହଳ ବିକଳ କରି ଆସ୍ତେ ଆସ୍ତେ ଆମେ ମାରିବୁ । ଏଠିକାର ଈଶ୍ୱର ମୁଁ । ଏଇ ବିରାଟ ଦୁର୍ଗ ଭିତରେ ଆମେ ସିଂହ ରଖିବା ସହ ସେମାନଙ୍କୁ ପୋଷା ବି ମନାଉ । ଏଠି ଯାହାକୁ ଯାହା କାମ ଦିଆଯିବ ତାକୁ ଚୁପ୍‌ଚାପ୍ କରିବ । ଟିକିଏ ଖିଲାପ୍ କଲେ ପରିସ୍ଥିତି ଖୁବ୍ ଭୟଙ୍କର ହେବ ଜାଣିଥାଅ ।"

ବାରୀ ସାହେବ୍‌ଙ୍କ ଭାଷଣ ପରେ ଜଣେ କମାର ଆସି ସମସ୍ତଙ୍କ ଗୋଡ଼ରୁ ବେଡ଼ିଗୁଡ଼ିକ କାଟିଦିଏ । ସେମାନଙ୍କୁ ଗୋଟିଏ ଟାଙ୍କି ପାଖକୁ ନିଆଯାଏ । ସେଥିରେ ଥିବା ଲୁଣିପାଣିରେ ଗାଧେଇ ସାରିଲା ପରେ ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ଛୋଟ କୋଠରୀରେ ବନ୍ଦ କରି ବାହାରୁ ତାଲା ପକାଇ ଦିଆଯାଏ । ତା'ପରଦିନ ବଡ଼ିଭୋର୍‌ରୁ ସମସ୍ତଙ୍କୁ ଉଠାଇ ନିତ୍ୟକର୍ମ ସାରିବା ପରେ ନିଜ ନିଜ କୋଠରୀ ସମ୍ମୁଖରେ ବସି ନଡ଼ିଆକତାକୁ ପିଟି ନରମ କରିବାର କାମ ଦିଆଯାଏ । କେବେ ସେମିତି କାମ କରି ନଥିବାରୁ ହାତରେ ଫୋଟକା ପଡ଼ି ତାହା ଫାଟି ପାପୁଲି ରକ୍ତାକ୍ତ ହୋଇଯାଏ । ତଥାପି କାମ ଚାଲିଥାଏ । ଟିକିଏ ହାତ ଶିଥିଳ ହୋଇଗଲେ ପେଟି ଅଫିସରର ଗାଳି ଓ ବେଳେ ବେଳେ ମାଡ଼ ଖାଇବାକୁ ପଡୁଥାଏ । ଏଣେ ହାତର ଅବସ୍ଥା ସାଙ୍ଘାତିକ । ମାସାଧିକ କାଳ ହାତରେ ଖାଇବାବି ସମ୍ଭବ ହୋଇ ପାରେନି । ଦୁଇମାସ ନଡ଼ିଆକତା ପିଟିବା ପରେ ତାଙ୍କୁ ଚକି ପେଷିବା କାମ ଦିଆଯାଏ । ପ୍ରବଳ କାମ ସାଙ୍ଗକୁ ଦରସିଝା ଖାଦ୍ୟ ଯୋଗୁଁ ତାଙ୍କର ହଜମ ଶକ୍ତି ହ୍ରାସପାଏ । ପ୍ରବଳ ଝାଡ଼ା ହୁଏ । ଶେଷକୁ ବେହୋସ ହୋଇଯିବାରୁ ତାଙ୍କୁ ବାଧ ହୋଇ ଡାକ୍ତରଖାନାକୁ ନିଆଯାଏ । ଡାକ୍ତରଜଣକ ଦୟାବନ୍ତ ଥିବାରୁ ତାଙ୍କୁ କିଛିଦିନ ପାଇଁ ଡାକ୍ତରଖାନାରେ ଭର୍ତ୍ତି କରି ତାଙ୍କର ଉପଯୁକ୍ତ ଚିକିତ୍ସାର ବ୍ୟବସ୍ଥା କରିଦିଅନ୍ତି । ସେଇ ସମୟରେ ଦିନେ ବାରୀ ସାହେବ୍ ଆସି ତାଙ୍କୁ କହନ୍ତି, "କ'ଣ ତୁମେ ସବୁବେଳେ ଏମିତି ବେମାର ରହିବାକୁ ଏଠାକୁ ଆସିଛ ? ମୁଁ ତେଣେ ତୁମକୁ ତେଲଘଣାକୁ ପଠାଇବାକୁ ଟାକି ବସିଛି ।" ଏକଥା ଶୁଣି ରାମଶରଣଙ୍କ ଛାତିରେ ଛନକା ପଶେ । ସେ ଡାକ୍ତରଙ୍କୁ ନେହୁରା ହୋଇ କୌଣସି ହାଲୁକା କାମ କରାଯାଉଥିବା ଜାଗାକୁ ତାଙ୍କୁ ପଠାଇ ଦେବାକୁ ଅନୁରୋଧ କରନ୍ତି । ଡାକ୍ତରଖାନାରେ ସେଇମିତି ଖାଲିଟାରେ ଶୋଇ ରହିଲେ ବାରୀସାହେବଙ୍କ କୋପଦୃଷ୍ଟିର ଶିକାର ହେବାକୁ ପଡ଼ିବ । ଯା'ଭିତରେ ତାଙ୍କର ପ୍ରାୟ ୧୫ ପାଉଣ୍ଡ ଓଜନ କମି ଯାଇଥାଏ । ଅନୁରୋଧ ମୁତାବକ ତାଙ୍କୁ ଛଅ ମାସ ପାଇଁ ହାଲୁକା କାମ କରାଯାଉଥିବା ବ୍ଲକ୍‌କୁ ପଠାଇ ଦିଅନ୍ତି ଡାକ୍ତରବାବୁ । ସେଇ ବ୍ଲକ୍‌ରେ ଅନେକ ପୁରୁଣା ବନ୍ଦୀମାନେ ଥାଆନ୍ତି । କାମର ବୋଝ କମ୍ ଥିବାରୁ ରାମଶରଣଙ୍କ ମନକୁ ଅନେକ ଭାବନା ଆସିବାକୁ ଲାଗେ । ସେ ଭାବନ୍ତି, ଭାରତ ଭୂଖଣ୍ଡ ଠାରୁ ଅନେକ ଦୂରରେ ସମୁଦ୍ର ଭିତରେ ଗୋଟିଏ ଦ୍ୱୀପରେ ସେଲ୍ୟୁଲାର ଜେଲଟି ଥିବାରୁ କଏଦୀମାନେ ସେଠାରୁ କୌଣସି ଖବର ଦେଶକୁ ପଠାଇବା ସମ୍ଭବ ହେଉ ନଥିଲା । ସେଇଥିପାଇଁ ହିଁ ସେଠିକାର ଅଧିକାରୀମାନେ ଅଧିକ ଦୁର୍ବ୍ୟବହାର କରୁଥାନ୍ତି ବନ୍ଦୀଙ୍କ ସହ । ଯଦି କୌଣସି ଉପାୟରେ ଚିଠିଟିଏ ଭାରତର କୌଣସି ପତ୍ରିକା କିମ୍ବା ଖବରକାଗଜ ସମ୍ପାଦକଙ୍କ ପାଖକୁ ପଠାଯାଇ ପାରନ୍ତା ତେବେ ଦେଶବାସୀ ଏଇ କଳାପାଣିର ଅସଲ କଳା ରୂପ ବିଷୟରେ ଅବଗତ ହୁଅନ୍ତେ । ଧିରେ ଧିରେ ଦେଶରେ ସେମାନଙ୍କ ସପକ୍ଷରେ ଜନମତ ସୃଷ୍ଟି ହୁଅନ୍ତା । ସୌଭାଗ୍ୟକୁ ତାଙ୍କ ଜିଲ୍ଲାର ଜଣେ ସେଇ ବ୍ଲକ୍‌ରେ ପେଟି ଅଫିସର ରୂପେ କାମ କରୁଥିବାରୁ ଓ ୟାଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ବ୍ୟବହାର ଦେଖାଉଥିବାରୁ ଅସମ୍ଭବ ପ୍ରତୀତ ହେଉଥିବା କାର୍ଯ୍ୟଟି ସମ୍ଭବ ହୋଇ ପାରିବ ବୋଲି ଆଶାଟିଏ ଉଙ୍କିମାରେ । ପେଟି ଅଫିସର ଜଣକ ଟିକିଏ ନୀଳ ଓ ଗୋଟିଏ ଭଙ୍ଗା ନିବ୍ ଆଣିଦିଏ । ନୀଳରେ ପାଣି ମିଶାଇ ସ୍ୟାହି ତିଆରି କରିବା ସହ ଭଙ୍ଗା ନିବ୍‌ଟିକୁ ଗୋଟିଏ ଦାନ୍ତକାଠିରେ ବାନ୍ଧି କଲମର ରୂପ ଦିଆଯାଏ । ପ୍ରତିଦିନ ସୁବିଧା ସୁଯୋଗ ଦେଖି ଟିକିଏ ଟିକିଏ କରି ଲେଖା ଚାଲେ ଚିଠି । ଚିଠିଟି ଜେଲ୍ ବାହାରକୁ ଚାଲିଯିବାରେ କିଛି ଅସୁବିଧା ନାହିଁ ହେଲେ ସମୁଦ୍ର ପାର ହେବ କେମିତି ସେଇ ଚିନ୍ତାରେ ଥାଆନ୍ତି ରାମଶରଣ । ଏଣେ ବାରୀ ସାହେବ୍ ୟାଙ୍କୁ ତେଲଘଣାକୁ ପଠାଇବାକୁ ବ୍ୟଗ୍ର । ଛଅମାସ ଅପେକ୍ଷା କରିବାକୁ ତାଙ୍କର ଧୈର୍ଯ୍ୟ ନଥାଏ । ଦୁଇମାସ ନପୂରୁଣୁ ତାଙ୍କୁ ତେଲଘଣାରେ କାମ କରିବାକୁ ପଠାଇ ଦିଆଯାଏ । ସେଠାରେ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼ିଲେ ମଧ୍ୟ ହେମଚନ୍ଦ୍ର ଓ ଉଲ୍ଲାସକରଙ୍କ ଭଳି ସହକର୍ମୀ ମିଳିବାରୁ ତାକୁ ମଧ୍ୟ ଏକ ସୁଯୋଗ ରୂପେ ଗ୍ରହଣ କରନ୍ତି ରାମଶରଣ ..... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଅଗଷ୍ଟ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଲେଖକ ଜାଣେ ସ୍ୱପ୍ନର ଆରତିବେଳା



ସ୍ୱପ୍ନ ସକାରାତ୍ମକ ପଥଦେଇ ଗଲାବେଳେ ଲେଖକଟିଏ ଶବ୍ଦର ପାନ୍ଥଶାଳାରେ ବସି ନିଜର ଚିତ୍ରଆଙ୍କେ । ଯେତେବେଳେ ସେହି ସ୍ୱପ୍ନ ନକାରାତ୍ମକ ପଥଦେଇ ଲେଖକକୁ ପଥିକ ସଜାଏ ସେତେବେଳେ ସେ ଚୋରାବାଲି ହାବୁଡରେ ପଡେ । ସବୁ ଶବ୍ଦର ରତ୍ନମାନେ ସେତେବେଳେ ତା ପାଖରେ ଛାଇ ହୋଇଯାନ୍ତି । ଅସ୍ତିତ୍ୱ ଖୋଜୁଖୋଜୁ ସେ ନିଜେ ଗୋଟେ କୁହେଳିକା ପାଲଟିଯାଏ । ତେବେ ଏଇଠି ପ୍ରଶ୍ନଉଠେ କେଉଁ ସ୍ୱପ୍ନ ସକାରାତ୍ମକ ଓ କେଉଁ ସ୍ୱପ୍ନ ନକାରାତ୍ମକ ଠିକଣା ବହନ କରିଥାନ୍ତି । ଏଇଠି ମଧ୍ୟ ଶ୍ରୁତିର ଭୂମିକା ମୂକସାକ୍ଷୀ ନୁହେଁ । ନିଜେ ମଧ୍ୟ ସେ ସୃଜନର କାଠଗଡାରେ ମୁଦେଇ ଓ ମୁଦାଲା ସାଜିପାରେ । ତାର ସୃଷ୍ଟି ସମଗ୍ର ସେତେବେଳେ ବିଚାରପତି ହୋଇ ସମୟକୁ ଇଙ୍ଗିତ ଦିଏ । ଏମିତିକି ସ୍ୱପ୍ନ ପାଇଁ ଲେଖକ ମସ୍‌ଗୁଲ ହୋଇ ନିଜ କବିତାକୁ ପରିବାରର ସଉଦା ତାଲିକାରେ ନିଜର ସୃଷ୍ଟି ଥୋଇଦେଇ ଆଉ କାହାକୁ ହସ୍ତାନ୍ତର କରିପାରେ । ଲେଖକଟି ସ୍ୱପ୍ନାଚ୍ଛନ୍ନ ହେଇଥିବାର କୌଣସି ପାଠକ କେବେ ଅନୁଭବ କରିନଥାନ୍ତି ସେଥିପାଇଁ ସେ ଦୋଷମୁକ୍ତ ହୋଇପାରେ ସତ କିନ୍ତୁ ତାର ସୃଷ୍ଟି ତାକୁ ଧରା ପକାଇ ଦିଏ ସେ କାହିଁକି ଓ କଣ ପାଇଁ ସ୍ୱପ୍ନାଚ୍ଛନ୍ନ ହୋଇଥିଲା ।

ପ୍ରଦୀପ୍ତ କୁମାର ମହାନ୍ତ
ବରଣ୍ଡୁଆ, ବେତଡା,ଭଦ୍ରକ

## ଆଲୋଚନା..,

# ଗୋଇଠା ମାରି ବିଷ୍ଣୁ !

### ସୁବ୍ରତ ପଟ୍ଟନାୟକ



ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ କରାଯାଇଛି କଟୁ ଆକ୍ଷେପ । ଯିଏ ଆକ୍ଷେପ କରିଛନ୍ତି, ସେ ଜଣେ ମାମୁଲି ବ୍ୟକ୍ତି ନୁହଁନ୍ତି । କଂଗ୍ରେସ ଦଳର ବରିଷ୍ଠ ନେତା । ଅତୀତରେ ଥିଲେ କେନ୍ଦ୍ରମନ୍ତ୍ରୀ । ଏବେ ସାଂସଦ ଓ ଲୋକସଭାରେ କଂଗ୍ରେସ ଦଳର ନେତା । ନାମ- ଅଧୀର ରଞ୍ଜନ ଚୌଧୁରୀ, ଘର- ପଶ୍ଚିମବଙ୍ଗ । ୨୦୨୨ ଜୁଲାଇ ୨୭ ତାରିଖରେ ସେ ଯେଉଁ ମନ୍ତବ୍ୟ ଦେଇଥିଲେ, ସେଥିପାଇଁ ୨୯ ତାରିଖରେ ରାଷ୍ଟ୍ରପତିଙ୍କ ନିକଟକୁ ଚିଠି ଦେଇ କ୍ଷମା ପ୍ରାର୍ଥନା କରିଛନ୍ତି । ମାତ୍ର, ଦେଶର ଅଗଣିତ ଜନତାଙ୍କ ମତ- 'ଏଇଟା ଗୋଇଠା ମାରି ବିଷ୍ଣୁ କହିବା' ସହିତ ସମାନ ।

କ୍ଷମା ପ୍ରାର୍ଥନା ସତ୍ତ୍ୱେ ସାଂସଦ ଅଧୀର ରଞ୍ଜନଙ୍କ ପ୍ରତି ଲୋକେ ଏତେ ବିମୁଖ କାହିଁକି ? ସେ ସଫେଇ ଦେଇଛନ୍ତି- 'ରାଷ୍ଟ୍ରପତି' କହୁ କହୁ ପାଟିରୁ 'ରାଷ୍ଟ୍ରପତ୍ନୀ' ଖସିଗଲା । ଜାଣିଶୁଣି ଏହା କହିନାହିଁ । ଯଦି ରାଷ୍ଟ୍ରପତିଙ୍କୁ ଏହା ଆଘାତ ଦେଇଥାଏ, ତେବେ ମୁଁ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ମାଗିବି । ମାତ୍ର କୌଣସି ହିପୋକ୍ରାଟଙ୍କ ପାଖରେ ନୁହେଁ ।

ରାଜ୍ୟ ସଭାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଲୋକ ସଭାରେ କେନ୍ଦ୍ର ମହିଳା ଶିଶୁ କଲ୍ୟାଣ ମନ୍ତ୍ରୀ ସ୍ମୃତି ଇରାନୀ ଅଧୀରଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛନ୍ତି । କଂଗ୍ରେସ ସୁପ୍ରିମୋ ସୋନିଆ ଗାନ୍ଧୀ ଏଥିପାଇଁ ଭାରତର ଗରିବ ଓ ଆଦିବାସୀ ମହିଳାଙ୍କ ନିକଟରେ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି । ଜାତୀୟ ମହିଳା କମିଶନର ରେଖା ଶର୍ମା, ଓଡ଼ିଶା ରାଜ୍ୟ ମହିଳା କମିଶନର ମିନତୀ ବେହେରା ଓ ଅନ୍ୟ ୧୩ଟି ରାଜ୍ୟ ମହିଳା କମିଶନର ମିଳିତ ସ୍ୱାକ୍ଷରରେ ଅଧୀରଙ୍କୁ ନୋଟିସ ଜାରୀ କରିଛନ୍ତି । ଓଡ଼ିଶା ବିଧାନସଭାରେ ବିଜେପି ବିଧାୟକ ବିଷ୍ଣୁ ସେଠୀ, ବିଜେପି ବିଧାୟକ ମୋହନ ମାଝୀ ଅଧୀରଙ୍କ ମନ୍ତବ୍ୟକୁ ଅତି ଦୁର୍ଭାଗ୍ୟଜନକ ବୋଲି ଟିପ୍ପଣୀ ଦେଇଛନ୍ତି । ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ, ଘସିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମଧ୍ୟ ଏହି ମନ୍ତବ୍ୟକୁ ନାପସନ୍ଦ କରିଛନ୍ତି ।

ଅପରପକ୍ଷରେ ଅଧୀର ଯାହା କହିଛନ୍ତି, ତାହା ଯେ 'ଭୁଲ୍' ଏକଥା କୌଣସି କଂଗ୍ରେସ ନେତା କହୁ ନାହାନ୍ତି । ଖୋଦ୍ କଂଗ୍ରେସ ସୁପ୍ରିମୋ ସୋନିଆ ଗାନ୍ଧୀ ସଫେଇ ଦେଇଛନ୍ତି । ମୋତେ ସେ ଅଡୁଆ ଭିତରକୁ ଟଣା ନଯାଉ । ଓଡ଼ିଶା ପ୍ରଦେଶ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଅଧୀର ରଞ୍ଜନ କ୍ଷମା ମାଗିବା ପରେ ଏସବୁ ଆଲୋଚନାର କିଛି ମାନେ ନାହିଁ । ବରିଷ୍ଠ କଂଗ୍ରେସର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି- ବିଜେପି ନିକଟରେ ଅନ୍ୟ କିଛି ପ୍ରସଙ୍ଗ ନଥିବାରୁ କଥାକୁ 'ତିଳରୁ ତାଳ' କରାଯାଉଛି । ଅନେକ କଂଗ୍ରେସ ନେତା ନିଜର ମତାମତ ଦେବାକୁ ଅରାଜି ।

ପ୍ରତ୍ୟେକ ରାଜନେତା ବୁଝିବା ଦରକାର, 'ରାଷ୍ଟ୍ରପତି' ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି । ସେ ରାଷ୍ଟ୍ରମୁଖ୍ୟ ଓ ଦେଶର ପ୍ରଥମ ନାଗରିକ । ଗଣତନ୍ତ୍ରର ମୁଖ୍ୟ । ରାଷ୍ଟ୍ରପତି ଆସନ ସମ୍ପୂର୍ଣ୍ଣ ନିରପେକ୍ଷ । କୌଣସି ପରିସ୍ଥିତିରେ 'ରାଷ୍ଟ୍ରପତି'ଙ୍କୁ ଟାର୍ଗେଟ୍ କରାଯିବା ଉଚିତ୍ ନୁହେଁ । ୨୦୨୨ ଜୁଲାଇ ୨୫ ତାରିଖରେ ରାଷ୍ଟ୍ରପତି ଶପଥ ନେଲେ । ଏହାର ଦୁଇଦିନ ପରେ ତାଙ୍କ ପ୍ରତି 'ଆକ୍ଷେପ'କୁ 'ଭୁଲବଶତଃ' ବୋଲି ଗ୍ରହଣ କରାଯାଇ ନପାରେ । ବିଭିନ୍ନ ଦଳର ଲୋକେ କହୁଛନ୍ତି, ଏହା 'ଉଦ୍ଦେଶ୍ୟମୂଳକ' ।

ଅଧୀର ରଞ୍ଜନ ରାଷ୍ଟ୍ରପତିଙ୍କୁ କଣ ଆକ୍ଷେପ କରିଥିଲେ, ତାହା ଆପଣମାନେ ଅବଗତ । ତଥାପି ପାଠକମାନଙ୍କୁ ଆଉଥରେ ସେ କଥା ସୂଚାଇ ଦେଉଚେ । ଦରବୃଦ୍ଧି ପ୍ରସଙ୍ଗରେ ଅଧୀର ଗଣମାଧ୍ୟମରେ କହିଥିଲେ - 'ଆମେ ରାଷ୍ଟ୍ରପତିଙ୍କ ନିକଟକୁ ଯିବୁ । ନା ନା 'ରାଷ୍ଟ୍ରପତ୍ନୀ' ସମସ୍ତଙ୍କ ପାଇଁ ।

ଉପରୋକ୍ତ କଥାଟି ଅଧୀରଙ୍କ ପାଟିରୁ କହୁ କହୁ ଖସି ଯାଇଛି, ନା ଜାଣିଶୁଣି ସେ କହିଛନ୍ତି, ତାହା ପାଠକେ ସହଜରେ ବୁଝି ପାରୁଥିବେ । ଘଟଣା ପରେ ବି ଅଧୀର ମୁହଁ ତୋଡ଼ ଛାଡ଼ି ନଥିଲେ । ସେ ବାହାଦୂରୀ ଦେଖାଇ କହିଥିଲେ- ମୋର କିଛି ଦୋଷ ନାହିଁ । ତାହା ସତ୍ତ୍ୱେ ଯଦି ମୋତେ ଜେଲ୍ ଯିବାକୁ ପଡ଼େ, ମୁଁ ପ୍ରସ୍ତୁତ । ପରେ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିବାରୁ ସେ କହିଲେ- ଯଦି ରାଷ୍ଟ୍ରପତିଙ୍କୁ ଏକଥା ଆଘାତ ଲାଗିଥାଏ, ତେବେ ମୁଁ କ୍ଷମା ମାଗିବାକୁ ରାଜି । ଅର୍ଥାତ୍, ରାଷ୍ଟ୍ରପତି କହିଲେ ଯାଇ ସେ ଦୋଷ ସ୍ୱୀକାର କରିବେ, ନହେଲେ ନାଇଁ ।


କଂଗ୍ରେସ ଓ ବିଜେପି ମଧ୍ୟରେ ବାଦ ବିବାଦ ଘଟିଲେ ବି ଆମର କିଛି ଯାଏ ଆସେନା । କଂଗ୍ରେସ ସୁପ୍ରିମୋ ସୋନିଆ ଅଧୀରଙ୍କ ବିରୋଧରେ ଆକ୍ସନ୍ ନେବେ କିମ୍ବା ଖୁସିରେ ତାଙ୍କ ପିଠି ଥାପୁଡ଼ାଇବେ । ତାହା ତାଙ୍କର ଇଚ୍ଛାଧୀନ । ମାତ୍ର, ରାଷ୍ଟ୍ରପତିଙ୍କୁ ଆକ୍ଷେପ କରିବା, ଆଦୌ ଗ୍ରହଣୀୟ ନୁହେଁ । ଯେଉଁ 'ଶବ୍ଦ' ପ୍ରୟୋଗ କରାଯାଇଛି, ତାହା କେବଳ ରାଷ୍ଟ୍ରପତିଙ୍କ ପ୍ରତି ନୁହେଁ । ଭାରତର ପ୍ରତ୍ୟେକ ନାରୀ ଓ ଆଦିବାସୀଙ୍କ ସମ୍ମାନ ଓ ମର୍ଯ୍ୟାଦାର ପ୍ରଶ୍ନ । ଯେଉଁମାନେ ଏହାକୁ ଅତି ମାମୁଲି ବୋଲି କହୁଛନ୍ତି, ସେମାନଙ୍କର ଶିଷ୍ଟାଚାରର ଅଭାବ ରହିଛି ବୋଲି ବୁଝିବାକୁ ହେବ ।

କଂଗ୍ରେସ ମେଣ୍ଟ ଶାସନରେ ଶ୍ରୀମତୀ ପ୍ରତିଭା ପାଟିଲ ୨୦୦୭ରୁ ୨୦୧୨ ମସିହା ପର୍ଯ୍ୟନ୍ତ ରାଷ୍ଟ୍ରପତି ପଦରେ ଥିଲେ । ସେହି ୫ବର୍ଷ ସମୟ ମଧ୍ୟରେ ଅଧୀରଙ୍କ ତୁଣ୍ଡରୁ ଥରୁଟିଏ 'ରାଷ୍ଟ୍ରପତ୍ନୀ' ଶବ୍ଦ ବାହାରି ଥିଲା କି ? ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଶ୍ରୀମତୀ ପାଟିଲ୍ ଶ୍ରୀ ଶ୍ରୀମତୀ ଚୌଧୁରୀଙ୍କ ନାମକୁ କେବଳ ଅଧୀରଙ୍କ ବୁଝିବା ଉଦ୍ଦେଶ୍ୟରେ ଉଲ୍ଲେଖ କରିଛି । ଆମେ ବିନମ୍ରତାର ସହିତ ଘୋଷଣା କରୁଛୁ ଯେ ଏହି ଦୁଇ ମହିଳା ଆମର ନମସ୍ୟ । ତଥାପି ଆମେ ଯୋଡ଼ ହସ୍ତରେ ସେମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଚେ ।

ଛୋଟିଆ ଉଦାହରଣଟିଏ ନେଇ ଏହି ଆଲୋଚନା ଶେଷ କରିବା । ୨୦୧୪ ଲୋକସଭା ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସର ବରିଷ୍ଠ ନେତା ଦିଗ୍‌ବିଜୟ ସିଂହ, ନରେନ୍ଦ୍ର ମୋଦୀଙ୍କୁ ଆକ୍ଷେପ କରି କହିଥିଲେ, 'ତମେ ଜଣେ ଚା ବିକାଳୀର ପୁଅ ।' ଫଳ କଣ ହେଲା ? ସେହି ଚା' ବିକାଳିର ପୁଅ ହେଲେ ଭାରତର ପ୍ରଧାନମନ୍ତ୍ରୀ । କେବଳ ସେତିକି ନୁହେଁ, ୨୦୧୯ ଲୋକସଭା ନିର୍ବାଚନରେ ମୋଦୀ ପୁଣିଥରେ ନିରଙ୍କୁଶ ବିଜୟ ହାସଲ କରି ପ୍ରଧାନମନ୍ତ୍ରୀ ହେଲେ । କଂଗ୍ରେସ ଦଳ ଦୁଇ ନମ୍ବରରୁ ତିନି ନମ୍ବରକୁ ଖସି ଆସିଲା । ତଥାପି କଂଗ୍ରେସ ନେତାଏ କିଛି ଶିଖି ପାରିଲେ ନାହିଁ । ରାଷ୍ଟ୍ରପତିଙ୍କୁ ଆକ୍ଷେପର ଫଳ କଣ ହେବ, ତାହା ଭବିଷ୍ୟତରେ ସମୟ କହିବ ।

ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## ସ୍ମୃତି ଶତଦଳ ୨୫୨



### ଅନୁରାଗର ଶାଢ଼ି

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

> ବିଦାୟ କାଳୀନ ଅଭିଭାଷଣରେ ବର୍ଷ ବର୍ଷ ବ୍ୟାପି ଯେଉଁ ସୁଖ, ଦୁଃଖ ମାନ, ଅଭିମାନ, ଲୁହ, କୋହ, ହସ, ସବୁ ଜମାଟ ବାନ୍ଧି ରହିଥାଏ, ସବୁ କିଛି ତରଳିଯାଏ । କିଛି କଥା, କିଛି ଦୀର୍ଘଶ୍ୱାସ କିଛି ଅନ୍ତରଙ୍ଗ ବନ୍ଧୁତା ଓ କିଛି ନୀରବ ନିଃଶ୍ୱାସ ଭିତରେ ଅନେକ କଥା ଅକୁହା ରହିଯାଏ, ଅନେକ ଜିନିଷ ଅପ୍ରକାଶ ରହିଯାଏ । ବିଦାୟର ସେ ଅନ୍ତିମ ମୁମୂର୍ତ୍ତରେ ମୋର ସହକର୍ମୀ ମାନେ ମତେ ଉପହାର ଦେଇଥିଲେ ଗୋଟିଏ ସୁନ୍ଦର ଶାଢ଼ି, ଯାହା ଏବେ ମଧ୍ୟ ମୋର ଶାଢ଼ିଆଲମାରୀରେ ସାଇତା ହୋଇ ରହିଛି ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସବୁବେଳେ ଭାବିଛି ଏ' ବିରଳ ବୈଭବ ପ୍ରଭୁ କେତେଜଣଙ୍କୁ ଦେଇଥାନ୍ତି ? ଠାକୁର ରୋଗୀକୁ ଭଲ କରିଥାନ୍ତି, ଡାକ୍ତର ଏକ ମାଧ୍ୟମ ମାତ୍ର ଏକ ନିମିତ୍ତ ମାତ୍ର । ତେଣୁ ସବୁବେଳେ ଫଳର ଆଶା ନରଖି ନିଃସ୍ୱାର୍ଥପର ଭାବରେ ସେବା କରିଯିବାରେ ହିଁ ଆନନ୍ଦ ମିଳିଥାଏ । ରୋଗୀଙ୍କୁ ଚିକିତ୍ସା କଲାବେଳେ ଡାକ୍ତରଟିଏ ନିଜ ଜୀବନକୁ ପଣ ଲଗାଇଦିଏ । ଭାବିଥାଏ ନିଜ ଜୀବନ ପଛେ ଚାଲି ଯାଉ କିନ୍ତୁ ରୋଗୀର ଜୀବନ ବଞ୍ଚିଯାଉ । ସବୁବେଳେ ଚିନ୍ତାଥାଏ, ପୂର୍ବ ଜନ୍ମର ପୁଣ୍ୟ ପାଇଁ ଏ ଜନ୍ମରେ ଡାକ୍ତର ହେବା ସମ୍ଭବ ହେଲା, ସେମିତି ଏ ଜନ୍ମରେ ମଧ୍ୟ ସେତିକି ପୁଣ୍ୟ କଲେ ହିଁ ଏକ ଅଲିଖିତ ବ୍ୟାଙ୍କର ଜମାଖାତାରେ ସେଗୁଡିକ ଜମା ହୋଇରହିପାରିବ ଆଗାମୀ ଜନ୍ମ ପାଇଁ । ଅବଶ୍ୟ ନିଜର କର୍ମ କଲା ବେଳେ ବିଶେଷ ଭାବରେ ଡାକ୍ତରୀ କାମ, କ'ଣ ହେବ ନ ହେବାର ହିସାବ ନରଖି କାମ କରିବାକୁ ପଡିଥାଏ ।

ବିଦାୟ କାଳୀନ ଅଭିଭାଷଣରେ ବର୍ଷ ବର୍ଷ ବ୍ୟାପି ଯେଉଁ ସୁଖ, ଦୁଃଖ ମାନ, ଅଭିମାନ, ଲୁହ, କୋହ, ହସ, ସବୁ ଜମାଟ ବାନ୍ଧି ରହିଥାଏ, ସବୁ କିଛି ତରଳିଯାଏ । କିଛି କଥା, କିଛି ଦୀର୍ଘଶ୍ୱାସ କିଛି ଅନ୍ତରଙ୍ଗ ବନ୍ଧୁତା ଓ କିଛି ନୀରବ ନିଃଶ୍ୱାସ ଭିତରେ ଅନେକ କଥା ଅକୁହା ରହିଯାଏ, ଅନେକ ଜିନିଷ ଅପ୍ରକାଶ ରହିଯାଏ। ବିଦାୟର ସେ ଅନ୍ତିମ ମୁମୂର୍ତ୍ତରେ ମୋର ସହକର୍ମୀ ମାନେ ମତେ ଉପହାର ଦେଇଥିଲେ ଗୋଟିଏ ସୁନ୍ଦର ଶାଢ଼ି ଯାହା ଏବେ ମଧ୍ୟ ମୋର ଶାଢ଼ି ଆଲମାରୀରେ ସାଇତା ହୋଇ ରହିଛି । ଅକ୍ଷରର ସେ ଚିତ୍ରିତ ପରିଭାଷା ହୃଦୟର ପରଦାରେ ଏବେ ମଧ୍ୟ ଏକ ମନୋରମ ଆଲେଖ୍ୟ ହୋଇ ରହିଛି । ବିଦାୟ ମୁହୂର୍ତ୍ତର ସେଇ ଶାଢ଼ିଟି ଥିଲା ପାଟଶାଢ଼ି, ଯାହାର ଦେହ ସାରା ରଙ୍ଗୀନ ସୂତାରେ ଛୋଟ ଛୋଟ ଗୋଲାପ ଫୁଲ ଓ କଢ ମାନ ଫୁଟିଥିଲେ । ଶାଢ଼ିଟି ହାତକୁ ଖୁବ୍ ମୁଲାୟମ ଓ କୋମଳ ଲାଗୁଥିଲା । ତା'ଠାରୁ ହୁଏତ ମୋର ଆହୁରି ଦାମିକା ଶାଢ଼ି ଅଛି କିନ୍ତୁ ସହକର୍ମୀ ମାନଙ୍କର ସ୍ନେହ ଓ ଅନୁରାଗ, ଶାଢ଼ିଟିକୁ ଆହୁରି ମୂଲ୍ୟବାନ କରି ତୋଳିଥିଲା । ଶାଢ଼ିଟିକୁ ନେଇ ମୁଁ ସୁନ୍ଦର କବିତାଟିଏ ଲେଖିଥିଲି -

କେତେ ଅନୁରାଗ କେତେ ଭଲ ପାଇବାର/ ରେଶମୀ ସୂତାରେ ଗୁନ୍ଥା/ ସେ ଶାଢୀର ସୁନ୍ଦର ପଣତ / ପ୍ରତିଟି ସୂତାରୁ ଯାର ଝରୁଥାଏ/ ବିନ୍ଦୁ ବିନ୍ଦୁ ମୁଗ୍ଧ ମକରନ୍ଦ ।


ଏମିତିକି ମତେ ଆଈ, ବୋଉ ବା ଆତ୍ମୀୟ ସ୍ୱଜନ ଉପହାର ସ୍ୱରୂପ ଶାଢ଼ିଟିଏ ସ୍ନେହ ଓ ମମତାର ଅମୃତ ଜଳରେ ଗୋଳାଇ ଦେଇ ଦେଲେ ମୁଁ ତାକୁ ଖୁବ୍ ଆଦରରେ ପିନ୍ଧିଥାଏ । ଶାଢ଼ି କଥା କହିଲା ବେଳେ ମନେ ପଡିଯାଏ ଆଉ ଗୋଟିଏ କଥା ଖୁବ୍ ପିଲାବେଳେ ଆମେ ସ୍କୁଲରେ ପଢିଲା ବେଳେ ନବମ ଓ ଦଶମ ଶ୍ରେଣୀ ପାଇଁ ଶାଢ଼ି ପିନ୍ଧିବା ବାଧ୍ୟତା ମୂଳକ ହୋଇଯାଇଥିଲା, ଫଳରେ ଆମକୁ ନୀଳ ବର୍ଡର ଥିବା ଧଳା ଶାଢ଼ି ହିଁ ପିନ୍ଧିବାକୁ ପଡୁଥିଲା ଏବଂ ପରେ ପରେ କଲେଜ ଓ ମେଡିକାଲ କଲେଜରେ ତଥା କର୍ମ କ୍ଷେତ୍ରରେ ସବୁଠାରେ ଶାଢ଼ି ମୋ' ଜୀବନର ଏକ ସୁନ୍ଦର ଅଙ୍ଗ ଭାବେ ପ୍ରତୀୟମାନ ହେଲା ।

କେବଳ ମୋର କାହିଁକି ସବୁ ମହିଳା ମାନଙ୍କର ବିଶେଷ କରି ଯେଉଁ ମାନେ ଶାଢ଼ି ପିନ୍ଧନ୍ତି, ତାଙ୍କର ଖୁବ୍ ଦୁର୍ବଳତା ରହିଥାଏ ଶାଢ଼ି ପାଇଁ । ଭାରତର ପ୍ରାୟ ସବୁ ବଡ ବଡ ସହରରେ ଆମର ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ସଂଘ ତରଫରୁ ବାର୍ଷିକ କନଫରେନ୍‌ସରେ ଭାଷଣ ଦେବାବେଳେ ପ୍ରାୟ ପ୍ରତି ସ୍ଥାନର ପ୍ରସିଦ୍ଧ ଶାଢ଼ି ଖଣ୍ଡେ ଖଣ୍ଡେ ମୁଁ ମନେ ପକେଇ ନେଇ ଆସେ କାରଣ ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଶାଢ଼ି ମିଳେନି ତ', ସେଇ ଶାଢ଼ିରେ ବି ଗୁନ୍ଥା ହୋଇ ରହିଯାଏ, ସେଇ ସହର ଓ କନଫରେନ୍‌ସ ବେଳର ସ୍ମୃତି ।


ଶାଢ଼ିର ରଙ୍ଗ ଶାଢୀର ବୈଚିତ୍ର୍ୟ, ଶାଢ଼ିର ପିନ୍ଧିବାର ଶୈଳୀ, ଶାଢ଼ିର କୋମଳତା ଓ ମାଧୁର୍ଯ୍ୟ ଉପରେ ନିର୍ଭର କରିଥାଏ ପିନ୍ଧିଥିବା ନାରୀଟିର ବ୍ୟକ୍ତିତ୍ୱ । ହେଉପଛେ ସେ ସୂତାଶାଢ଼ି ହେଉପଛେ ସେ ଶ୍ୱେତବର୍ଣ୍ଣର ଶାଢ଼ି, କିନ୍ତୁ ପିନ୍ଧିବାର ଶୈଳୀ ହିଁ ନାରୀଟିକୁ କରିଥାଏ ଆଭିଜାତ୍ୟ ସଂପନ୍ନା । ନାରୀର ଶାଢ଼ିରୁ ହିଁ ବାରିହୁଏ ପରିବାରର ସଂସ୍କୃତି । ନାରୀର ସ୍ଥିତି, ନାରୀର ଶକ୍ତି, ନାରୀର ଅସ୍ମିତା, ସ୍ୱାଭିମାନ ଓ ସାମର୍ଥ୍ୟ ସବୁକିଛି ବାରି ହୋଇପଡିଥାଏ, ତା'ର ପିନ୍ଧିବା ଶାଢ଼ିରୁ ବେଳେବେଳେ ଶାଢ଼ି ଗରିମା ଓ ଗୌରବର ପରିଚୟ ଦେଇଥାଏ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୧୯)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

### ।। ତିନି ବନ୍ଧୁ ।।

ଦୀନାନାଥ ଆଶ୍ୱାସନା ଦେଇ କହିଲା, 'ଯଦି ସିଏ ତତେ ଧରି ଥାଆନ୍ତା ! ମୁଁ ତଳକୁ ଡେଇଁ ତାକୁ ହତ୍ୟା କରିଥାଆନ୍ତି ।

ଆଡ୍ଡାରେ ପହଞ୍ଚି ମୁଁ କହିଲି 'ଆରେ ଭାଇ ଆଜି ଦେଶ ପାଇଁ ବହୁତ ବଡ଼ କାମ ହୋଇଛି ।'

'ଏବେ ଆମକୁ ଡକାୟିତି କରିବାକୁ ପଡ଼ିବ। ଆମକୁ ଟଙ୍କା ବହୁତ ଦରକାର ଥିଲା। ଆମକୁ ବହୁତ ବନ୍ଧୁକ କିଣାକିଣି କରିବାକୁ ପଡ଼ିବ। ପାର୍ଟିକୁ ବଢ଼େଇବାକୁ ପଡ଼ିବ । ଦୀନେଶ୍ୱର ଅନେକ ଭାବି ଯୋଜନାକୁ ଗାୟନ କଲା ।

ଦୀନାନାଥ ତା'ର କଥାକୁ ସମର୍ଥନ କଲା । ଏହା ହିଁ ଠିକ୍ କଥା । ଭାଇ, ମୋ ଗାଁର ଡାକଖାନା ଅଛି । ସେଇଠିକୁ ପ୍ରତିଦିନ ଗୋଟେ ଡାକବାଲା ଆସେ । ତା' ପାଖରେ ନିଶ୍ଚୟ ପଇସାପତ୍ର ଥିବ । ସେ କ'ଣ ଖାଲି ଚିଠି ଆଣୁଥିବ ? ତା' ସହ ମନିଅର୍ଡର ବି ଆଣୁଥିବ । ଯିବା ଆସିବା ରାସ୍ତାରେ ମଝିରେ ମଝିରେ ଶୁନ୍‌ଶାନ୍ ପଡ଼େ । ସେଇଠି ଦେଖିକି ତାକୁ କ୍ଲୋରଫର୍ମ ଶୁଙ୍ଘାଇ ବେହୋସ କରିବା । ତା' ପରେ ତା'ଠାରୁ ଟଙ୍କା ଛଡ଼େଇ ନେବା ।

ଏ ଯୋଜନା ସମସ୍ତଙ୍କୁ ପସନ୍ଦ ଆସିଲା । ଏ କାମ ପାଇଁ ଆମେ ସମସ୍ତେ ଦୀନାନାଥକୁ ବାଛିଲୁ । ଦୀନାନାଥ ଯେବେ କହିବ, ତା' ପରେ ଆମେ ଆମ କାମରେ ଆଗେଇବା । 'କେବେ ଡାକବାଲା ଗାଁକୁ ଯାଉଛି ?

କେତେବେଳେ ଶୁନ୍‌ଶାନ୍ ରାସ୍ତା ରହୁଛି ?

ତା'ର ଶାରିରୀକ ଶକ୍ତି କେତେ ?

ତା' ପାଖରେ କିଛି ଅସ୍ତ୍ରଶସ୍ତ୍ର ରହେ କି ନାହିଁ ?

ଆମେ ନିଶ୍ଚୟ କରିଲୁ କି ଏସବୁ କଥା ଭଲଭାବରେ ଦୀନାନାଥ ବୁଝାବୁଝି କରି କହିଲେ, ଆମେ ଡକାୟିତି କରିବା ଯୋଜନା କରିବା ।

ପ୍ରକୃତରେ ମୋ ନିଜ ଉପରେ ମୋର ଗର୍ବ ଆସୁଥିଲା । ମୁଁ ମଝି ଘର ସାମ୍ନାରେ ଠିଆ ହୋଇଥିଲି । ମୋ ଦେହ ସାରା ଚିନି ବଲବଲ ହୋଇ ଲାଗିଥିଲା । ଏମିତି ଧଳା ଦିଶୁଥିଲି ଯେ ମୋ ଦେହରେ କଚ୍ଛା ଅଛି କି ନାହିଁ ଜଣା ପଡୁନଥିଲା । କିନ୍ତୁ ମୁଁ ବହୁତ ସନ୍ତୁଷ୍ଟ ଓ ଉତ୍ସାହିତ ଥିଲି । ପ୍ରକୃତରେ ମୁଁ ହିଁ କ୍ରାନ୍ତିକାରୀ ଥିଲି, ସାହସ ମୋର ସବୁଠୁ ଅଧିକା ମୋ ସାଙ୍ଗମାନଙ୍କଠାରୁ । ଏମିତି ଭାବନା ସବୁ ମୋ ହୃଦୟକୁ ପରିପୂର୍ଣ୍ଣ କରିଦେଲା ।

ଦଶହରା ଓ ଦୀପାବଳୀ ସରିଗଲା । ଶୀତରତୁ ବିଜୟ ସୈନିକ ପରି ଉତ୍‌ଫୁଲ୍ଲିତ ହୋଇ ଆସିଲା । ଶୀତକୁ ଦେଖି ଆମେ ଆମ ହାଇସ୍କୁଲ ପଢ଼ାପଢ଼ି ପ୍ରତି ସଜାଗ ସତର୍କ ହୋଇଗଲୁ । ଦୀନାନାଥ କହିଲା ଆମକୁ ପରୀକ୍ଷା ପାଇଁ ପୁରା ଜୋର୍‌ସୋର୍‌ରେ ପ୍ରସ୍ତୁତି କରିବା ଦରକାର । ଏବଂ ପରୀକ୍ଷା ସରିବା ପରେ ଡାକବାଲା ଉପରେ ଡକାୟତି କରିବା ଯୋଜନା କରିବା ଉଚିତ୍ ।

ମନୋହର ଏବଂ ଦୀନେଶ୍ୱର ବି ଏ କଥାକୁ ଶହର୍ଷ ଶିକାର ନେଲେ । ମୋ ପାଖରେ କିଛି ଚାରା ନଥିଲା । କିନ୍ତୁ ମୋତେ ଟିକେ ଦୁଃଖ ଲାଗିଲା । ମୁଁ ଚାହୁଁ ନଥିଲି କି ଦୁନିଆର କୌଣସି ଜିନିଷ ଯେତେ ବି ମହତ୍ତ୍ୱପୂର୍ଣ୍ଣ ହେଉ ନା କାହିଁକି ଆମେ କ୍ରାନ୍ତିକାରୀ ଯୋଜନାର ପ୍ରଗତିରେ ବାଧା ଆଣୁ । ମୋ ପାଇଁ ଦେଶ ଓ ଦେଶର ସ୍ୱାଧୀନତାଠୁ ବଳି କୌଣସି ବସ୍ତୁ ନଥିଲା ।

ଅବଶ୍ୟ ଆମେ ସବୁ ପରୀକ୍ଷା ପାଇଁ ପ୍ରସ୍ତୁତିରେ ଲାଗିଗଲୁ । କିନ୍ତୁ ଆମେ ପ୍ରତିଦିନ ଏକାଠି ହେଉଥିଲୁ । ଶରୀରରେ ଶକ୍ତି ଭରିବା ପାଇଁ ଏକତ୍ରିତ ହୋଇ ବ୍ୟାୟାମ କରୁଥିଲୁ । ମୋତେ ମୋ ସ୍ୱାସ୍ଥ୍ୟ ପାଇଁ ବହୁତ ଚିନ୍ତା ଥିଲା । ଯେବେଠାରୁ ଆମ କ୍ରାନ୍ତିକାରୀ ବଳ ଗଠନ ହେଲା ସେବେଠୁ ଆମେ ବ୍ୟାୟାମ କରୁଛୁ । ମୁଁ ଟିକେ ଅଧିକ ସମୟ ଦଣ୍ଡବୈଠକ ମାରେ । ଏମିତି କୌଣସି ଦିନ ଏଥିରେ ବାଧା ସୃଷ୍ଟି ହୋଇନି । ଜବରଦସ୍ତି ପିଉଥିବା କ୍ଷୀର ଏବେ ମୋତେ ସ୍ୱାଦିଷ୍ଟ ଲାଗୁଛି । ଏହା ଦ୍ୱାରା କିଛି ମାସ ଭିତରେ ମୋ ଶରୀରରେ ଶକ୍ତି ଓ ମେଦ ଆସିଯାଉଥିଲା । ମୋର ଅନ୍ୟ ବନ୍ଧୁମାନେ ମଧ୍ୟ ଏହାହିଁ କରୁଥିଲେ । କିନ୍ତୁ କିଛି ଫରକ ସେମାନଙ୍କଠି ଦେଖା ଯାଉନଥିଲା । ଖାଲି ଦୀନାନାଥର ଶରୀରରେ ପରିବର୍ତ୍ତନ ଆସିଥିଲା । ସିଏ ଏକା ସସହିତ ଦଣ୍ଡ ବୈଠକ, ସୂର୍ଯ୍ୟ ନମସ୍କାର, ଆସନ ଓଓ ପ୍ରାଣାୟମ ସବୁ କରୁଥିଲା । ପରିଣାମ ସ୍ୱରୂପ ତା'ର ଶରୀର ଶୁଖିଲା ଗଛ ପରି ରସହୀନ ସୁଷ୍କ ହୋଇଯାଉଥିଲା । ଗାଲ ପୁରା ଗୋଲ ଗୋଲ ଦେଖା ଯାଉଥିଲା । ସେଥିପାଇଁ ତା'ର ଦୁର୍ବଳ ଶରୀରରେ ବି ସେ ଶକ୍ତିଶାଳୀ ଦେଖାଯାଉଥିଲା । ମଝିରେ ମଝିରେ ଦେଖେଇ ହେଇ ଛାତି ଫୁଲେଇ ରାସ୍ତାରେ ଚାଲୁଥିଲା ।

ସନ୍ଧ୍ୟା ସମୟରେ ଆମେ ଆମ ଆଡ୍ଡାରେ ଏକାଠି ହେଉଥିଲୁ । 'ବାଡ଼ିଖେଳ' ପୁସ୍ତକରୁ କୌଶଳ ଶିଖି ବାଡ଼ିଖେଳର ଅଭ୍ୟାସ କରୁଥିଲୁ । କିନ୍ତୁ ସେ ବହି ଆମକୁ ଧୋକା ଦେଲା ।

କାରଣ ଆମେ ତାକୁ ଠିକ୍ ଭାବେ ବୁଝି ପାରୁନଥିଲୁ । କିଛିଦିନ ପରେ ଆମେ ଆଉ ସେ ପୁସ୍ତକ ପଢ଼ିଲୁନି । ଆମେ ଆମ ମୌଳିକ ନୀତି ତଥା ଆପଣା ଆପଣା କଳା କୌଶଳରେ ବାଡ଼ି ଚଲେଇବା ଅଭ୍ୟାସ କଲୁ । ଆମ ବଳ ଆମେ କଣି ଆମେ ସନ୍ତୁଷ୍ଟି ପାଉଥିଲୁ । କେବେ କେବେ ଛୁରା ଫୋପାଡ଼ିବା ଅଭ୍ୟାସ ବି କରୁଥିଲୁ । ଆମେ ଅଗଣାରେ ଗୋଟେ କାଠ ପଟା ଡେରି ଦେଇଥିଲୁ । ଜଣେ ଜଣେ କରି ସେହି ପଟାକୁ ଲକ୍ଷ୍ୟ କରି ଛୁରା ଫୋପାଡୁ ଥିଲୁ । ଏହାଦ୍ୱାରା ଯେଉଁ ଅସଫଳତା ମିଳିଲା ତାହା ବିସ୍ମୟଜନକ । କାରଣ ଆମ ଭିତରୁ କାହାର ଛୁରାବି ପଟାର ସଠିକ୍ ଲକ୍ଷ୍ୟ ଭେଦ କରିପାରୁନଥିଲା ।

କେବେ କେବେ ଦୀନାନାଥ ଛୁରାକୁ ହାତରେ ଧରି ଅଗଣାରେ ଦୌଡୁଥିଲା । ମଝିରେ ମଝିରେ ନିଜ ଶକ୍ତି ଅନୁସାରେ ପବନକୁ ଛୁରାରେ ଚିରି ଦେଉଥିଲା । ତାକୁ ଦେଖି ଆମେ ସମସ୍ତେ ବି ଛୁରାରେ ଖଣ୍ଡାରେ ପବନକୁ ଆମ ପରାକ୍ରମ ଦେଖେଇଲୁ । ଯେଉଁଥିରେ ବାଡ଼ି ଖେଳକୁ ବି ସାମିଲ କଲୁ ।

କେବେକେବେ ଆମେ ଦୌଡ଼ିବା ଅଭ୍ୟାସ କରୁଥିଲୁ । ଏମିତି କରିବା ବହୁତ ଜରୁରୀ ଥିଲା । ଆମେ କ୍ରାନ୍ତିକାରୀ କେତେବେଳେ ବି ପୋଲିସ ଆମ ପିଛା କରିପାରେ । ଏ ସଂମ୍ଭାବନା ବହୁତ ଅଧିକ ଥିଲା । ତେଣୁ ଦୌଡ଼ିବା ଅଭ୍ୟାସ ଜରୁରୀ ଥିଲା । ଆତ୍ମରକ୍ଷା ପ୍ରଥମ କର୍ତ୍ତବ୍ୟ ।

ଆମେ ବାଲିରେ ଦୌଡ଼ିବା ଅଭ୍ୟାସ କରୁଥିଲୁ । ଦୀନାନାଥ ସବୁଠାରୁ କ୍ଷିପ୍ରଗତିରେ ଦୌଡୁଥିଲା । କେତେବେଳେ କେତେବେଳେ ଆମେ ଗଛ ଉପରେ ଚଢ଼ି ତା'ର ପତଳା ପତଳା ଶାଖା ପ୍ରଶାଖାରେ ଲଟକି ତଳକୁ କୁଦୁ ଥିଲୁ । ମୋଟ ମୋଟା ଡାଳରେ ବେଳେବେଳେ ସିଧା ସସିଧା ଚାଲିବା ଅଭ୍ୟାସ କରୁଥିଲୁ । ପଂଝା ଲଢ଼େଇ କରୁଥିଲୁ । ଦୁଇହାତ ମୁଠାଇ କାନ୍ଥକୁ ଯୋର ଯୋର ମାରୁଥିଲୁ । ଶକ୍ତି ବୃଦ୍ଧି କରିବା ପାଇଁ ଆମେ ସାଧ ମତେ ଚେଷ୍ଟା କରୁଥିଲୁ । ବେଳେବେଳେ ନିଜ ନିଜ ମୁଣ୍ଡକୁ ଅନ୍ୟ ମୁଣ୍ଡରେ ବାଡ଼େଇ ଦେଉଥିଲୁ । ଯେଉଁଥିରେ ମୁଣ୍ଡ ବହୁତ ସମୟରେ ଫୁଲି ଯାଉଥିଲା । ଆମକୁ କଷ୍ଟେ ହେଉଥିଲା କିନ୍ତୁ ଖୁସି ଲାଗୁଥିଲା କି ଆମ ଭିତରେ ପର୍ଯ୍ୟାପ୍ତ ସହନଶକ୍ତି ଅଛି । ଆମେ ପୋଲିସର ଦଣ୍ଡକୁ ସହଜରେ ଗ୍ରହଣ କରିପାରିବୁ ।

ଦିନ ଶିଘ୍ର ବିତୁଥିଲା । ମୋର ଉତ୍ସାହର ଅନ୍ତ ନଥିଲା । ମୋତେ ମୋ ନିଜ ଉପରେ ଅପୂର୍ବ ସନ୍ତୋଷ--- ଥିଲା । ମୋ ମନ ଭିତରେ ସମସ୍ତ ହୀନମନ୍ୟତା ସରିଯାଇଥିଲା । ଖାଲି ସେତିକି ନୁହେଁ ମନ ଭିତରେ ସବୁବେଳେ ଗୋଟେ ଆତ୍ମଶ୍ରେଷ୍ଠତା ଅନୁଭବ ଆସୁଥିଲା । ମୁଁ ସବୁବେଳେ ଚାହୁଁଥିଲି ମୋତେ ଅଧିକରୁ ଅଧିକ ସାହସିକତାର କାର୍ଯ୍ୟ କରିବାକୁ ମିଳୁ । ଅଧିକରୁ ଅଧିକ ତ୍ୟାଗ କରିବା ଓ କଷ୍ଟ ସହିବାର ଅବସର ମିଳୁ ।

ଏଇ କିଛି ମାସ ଭିତରେ ନିଜ ଭିତରେ କିଛି ଅପୂର୍ବ ଶକ୍ତି ଆସିସାରିଥିଲା । ଯାହା ଗୋଟେ ଅଦ୍‌ଭୁତ ପରିସ୍ଥିତିରେ ଉଦ୍‌ଘାଟିତ ହେଲା । ସନ୍ଧ୍ୟା ସମୟରେ --- ନାରାୟଣ ଛପରା ଯାଉଥିଲା । ମୋ ବନ୍ଧୁମାନେ ପୂର୍ବରୁ ଚାଲି ଯାଉଥିଲେ । ଘରେ ମୋର ଟିକେ କାମ ଥିଲା । ମୁଁ ମୋ ବନ୍ଧୁମାନଙ୍କ ସହ ଯାଇ ଯାଇ ପାରିନଥିଲି । ଯେତେବେଳେ ମୁଁ ଆମ ସ୍କୁଲ ସାମ୍ନା ଦେଇ ଯାଉଥିଲି । ଠିକ୍ ସେତିକି ବେଳେ ରାସ୍ତାରେ ଜନହକା ଦୁଷ୍ଟ ଉପରେ ମୋ ନଜର ପଡ଼ିଲା । ଜନହକା ଖୁବ୍ ଦୁର୍ବଳ ପତଳା ଥିଲା । ସିଏ ଆଣ୍ଠୁ ହୁଡ଼ି ନଥିଲା । ଧୋତି ଖଣ୍ଡେ ପିନ୍ଧିଥିଲା । ତା' ଉପରେ ସଫା କମିଜ ପିନ୍ଧିଥିଲା । ମୁଣ୍ଡରେ ଗୋଟେ ମୁସଲମାନ ଟୋପି ପିନ୍ଧି ଥିଲା । ଯାହାର ଉଦ୍ଦେଶ୍ୟ ସିଧା ସରଳ ଲୋକମାନଙ୍କୁ ଚମକେଇବ ।

ନନହକା ବହୁତ ଭ୍ରଷ୍ଟ ଆଚଣର ଦୁଷ୍ଟ ଥିଲା । ବହୁତ ଦିନ ପରେ ତାକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଥିଲା । ଏତେ ଦୁଷ୍ଟ ମଣିଷ ଏତେ ଦୁର୍ବଳ ଗେଡ଼ା କଣ ହୋଇପାରେ ? ମୁଁ ମନରେ କେବେ କଳ୍ପନା କରି ପାରୁନଥିଲି । ଯେତେବେଳେ ମୁଁ ସାନଥିଲି ସେତେବେଳେ ଭୟ କାରଣରୁ ମୋତେ ନହଉକା ବହୁତ ଲମ୍ୱା, ତାଗଡ଼ା ଏବଂ ଦୁଷ୍ଟ ଲାଗୁଥିଲା । କିନ୍ତୁ ଯେତେବେଳେ ମୁଁ ନିଜେ ଲମ୍ୱା, ତାଗଡ଼ା ସାହସୀ ହୋଇଗଲି, ତାକୁ ଦେଖିଲେ ଲାଗୁଥିଲା କେତେ ହୀନଜନ ମଣିଷଟା ହୋଇଥିବ । ମୋତେ ମୋ ଉପରେ ବିଶ୍ୱାସ ଆସୁନଥିଲା ବି ମୁଁ ସତରେ ଲମ୍ୱା ଓ ସାହସୀ ହୋଇଯାଇଛି ।

ମୋର ସେଦିନର କଥା ମନେ ପଡ଼ିଗଲା । ଯେଉଁଦିନ ମୋ ଠାରୁ ମୋ ବହି ଛଡ଼େଇ ନେଇଥିଲା । ମୋ ହାତରୁ ଛଡ଼େଇ ନେବାର ପରର ଦିନ ବି ମନେପଡ଼ିଗଲା । ନନହ କଥା ମନେପଡ଼ିଗଲେ ମୁଁ ଭୟରେ ଥରୁଥିଲି । କିନ୍ତୁ ଆଜି ସେ ମୋ ସାମ୍ନାରେ କେତେ ତୁଚ୍ଛ ଲାଗୁଛି । ଚାହିଁଲେ ଏଇନେ ତାକୁ ଦଶ ଯୋତା ପିଟିଦେବି । ଏ ବିଚାର ଆସିବା କ୍ଷଣି ମୋ ମୁଣ୍ଡକୁ କ୍ରୋଧ ଚଢ଼ିଲେ, ତାକୁ ମୁଁ ଯେତିକି ଯେତିକି ଚାହୁଁଥିଲି, ଆମେ ପାଖ ହୋଇ ଆସିଲା ବେଳକୁ ମୋ କ୍ରୋଧ ବଢ଼ିଯାଇଥିଲା । କିଛି ସମୟ ଭିତରେ ସବୁକିଛି ବଡ଼ ଅହସ୍ୟ ଲାଗିଲା । ମୋର ପୁରୁଣା ଭୟ ମୋର ଶାରୀରକ ସମର୍ଥତା ଭୀଷଣ ପ୍ରତିହିଂସା ପରାୟଣ ତଥା କ୍ରୋଧ ମିଶ୍ରିତ ହୋଇ ଭୟଙ୍କର ରୂପ ଧାରଣ କରିଲା । ସେଦିନର କଥା ମନେ ପଡ଼ିଲେ ଆଜି ହସ ମାଡୁଛି ।(କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୨ ପାଳନ ପାଇଁ ପ୍ରସ୍ତୁତି

ବାରିପଦା, ୦୬/୦୮ (ନି.ପ୍ର): ପ୍ରତିବର୍ଷ ପାଳନ ହୋଇ ଆସୁଥିବା ସ୍ୱାଧୀନତା ଦିବସ ଚଳିତ ବର୍ଷ କୋଭିଡ-୧୯ ନିୟମ ନିର୍ଦ୍ଦେଶାବଳୀ କଟକଣାକୁ ଦୃଷ୍ଟିରେ ରଖି ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ ସିମୀତ କାର୍ଯ୍ୟକ୍ରମ ଆୟୋଜନ ମଧ୍ୟରେ ୭୬ ତମ ସ୍ୱାଧୀନତା ଦିବସ-୨୦୨୨ ପାଳନ କରାଯିବା ପାଇଁ ଜିଲ୍ଲା ପ୍ରସାଶନ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆରକ୍ଷୀ ବିଭାଗ ତତ୍ୱାବଧାନରେ ଆନୁଷଙ୍ଗିକ ପ୍ରସ୍ତୁତି କାର୍ଯ୍ୟକ୍ରମ ସଂପୃକ୍ତ ବିଭାଗ ସହଯୋଗରେ ସମ୍ପାଦନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ବାରିପଦା ରିଜର୍ଭ ପୋଲିସ ପଡିଆ ଠାରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ-୨୦୨୨ ପାଳନ କରାଯିବ। ସ୍ୱାଧୀନତା ଦିବସ ପାଳନର ପ୍ରତ୍ୟୁଷରୁ ଘ. ୪:୩୦ ମିନିଟ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ଡାକବାଜି ଯନ୍ତ୍ର ଜରିଆରେ ରାମଧୂନ ପ୍ରଚାର ଓ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ। ବାରିପଦା ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଘ.୯.୧୫ମିନିଟ ସମୟରେ ଜାତୀୟ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ ଓ ଅଭିବାଦନ ଗ୍ରହଣ ଏବଂ ଏଥିରେ କେବଳ ପୋଲିସ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନ ସହ ଜାତୀୟ ସଂଗୀତ ପରିବେଷଣ କରାଯିବ। ଚଳିତ ବର୍ଷ ଉତ୍ସବରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ /ଏନସିସି କ୍ୟାଡେଟ ମାନଙ୍କୁ ମିଳିତ ପ୍ୟାରେଡ୍‌ରୁ ବାଦ ଦିଆଯାଇଛି। ସେହିପରି ଜନସାଧାରଣ ଲୋକଙ୍କୁ ମଧ୍ୟ ଉତ୍ସବରେ ଯୋଗଦାନରେ ସାମିଲ୍ କରାଯାଇନାହିଁ। କେବେଳ ସୀମିତ ସଂଖ୍ୟକ (୫୦ ରୁ ୭୫) ଅତିଥି, କୋଭିଡ ଯୋଦ୍ଧାଙ୍କୁ ଉତ୍ସବରେ ଯୋଗ ଦେବାକୁ ଇ-ନିମନ୍ତ୍ରଣ ମଧ୍ୟମରେ ନିମନ୍ତ୍ରଣ କରାଯିବ। ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦାନ କରୁଥିବା ନିମନ୍ତ୍ରିତ କୋଭିଡ ଯୋଦ୍ଧା, ଅତିଥି, ପୋଲିସ ବାହିନୀ, ପଦାଧିକାରୀ / ସଂପୃକ୍ତ କର୍ମଚାରୀ ସମସ୍ତେ ମାସ୍କ ପରିଧାନ, ସାମାଜିକ ଦୂରତା ବଜାୟ ରଖିବା ଓ ହାତ ସାନିଟାଇଜ କରିବା ବାଧ୍ୟତା ମୂଳକ କରଯାଇଛି। ଏଥି ନିମନ୍ତେ ରିଜର୍ଭ ପୋଲିସ ପଡିଆରେ ଜାତୀୟ ପତାକା ଉତୋଳନ ମଂଚ ସାଜସଜ୍ଜା, ବ୍ୟାରିକେଡିଂ, ଟେଣ୍ଟ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପ୍ରାଥମିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସେବା, ନିମନ୍ତ୍ରିତ ଅତିଥିଙ୍କ ବସିବା ସ୍ଥାନ ଓ ଅସ୍ଥାୟୀ ପରିମଳ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ କରାଯିବା ପାଇଁ ନିଷ୍ପତି ନିଆଯାଇଛି। ସେହିପରି ଉପଖଣ୍ଡ /ବ୍ଲକ / ପଂଚାୟତ ସ୍ତରରେ ସରକାରଙ୍କ ଗୃହ ବିଭାଗ ମାର୍ଗଦର୍ଶିକା ଅନୁପାଳନ ଭିତିରେ ସ୍ୱାଧୀନତା ଦିବସ ପାଳନ କରାଯିବ । ଭାରତ ସ୍ୱାଧିନତାର ୭୫ ବର୍ଷ ପୂର୍ତି ଅବସରରେ ଦେଶ ବ୍ୟାପି ଆଜାଦିକା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ "ହର୍ ଘର ତିରଙ୍ଗା" କାର୍ଯ୍ୟକ୍ରମ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ / ପ୍ରତିଷ୍ଠାନ ଓ ସର୍ବୋପରି ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ହୃଦୟରେ ଦେଶାତ୍ମବୋଧ ଭାବନା ଜାଗ୍ରତ କରିବା ପାଇଁ ଚଳିତ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ତିରଙ୍ଗା ପତାକା ଉଡାଇବା ନିମନ୍ତେ ଉତ୍ସାହିତ କରାଯାଉଅଛି ।

## ବିଜେପିର ରାଇବଣିଆ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ଜଳେଶ୍ୱର, ୦୬/୮(ନି.ପ୍ର): ବିଜେପିର ରାଇବଣିଆ ମଣ୍ଡଳ ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ରାଇବଣିଆ ମଣ୍ଡଳର ସଭାପତି ମନୋଜ କୁମାର ସାସମଲ ଏଥିରେ ସଭାପତିତ୍ୱ କରି ଦଳକୁ ସୁଦୃଢ ଓ ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ଶକ୍ତି କେନ୍ଦ୍ରର ବୈଠକ ବିଭିନ୍ନ ସ୍ତରରେ ହେବା ସହିତ ନିର୍ଯ୍ୟାସକୁ ମଣ୍ଡଳ କମିଟି ଗ୍ରହଣ କରିବା ସଂପର୍କରେ ଆଲୋଚନା ହୋଇଥିଲା । ଯୁବନେତା ଦିବ୍ୟକାମ ମହାନ୍ତି, ଅଭିଯିତ୍ ପ୍ରଧାନ, ଗଣେଶ ସରେନ୍, ରବିନ୍ଦ୍ର ଦତ୍ତ, ଦିଗାମ୍ବର ଦାସ, ଅଚ୍ୟୁତ ମହାନ୍ତି, ଅଂଶୁମୋଚନ ଘୋଷ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବିଜତା ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜଧାନୀରେ ୮୫ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୦୬/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୮୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୯୩ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୩ ହଜାର ୭୬୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୧ ହଜାର ୪୩୩ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୫ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୧୧୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୧୨୩ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ରାଜ୍ୟରେ ଗତ ୨୪ ଘଂଟାରେ ୨୧ ହଜାରରୁ ଅଧିକ କରୋନା ଟେଷ୍ଟ

ଭୁବନେଶ୍ୱର , ୦୬/୦୮ (ନି.ପ୍ର): ରାଜ୍ୟରେ କରୋନାର ନୁଆ ମାମଲା ଅଳ୍ପ ବଢିବା ଲକ୍ଷ୍ୟ କରାଯାଉଅଛି । କରୋନା ଟେଷ୍ଟ କରିବା ପ୍ରକ୍ରିୟା ମଧ୍ୟ ପ୍ରତିଦିନ ଜାରି ରହିଛି । ଗତ ୨୪ ଘଂଟାରେ ପୁରା ରାଜ୍ୟରେ ସମୁଦାୟ ୨୧ ହଜାର ୯୬୮ ଜଣଙ୍କର କରୋନା ଟେଷ୍ଟ କରାଯାଇଅଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଟ୍ୱିଟର ସୂଚନା ଅନୁସାରେ ଶନିବାର ସକାଳ ସୁଦ୍ଧା ସମୁଦାୟ କରୋନା ଟେଷ୍ଟ ୩ କୋଟି ୨୭ ଲକ୍ଷ ୬୬ ହଜାର ୬୧୦ ରେ ପହଂଚିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଖୁବ ଶୀଘ୍ର ବୁଷ୍ଟର ଡ଼ୋଜ୍ ନେବା ....

ପ୍ରଭାବଶାଳୀ କୋଭିଡ଼ ଟିକା ଉପଲବ୍ଧ କରାଇ ଆମ ଦେଶ ନିଜର ସ୍ୱାସ୍ଥ୍ୟ ଭିତିଭୂମିକୁ ସଶକ୍ତ କରିବା ସଙ୍ଗେସଙ୍ଗେ ତ୍ୱରିତ ଟୀକାକରଣ ପ୍ରକ୍ରିୟାକୁ ନିଶ୍ଚିତ କରିଛି । ଏହାର ସଫଳତା ପଛରେ ଦେଶର ଲକ୍ଷ ଲକ୍ଷ ଡ଼ାକ୍ତର, ସ୍ୱାସ୍ଥ୍ୟ କର୍ମୀ ଓ ବୈଜ୍ଞାନିକ ମାନଙ୍କ ଅକ୍ଳାନ୍ତ ପରିଶ୍ରମ ରହିଛି ଏବଂ ଏଥିପାଇଁ ଆମେ ସମସ୍ତେ ତାଙ୍କ ପାଖରେ ଋଣୀ । ନାଗରିକଙ୍କ ସୁରକ୍ଷା ପାଇଁ ଭାରତ ସରକାରଙ୍କ ତରଫରୁ ପ୍ରଥମେ କୋଭିଡର ଦୁଇଟି ଡୋଜ୍ ଏବଂ ଏବେ ବୁଷ୍ଟର ଡୋଜ୍ ମାଗଣାରେ ଦିଆଯାଉଛି । ବୁଷ୍ଟର ଡୋଜ୍ ଦେବା ପାଇଁ ଅମୃତ କାଳରେ ଜୁଲାଇ ୧୫ରୁ ୭୫ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ୧୮ ବର୍ଷରୁ ଅଧିକ ନାଗରିକଙ୍କୁ ସରକାରୀ ଟିକା କେନ୍ଦ୍ରରେ ମାଗଣାରେ ଟିକାକରଣ କରାଯାଉଛି । କିନ୍ତୁ କୋଭିଡ଼ ବୁଷ୍ଟର ଡୋଜ୍ ନେବା କ୍ଷେତ୍ରରେ ଜାତୀୟ ହାର ଠାରୁ ଓଡ଼ିଶାର ହାର କମ ଅଛି । ଓଡ଼ିଶାର ୮୭ ପ୍ରତିଶତ ନାଗରିକ ଏ ପର୍ଯ୍ୟନ୍ତ ବୁଷ୍ଟର ଡ଼ୋଜ୍ ଟିକା ନେଇ ନାହାନ୍ତି । ଅଗଷ୍ଟ ୪ ତାରିଖ ସୁଦ୍ଧା ଓଡ଼ିଶାରେ ୩ କୋଟି ୨୩ ଲକ୍ଷ ନାଗରିକ ପ୍ରଥମ ଓ ଦ୍ୱିତୀୟ ଡ଼ୋଜ ଟିକା ନେଇସାରିଛନ୍ତି । କେବଳ ୪୨ ଲକ୍ଷ ୩୪ ହଜାର ଜଣ ବୁଷ୍ଟର ଡ଼ୋଜ୍ ନେଇଛନ୍ତି । ରାଜ୍ୟର ୬ଟି ଜିଲ୍ଲା ଯଥା କଟକ, ଖୋର୍ଦ୍ଧା, ଜଗତସିଂପୁର, ସୁନ୍ଦରଗଡ଼, ପୁରୀ ଏବଂ ଅନୁଗୁଳରେ ଏ ପର୍ଯ୍ୟନ୍ତ ୧୦ ପ୍ରତିଶତ ବରିଷ୍ଠ ନାଗରିକ ପ୍ରଥମ ଡୋଜ୍ ଟିକା ନେଇ ନାହାନ୍ତି । ରାଜ୍ୟର ୮ଟି ଜିଲ୍ଲାରେ ପାଖାପାଖି ୨୫ ଲକ୍ଷ ନାଗରିକ ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି । ଏବେ ବର୍ଷାଋତୁରେ କୋଭିଡ଼ ସଂକ୍ରମଣ ଆହୁରି ବଢ଼ିବାର ଆଶଙ୍କା ତିଆରି ହୋଇଛି । ଏହି କୋଭିଡ୍ ମହାମାରୀକୁ ପ୍ରତିହତ କରିବା ପାଇଁ ଏକମାତ୍ର ଅସ୍ତ୍ର ହେଉଛି ଟୀକା । ତେଣୁ ଯେଉଁମାନେ ପ୍ରିକସନ ଡୋଜ୍ ନେବା ପାଇଁ ଯୋଗ୍ୟ, ସେମାନେ କାଳ ବିଳମ୍ବ ନ କରି ତୁରନ୍ତ ନିକଟସ୍ଥ ସରକାରୀ ଚିକିତ୍ସାଳୟକୁ ଯାଇ ଡୋଜ୍ ନିଅନ୍ତୁ । ବୁଷ୍ଟର ଡୋଜ୍ ନେଇ ନ ଥିବା ଲୋକଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରନ୍ତୁ । ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶକୁ ସୁରକ୍ଷିତ ରଖନ୍ତୁ । ବୁଷ୍ଟର ଡୋଜ ନେଇ ସ୍ୱାସ୍ଥ୍ୟକର୍ମୀ ଓ ବୈଜ୍ଞାନିକଙ୍କ ପରିଶ୍ରମକୁ ଉଚିତ୍ ସମ୍ମାନ ଦେବା । କୋଭିଡ଼ ବିରୁଦ୍ଧରେ ଆମ ଲଢ଼େଇକୁ ଆହୁରି ବ୍ୟାପକ କରିବା ଏବଂ ସ୍ୱାଧୀନତାର ଅମୃତ ମହୋତ୍ସବକୁ ସଗୌରବେ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ନାଗରିକଙ୍କୁ ଆହ୍ୱାନ କରିଛନ୍ତି ।

## ଓଡ଼ିଶା ଗସ୍ତରେ କେନ୍ଦ୍ର ଗୃହ....

କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ସ୍ୱାଗତ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପ୍ରମୁଖ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାଙ୍କ ସହ ଆଲୋଚନା କରିବେ । ଏହା ପରେ ଅପରାହ୍ନ ୫ଟାରେ "ମୋଦି ଅ ୨୦" ପୁସ୍ତକର ବୁକ୍ ରିଡିଂ କାର୍ଯ୍ୟକ୍ରମରେ ଯୋଗଦେଇ ସଂଧ୍ୟାରେ ଦିଲ୍ଲୀ ଅଭିମୁଖେ ଗସ୍ତ କରିବେବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । କେନ୍ଦ୍ର ଗୃହ ଓ ସମବାୟ ବିଭାଗ ମନ୍ତ୍ରୀ ଶ୍ରୀ ଶାହାଙ୍କ ଓଡ଼ିଶା ଗସ୍ତକୁ ନେଇ ବିଜେପି କାର୍ଯ୍ୟକର୍ତାଙ୍କ ମନରେ ଉତ୍ସାହ ରହିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦିକ ସିପ୍ରା ବାଜପେୟୀ ଓ ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ତାଇୱାନ ସୀମାରେ....

ବିଶ୍ୱ ବାଣିଜ୍ୟର ପ୍ରମୁଖ ରାସ୍ତା କୁହାଯାଉଥିବା ଦକ୍ଷିଣ ଚୀନ ସାଗରରେ ଚୀନ ମନମାନି କରୁଥିବା କହିଛନ୍ତି ପ୍ରତିରକ୍ଷା ବିଶେଷଜ୍ଞ ଅନିଲ ଗୌର । କିନ୍ତୁ ଆମେରିକା ଚୀନ ବିବାଦ ମଧ୍ୟରେ ଭାରତ ଲାଭବାନ ହେବ ବୋଲି ସେ କହିଛନ୍ତି । ଏପଟେ ତାଇୱାନକୁ ନେଇ ଦେଖାଦେଇଥିବା ଉତେଜନାକୁ ନେଇ ଆମେରିକାକୁ ଦାୟୀ କରିଛି ଉତର କୋରିଆ । ନାନ୍ସି ପଲୋସି ଜାଣିସୁଣି ଏଭଳି ସମସ୍ୟା ସୃଷ୍ଟି କରିଛନ୍ତି ବୋଲି କହିଛି ଉତର କୋରିଆ । ଯଦି ସତରେ ତାଇୱାନ ଉପରେ ଚୀନ ଆକ୍ରମଣ କରେ ତେବେ ଭାରତର ଆଭିମୂଖ୍ୟ କ'ଣ ରହିବ ତାହା ଉପରେ ସମସ୍ତଙ୍କର ନଜର ରହିଛି ।

## ନୃସଂଶ ବାପାର....

ବିଭିନ୍ନ ବାହାନା ଦେଖାଇଥିଲେ ସାବତ ମା' । ଅଧିକ ପଚରା ଉଚରା ପରେ ରାତିରେ ତାର ବାତ ବାହାରିବାକୁ ଓମ୍ ମରିଯାଇଛି ଓ ସେମାନେ ତାକୁ ପୋତି ଦେଇଥିବା କହିଥିଲେ । ଓମ୍ର ଜେଜେ ମା' ପୋଲିସକୁ ଖବର ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଗଣେଶ ଓ ତାଙ୍କ ଦିତୀୟ ପତ୍ନି ଓମକୁ ମାରି ନୁନିଆଯୋଡି ନିକଟରେ ଫପାଡ଼ି ଦେଇଥିବା ମାନିବା ପରେ ପୋଲିସ ଓମର ମୃତଦେହକୁ ଉଦ୍ଧାର କରିଛି । ଗଣେଶ ଓ ତାଙ୍କ ଦ୍ୱିତୀୟ ପତ୍ନିଙ୍କୁ ଅଟକ ରଖି ପଚରା ଉଚରା କରୁଛି ।

## ବାଲିପୁଟ ଗ୍ରାମପଂଚାୟତରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ପୁରୀ,୦୬/୦୮ (ନି.ପ୍ର): ପୁରୀ ସଦରବ୍ଲକ ଅନ୍ତର୍ଗତ ବାଲିପୁଟ ଗ୍ରାମ ପଂଚାୟତରେ ବ୍ୟାପକ ଦୁର୍ନିତୀ ହୋଇଥିବା ଅଭିଯୋଗକରି ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ସରପଂଚ ଓ ତାଙ୍କ ସମର୍ଥକମାନେ ବ୍ୟାପକ ଅନିୟମିତତା କରିଥିବା ସଂପର୍କରେ ଅଭିଯୋଗ କରିଛନ୍ତି । ପଂଚାୟତ ଅଧିକାରୀ,ବ୍ଲକ ଅଧିକାରୀ ଓ ଜେଇଙ୍କୁ ଧରି ବ୍ୟାପକ ଫ୍ଲସ୍ ବିଲ୍ ସହ ଲକ୍ଷ ଲକ୍ଷ ଟଙ୍କା ତୁଷାରପାତ କରିଥିବା ପଂଚାୟତବାସି ଅଭିଯୋଗ କରିଛନ୍ତି । ଏ ସଂପର୍କରେ ସୂଚନା କର୍ମୀ ସୂଚନା ମାଗିବାରେ ସୂଚନା ମିଳୁନାହିଁ ବୋଲି କୁହାଯାଉଛି । ଧନୁଆ ନଦୀ ଓ ସିଆରକଟ ନଦୀର ମିଳିତ ସ୍ଥାନର ପଠାରେ ସିଦ୍ଧେଶ୍ୱର ପ୍ରମୋଦ ଉଦ୍ୟାନ ପାର୍କ କରାଯାଇଛି । ସ୍ୱଚ୍ଛ ଅର୍ଥ ବ୍ୟୟ କରି ଲକ୍ଷାଧିକ ଟଙ୍କାର ବିଲ୍ ଭାଉଚର ହୋଇଥିବା ଆଲୋଚନା ହେଉଛି । କେବଳ ପାଚେରି ଓ ନାମ ଫଳକ ଛଡ଼ା ପାର୍କରେ ଗଛଟିଏ ଦେଖାଯାଉନାହିଁ । ପଂଚାୟତର ଖେଳ ପଡ଼ିଆ ନିର୍ମାଣ ନାମରେ ମଧ୍ୟ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି । ପଂଚାୟତ ହାଇସ୍କୁଲ ଗୃହ ନିର୍ମାଣ,କୋଭିଡ଼ ସମୟରେ ଅର୍ଥ ଖର୍ଚ୍ଚ,ଫନି ବାତ୍ୟା ସମୟରେ ବିଭିନ୍ନ ସାମଗ୍ରୀ ହରିଲୁଟ ହୋଇଥିବା ଅଭିଯୋଗ କରିଛନ୍ତି । ସେହିପରି ମୋ ପୋଖରୀ ଯୋଜନା,ପାଣି ଟାଙ୍କି ନିର୍ମାଣ, ବାତ୍ୟା ତଦନ୍ତ କାର୍ଯ୍ୟ ସଂପର୍କରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି । ସେହିପରି ଗ୍ରାମ୍ୟ ବିଦ୍ୟୁତ୍ ନାମରେ ନିମ୍ନମାନର ବିଦ୍ୟୁତ୍ ସରଞ୍ଜାମ କିଣା ଯାଇଥିବା କୁହାଯାଇଛି ।

# ସ୍ୱାଧୀନତା ଦିବସର ଅମୃତ ମହୋତ୍ସବ ବୈଠକ



ବସ୍ତା, ୦୬/୦୮ (ନି.ପ୍ର): ଭାରତ ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଅମୃତ ମହୋତ୍ସବ ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ର ସଫଳତା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଅଭିଭାବକ ଓ ଗୁରୁଜୀ ଗୁରୁମା ମାନଙ୍କର ଏକ ବୈଠକ ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୧ ତାରିଖ ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରଭାତଫେରୀ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, କ୍ୱିଜ,ଦେଶାତ୍ମବୋଧକ ସଙ୍ଗୀତ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବୃକ୍ଷରୋପଣ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ନିଷ୍ପତ୍ତି ହୋଇଛି। ଅଭିଭାବକ ମାନେ ସେମାନଙ୍କ ବାସଗୃହ ରେ ଏହି ସପ୍ତାହରେ ଜାତୀୟ ପତାକା ଉତ୍ତୋଳନ ର ଶପଥ ନେଲେ।ପରିଚାଳନା ପରିଷଦ ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, ଯୋଗ ଦେଇ ସରକାରଙ୍କ ଏହି ପଦକ୍ଷେପଙ୍କୁ ଭୂୟିଅସି ପ୍ରଶଂସା କରିଥିଲେ । କୋଷାଧକ୍ଷ ପ୍ରଦୀପ ପରିଡା, ବିରାଜ ସିଂଦେଓ, ସସୁଶାନ୍ତ ପ୍ରଧାନ, ରବିନାରାୟଣ ବେହେରା, ନିଜ ନିଜର ବକ୍ତବ୍ୟ ରଖି ବାସହିତ ଶିକ୍ଷାକେନ୍ଦ୍ରର ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ପିତାମାତାଙ୍କ ତରଫରୁ ରୂପକ ଜେନା, ଜଗନ୍ନାଥ ମାଝି, ପ୍ରକାଶ ବେହେରା, ଦେବେନ୍ଦ୍ର ପୃଷ୍ଟି, ଅଜୟ ରାଉଳ, ଶୁଭଶ୍ରୀ ସାହୁପ୍ରମୁଖ ମତ ରଖିଥିଲେ। ଗୁରୁଜୀ ପ୍ରଶାନ୍ତ ଗିରି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଓ ସରୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମା' କ୍ଷୀରର ବିକଳ୍ପ ନାହିଁ : ଇନରହୁଇଲ କ୍ଲବର ସଚେତନତା ଶିବିର

ଜଳେଶ୍ୱର, ୦୬/୦୮ (ନି.ପ୍ର): ଶିଶୁ ପାଇଁ ମା କ୍ଷୀର ଅମୃତତୁଲ୍ୟ, ତାର ବିକଳ୍ପ ନାହିଁ ବୋଲି ଇନରହୁଇ କ୍ଲବର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଆଜି ମତପ୍ରକାଶ ପାଇଛି । କ୍ଲବ ପକ୍ଷରୁ ଏକ ସଚେତନତା ଶିବିର ଚାଲନ୍ତିସ୍ଥିତ ଆଇଡିଏଲ୍ କ୍ଲବ ପରିସରରେ ଇନରହୁଇଲ କ୍ଲବର ସଭାପତି ରାଜେଶ୍ୱରୀ ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଛି । କ୍ଲବର ପୂର୍ବତନ ସଭାପତି ଆରତୀ ମହାନ୍ତି ମଂଚ ଆହ୍ୱାନ କରିଥିବା ବେଳେ ବିନ୍ଦୁମତୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଜଳେଶ୍ୱରର ବିଶିଷ୍ଟ ଡା. ଦିପ୍ତୀମୟୀ ମହାପାତ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇ ମା କ୍ଷୀରରେ ଥିବା ବିଭିନ୍ନ ପ୍ରାକୃତିକ ଉପାଦାନ ସଂପର୍କରେ ବର୍ଣ୍ଣନା କରି ଏହା ଶିଶୁର ଏକମାତ୍ର ଖାଦ୍ୟ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଯୋଗ ଦେଇ ଜଣେ ନାରୀ ମାତୃତ୍ୱବିନା ତାର ପରିପକ୍ୱତା ସମ୍ଭବ ନୁହେଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ଅରୁଣ ସେନାପତି ସମାନୀତ ଅତିଥିଭାବେ ଯୋଗ ଦେଇଥିବା ବେଳେ ଗ୍ରାମର ୫୦ଜଣ ମହିଳା ଏହି ଶିବିରରେ ଯୋଗ ଦେଇଥିଲେ ।

# ଜାଗା ମିଶନ ସମ୍ପର୍କ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୦୬/୦୮ (ନି.ପ୍ର): ଜାଗା ମିଶନ ସଫଳ ରୂପାୟନ ପାଇଁ ନାଟକ ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୨୪ ନଂ ୱାର୍ଡ଼ର ବୁଢ଼ାକାର୍ଜିକ ମଣ୍ଡପ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ଓ ନୃତ୍ୟ ଭିତ୍ତିକ ମଞ୍ଚସ୍ଥ ନାଟକରେ ୨୪ ନଂ ୱାର୍ଡ଼ର କଳାକାରମାନେ ଅଂଶଗ୍ରହଣ ସହ ରାଜ୍ୟ ସରକାରଙ୍କ ଜାଗାମିଶନ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ବିଶେଷ କରି ଆବାସ ଯୋଜନାରେ ପ୍ରକୃତ ହିତାଧିକରୀ କିପରି ଉପକୃତ ହୋଇ ପାରିବେ ସେ ସମ୍ପର୍କରେ ନାଟକ ମାଧ୍ୟମରେ ଉପସ୍ଥିତ ୱାର୍ଡ଼ବାସୀଙ୍କୁ ବୁଝାଇଥିଲେ।୨୪ ନଂ ୱାର୍ଡ଼ର କାଉନସିଲର ମୀନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧ୍ୟକ୍ଷା ସବିତା ସାହୁ, ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ସିଟି ମିଶନ ମ୍ୟାନେଜର ପ୍ରତାପ ମିଶ୍ର, ହିମାଂଶୁ ଶେଖର ଦାସ, ନିବେଦିତା ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ କଳାକାରଙ୍କ ଅଭିନୟକୁ ଭୂୟସୀ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ଜାଗା ମିଶନ ଓ ମିଶନ ଶକ୍ତିର କାର୍ଯ୍ୟଧାରା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ । ଯୁବ ସଂଗଠକ ସୁବୋଧ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନା ଜେନା, ଗୀତା ସିଂ, ଲକ୍ଷ୍ମୀ ଜେନା, କଳ୍ପନା ମିସ୍ତ୍ରୀ, ଉଷାମଣି ଶର୍ମା, ପ୍ରଣତୀ ମହାରଣା ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏଥିରେ ଯୋଗଦେଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ପଢ଼ାରେ ଡ଼ୋରି ବାନ୍ଧିଲେ ବାପା ଛେଉଣ୍ଡ ଫୁଲମଣି



ଉଦଳା, ୦୬/୦୮ (ନି.ପ୍ର): ସରକାରଙ୍କ ଘୋଷଣା ପ୍ରଥମରୁ ଚଉଦ ବର୍ଷ ବୟସର ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା । ଏଥିପାଇଁ ତୃଣମୂଳ ସ୍ତରରେ ମୋଟା ଅଙ୍କର ଦରମା ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଯୁକ୍ତି ପାଇଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବରେ କରୋନା ସମୟରେ କ୍ରମାଗତ ଦୁଇ ବର୍ଷ ଧରି ବିଦ୍ୟାଳୟ ବନ୍ଦ ରହିବା ଫଳରେ ବହୁ ପିଲା ପାଠ ପଢ଼ା ଛାଡ଼ି ଦେଇଥିବାର ଜଣାଯାଇଛି । ପୁଣି ଥରେ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ଉଦ୍ୟମ ଚାଲିଛି ସତ କିନ୍ତୁ ଏବେ ମଧ୍ୟ ବହୁ ପିଲା ବିଦ୍ୟାଳୟ ଠାରୁ ଦୂରରେ ଅଛନ୍ତି । ସେହିପରି ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଭୀମତାଳି ପଞ୍ଚାୟତର ପୁରୁଣାପାଣି ଗ୍ରାମର ସ୍ୱର୍ଗତଃ ଜୁବୁଲା ମାରାଣ୍ଡିଙ୍କ କନ୍ୟା ଫୁଲମଣି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । କରୋନା ସମୟରେ ବିଦ୍ୟାଳୟ ବନ୍ଦ ରହିବାରୁ ସବୁ ଦିନ ପାଇଁ ତାଙ୍କର ପାଠ ପଢ଼ାରେ ଡ଼ୋରି ବନ୍ଧାଯାଇଛି । ଫୁଲମଣିଙ୍କର ବର୍ତ୍ତମାନ ବୟସ ୧୨ ବର୍ଷ ଅଟେ । ଫୁଲମଣିଙ୍କର ସାନଭାଇ ପପୁଙ୍କୁ ବର୍ତ୍ତମାନ ବୟସ ୮ ବର୍ଷ ଛୁଇଁଲା । ସେ ମଧ୍ୟ ଦ୍ୱିତୀୟ ଶ୍ରେଣୀ ପାଠ ପଢ଼ିବା ପରେ ଏବେ ପଢ଼ା ଛାଡ଼ିଦେଇଛନ୍ତି । ମା' ଦିନ ମଜୁରୀଆ ଭାବରେ କାମ କରି ବହୁ କଷ୍ଟରେ ଘର ଚଳାନ୍ତି । ସେହିପରି ଏହି ପଞ୍ଚାୟତର ଭୁରୁଡୁବଣିର ବାସିନ୍ଦା ଯଦୁନାଥ ମୁର୍ମୁଙ୍କର ପୁତ୍ର ରାଜେଶ ଅଙ୍ଗନୱାଡ଼ି ପାଠ ସାରିବା ପରେ ଆଉ ବିଦ୍ୟାଳୟରେ ନାମ ଲେଖାଇ ନାହାନ୍ତି । ରାଜେଶଙ୍କ ବର୍ତ୍ତମାନ ବୟସ ୭ ବର୍ଷ ହେଲା । ଏହି ସବୁ ପିଲାମାନଙ୍କୁ ତୁରନ୍ତ ନାମ ଲେଖାଇବା ସହିତ ବିଦ୍ୟାଳୟକୁ ଯିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର ବିଷୟ ପିଲାମାନଙ୍କୁ ଖୋଜି ଆଣି ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଏଠାରେ ଦାୟିତ୍ୱ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଦେଖା ଦର୍ଶନ ନାହିଁ । ସେମାନେ କେବଳ କିପରି ତାଙ୍କ ନିଜ ପିଲାଙ୍କୁ ଘରୋଇ ବିଦ୍ୟାଳୟରେ ପଢ଼ାଇବେ ଓ ଟ୍ୟୁସନ ପଢ଼ାଇ ଅଧିକ ରୋଜଗାର କରିବେ ଏହି କାମରେ ବ୍ୟସ୍ତ ଅଛନ୍ତି ।

# ବାଲିଆପାଳ ଲାୟନ୍ସ କ୍ଲବର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ



ବାଲିଆପାଳ, ୦୬/୦୮ (ନି.ପ୍ର): ବାଲିଆପାଳ ଲାୟନ୍ସ କ୍ଲବର ୨୦୨୨-୨୩ ବର୍ଷ ପାଇଁ ନୂତନ ସଭାପତି ଓ କର୍ମକର୍ତ୍ତାଙ୍କ ଅଧିଷ୍ଠାନ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଛକ ସ୍ଥିତ ହୋଟେଲ କହ୍ନେୟାରେ ଥିବା ରାଧିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ଲାୟନ୍ସ କ୍ଲବର ଡିଜି (ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର)ଲାୟନ ଗୌରୀଶଙ୍କର ଅଗ୍ରୱାଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ଦେଶ ଓ ଦେଶ ବାହାରେ ୨୧୦ ଦେଶରେ ଲାୟନ୍ସ କ୍ଲବ କାର୍ଯ୍ୟ କରି ଆସୁଅଛି । ଯାହାର ସଦସ୍ୟ ସଂଖ୍ୟା ୧୪ ଲକ୍ଷରୁ ଅଧିକ । ସଦସ୍ୟ ମାନଙ୍କ ଆର୍ଥିକ ସହଯୋଗରେ ଜନସାଧାରଣଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରି ଆଜି ଆନ୍ତର୍ଜାତୀୟ କ୍ଷେତ୍ରରେ ଲାୟନ୍ସ କ୍ଲବ ଚର୍ଚ୍ଚାରେ ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଇନିଷ୍ଟଲେସନ ଅଫିସର ଭାବେ ଆଇପିଡ଼ିଜି ଲାୟନ ଭଗବାନ ଗୁପ୍ତା ଯୋଗଦେଇ ନୂତନ ସଭାପତି ଓ କର୍ମ କର୍ତ୍ତାଙ୍କୁ ଦାଇତ୍ୱ ଅର୍ପଣ କରିବା ସହିତ ଶପଥ ପାଠ କରାଇଥିଲେ । ମୁଖ୍ୟବକ୍ତା ଭାବେ ପିଡ଼ିଜି ଲାୟନ ପ୍ରକାଶ ଜେନା ଯୋଗଦେଇ କ୍ଲବର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରି ଅଧିକରୁ ଅଧକ ନୂତନ ସଦସ୍ୟ ମାନଙ୍କୁ କ୍ଲବ ସହିତ ଯୋଡିବାକୁ ଗୁରୁତ୍ୱ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଶ୍ରୀ ଜେନା ନୂତନ ସଦସ୍ୟ ଭାବେ ପ୍ରଦୀପ କୁମାର ଧଳ,ହରେକୃଷ୍ଣ ସାମନ୍ତ, ରାଧାକୃଷ୍ଣ ବେହେରା, ଜାମିନିକାନ୍ତ ରାଉତ, ବ୍ୟମକେଶ ସାହୁ ଓ ଅଦୈତ୍ୟ ବାଗଙ୍କୁ ଲାୟନ ପିନ ପ୍ରଦାନ କରି ଶପଥ ପାଠ କରାଇ ସଦସ୍ୟ କରାଇଥିଲେ । ସମ୍ମାନୀତ ଅତିଥି ଭାବରେ ରିଜିଓନାଲ ଚେୟାରପରସନ ଲାୟନ ମନୀଷା ଦାସ, ଜୋନାଲ ଚେୟାରପରସନ ଲାୟନ ନବୀନ କୁମାର ପାତ୍ର ଓ ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗର ସମ୍ପାଦକ ଲାୟନ କ୍ରିଷ୍ଣା ଦାସ ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲିଆପାଳ ଲାୟନ୍ସ କ୍ଲବର ନୂତନ ସଭାପତି ଭାବରେ ଲାୟନ ଅଜୟ କୁମାର ସାହୁ, ସମ୍ପାଦକ ଭାବେ ତରୁଣ କୁମାର ମହାପାତ୍ର, କୋଷାଧକ୍ଷ ଭାବେ ଭୁବନ ମୋହନ ପିଳା, ଉପସଭାପତି ଭାବେ ଅନାଦି ଚରଣ ଗିରି, ମେମ୍ବର ଚେୟାରପର୍ଶନ ଲାୟନ ଦାମୋଦର ଗିରି, ସର୍ଭିସ ଚେୟାରପର୍ଶନ ନବୀନ କୁମାର ପାତ୍ର, ଏଲସିଆଇଏଫ କୋଅର୍ଡିନେଟର ଭାବେ ପୂର୍ଣ୍ଣେନ୍ଦୁ ଦାସ, ଲାୟନ ଟୋଇଷ୍ଟର କୋଅର୍ଡିନେଟର ଲାୟନ ଡକ୍ଟର ସୁଶାନ୍ତ କୁମାର ଦାସ ମନୋନିତ ହୋଇଥିଲେ। ଡାଇରେକ୍ଟର ଭାବେ ଝାଡେଶ୍ୱର ପ୍ରଧାନ, ରାଜେନ୍ଦ୍ର ରଣା, ଗୋବିନ୍ଦ ପ୍ରସାଦ ଦାସ, ସଞ୍ଜୟ କୁମାର ଜେନା, ସତ୍ୟ ଅଞ୍ଜନ ଦେ, ଜ୍ୟୋତିପ୍ରକାଶ ଭୂୟାଁ, ଅନନ୍ତ କୁମାର ରାଉଳ, ପୀତବାସ ଗିରି, ପ୍ରଶାନ୍ତ କୁମାର ସାହୁ, ବିନୋଦ କୁମାର ଜେନା ପ୍ରମୁଖରହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାପକ ଡକ୍ଟର ଲାୟନ ସୁଶାନ୍ତ ଦାସ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ପୂର୍ବତନ ସଭାପତି ରାଜେନ୍ଦ୍ର ରଣା ସଭାପତିତ୍ୱ କରିଥିଲେ । ଝାଡେଶ୍ୱର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଭୁବନ ମୋହନ ପିଳା ଶାନ୍ତି ପାଠ ଗୋବିନ୍ଦ ପ୍ରସାଦ ଦାସ ଶାନ୍ତି ସଙ୍ଗୀତ ଗାନ କରିଥିଲେ । ଅନନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ପାନୀୟ ଜଳ ପ୍ରକଳ୍ପ, ବନ୍ୟା, ବାତ୍ୟା ସମୟରେ ରିଲିଫ ବଣ୍ଟନ, ଆଦି କାର୍ଯ୍ୟକ୍ରମ ଯୋଜନାକୁ ଅତିଥି ମାନେ ବେଶ ପ୍ରଶଂସା କରିଥିଲେ।

# ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଓଡ଼ିଶା ହସ୍ତତନ୍ତ ଦ୍ରବ୍ୟ କ୍ରୟ ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କୁ ଜିଲ୍ଲାପାଳଙ୍କ ଅନୁରୋଧ

ଭଦ୍ରକ, ୦୬/୦୮ (ନି.ପ୍ର): ୧୯୦୫ ମସିହାରେ ଅଗଷ୍ଟ ୭ ତାରିଖରେ ଆରମ୍ଭ ହୋଇଥିବା ସ୍ୱଦେଶୀ ଆନ୍ଦୋଳନର ସ୍ମାରକୀ ଉଦ୍ଦେଶ୍ୟରେ ଏହି ଦିବସକୁ ଆମ ଦେଶରେ ଜାତୀୟ ହସ୍ତତନ୍ତ ଦିବସ ରୂପେ ଚୟନ କରାଯାଇଛି । ହ୍ୟାଣ୍ଡଲୁମ୍ ବୁଣାକାରମାନଙ୍କୁ ସମ୍ମାନ ଜଣାଇ ହସ୍ତତନ୍ତ ଶିଳ୍ପର ପ୍ରୋତ୍ସାହନ ପାଇଁ ପ୍ରତିବର୍ଷ ଏହି ଦିବସକୁ ଆମ ଦେଶରେ ଜାତୀୟ ହସ୍ତତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି । ଚଳିତ ବର୍ଷ ମଧ୍ୟ ଏହି ଦିବସକୁ ଦେଶ ତମାମ୍ ପାଳନ କରାଯାଉଥିବା ଅବସରରେ ଆଜାଦି କି ଅମୃତ ମହୋତ୍ସବ ର ଏକ ଅଂଶ ଭାବେ ଆମ ରାଜ୍ୟରେ ମଧ୍ୟ ଏହା ପାଳନ କରାଯାଉଛି । ରାଜ୍ୟର ସମସ୍ତ ହସ୍ତତନ୍ତ ବୁଣାକାର ମାନଙ୍କୁ ଉତ୍ସାହିତ କରାଯିବା ଉଦ୍ଦେଶ୍ୟରେ ସବୁ ବିଭାଗର ସମସ୍ତ କର୍ମଚାରୀମାନେ ଓଡ଼ିଶା ହସ୍ତତନ୍ତ ଦ୍ରବ୍ୟ କିଣି ପରିଧାନ ପାଇଁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ନିବେଦନ ଜାରି କରାଯାଇଛି । ସୂଚନାଯୋଗ୍ୟକି ୭ ଅଗଷ୍ଟ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଉକ୍ତ ଦ୍ରବ୍ୟ ବିକ୍ରୟରେ ସରକାରୀ ସଂସ୍ଥାମାନଙ୍କ ଜରିଆରେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ପ୍ରଚଳନ କରାଯାଇଛି । ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ ଆଦି ସଂସ୍ଥାରୁ ଏହି ସୁବିଧା ଉପଲବ୍ଧ ହୋଇପାରିବା ନେଇ ସୂଚନା ପ୍ରଦାନ କରାଯାଇଛି । ଏହି ପ୍ରରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶମତେ ଭଦ୍ରକ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ କର୍ମଚାରୀ ତଥା ଜିଲ୍ଲା ପ୍ରଶାସନ ନିୟନ୍ତ୍ରଣରେ ଥିବା ବିଭିନ୍ନ ସଂସ୍ଥା, ସ୍ୱୟଂଶାସିତ, ଅଧସ୍ତନ ସଂଗଠନ ଆଦିର କର୍ମକର୍ତ୍ତାମାନଙ୍କୁ ଅବଗତ କରାଯିବା ସହିତ ଏ ସମ୍ବନ୍ଧରେ ଏହି ଖବର ପ୍ରକାଶନ ଜରିଆରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରା ଓଡ଼ିଶା ହସ୍ତତନ୍ତ ଦ୍ରବ୍ୟ କ୍ରୟ ଓ ବ୍ୟବହାର ପାଇଁ ସରକାରୀ, ବେସରକାରୀ ଏପରିକି ଜନସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ସୂଚନା ପ୍ରଦାନ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୮୩୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୩୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୮୧୪୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୪୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୨୯୪୧ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୦୦୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୯୦ ଜଣ ସଂଗରୋଧରୁ ଓ ୩୪୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୨, ବାଲେଶ୍ୱର ଜିଲ୍ଲାରେ ୧୬, ବରଗଡ ଜିଲ୍ଲାରେ ୪୭, ଭଦ୍ରକ ଜିଲ୍ଲାରେ ୪, ବଲାଙ୍ଗୀର ଜିଲ୍ଲାରେ ୩୩, ବୌଦ୍ଧ ଜିଲ୍ଲାରେ ୨୩, କଟକ ଜିଲ୍ଲାରେ ୩୪ . ଦେବଗଡ, ଜିଲ୍ଲାରେ ୫, ଢେଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୭ , ଗଂଜାମ ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରେ ୨,ଯାଜପୁର ଜିଲ୍ଲାରେ ୧୨, ଝାରସୁଗୁଡା ଜିଲ୍ଲାରେ ୧୯, କଳାହାଣ୍ଡି ଜିଲ୍ଲାରେ ୩୭, କନ୍ଧମାଳ ଜିଲ୍ଲାରେ ୨୧, କେନ୍ଦ୍ରାପଡା ଜିଲ୍ଲାରେ ୩, କେନ୍ଦୁଝର ଜିଲ୍ଲାରେ ୧୦ , ଖୋର୍ଦ୍ଧା ଜିଲ୍ଲାରେ ୯୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୨, ମୟୁରଭଂଜ ଜିଲ୍ଲାରେ ୭୨ , ନବରଙ୍ଗପୁର ଜିଲ୍ଲାରେ ୩୨ .ନୟାଗଡ ଜିଲ୍ଲାରେ ୧୭, ନୂଆପଡା ଜିଲ୍ଲାରେ ୧୪, ପୁରୀ ଜିଲ୍ଲାରେ ୩ , ରାୟଗଡା ଜିଲ୍ଲାରେ ୨୧, ସମ୍ବଲପୁର ଜିଲ୍ଲାରେ ୮୩, ସୋନପୁର ଜିଲ୍ଲାରେ ୧୬, ସୁନ୍ଦରଗଡ ଜିଲ୍ଲାରେ ୧୭୫ ଓ ଷ୍ଟେଟ ପୁଲରେ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଏମ୍ସ କର୍ତ୍ତୃପକ୍ଷଙ୍କ ବାଲେଶ୍ୱର ସାଟେଲାଇଟ ଓପିଡି ପରିଦର୍ଶନ

ବାଲେଶ୍ୱର,୦୬/୦୮ (ନି.ପ୍ର): ସେପ୍ଟେମ୍ବର ମାସରୁ ଏମ୍ସର ବହିର୍ବିଭାଗ ସପ୍ତାହକୁ ଛଅଦିନ କାର୍ଯ୍ୟକ୍ଷମ ଓ ଦୁଇବର୍ଷ ମଧ୍ୟରେ ଏମ୍ସ ସେଟେଲାଇଟ୍ ସେଣ୍ଟରରେ ପ୍ରସ୍ତାବିତ ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ସମ୍ପୂର୍ଣ୍ଣ ହେବ ବୋଲି ଶନିବାର ଭୁବନେଶ୍ୱରରୁ ଏମ୍ସ ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଡା. ଆଶୁତୋଷ ବିଶ୍ୱାସଙ୍କ ନେତୃତ୍ୱରେ ବାଲେଶ୍ୱର ଆସିଥିବା ମେଡିକାଲ୍ ଅଧିକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି, ଡା. ଅଶୋକ ଜେନା, ଡା. ମୁକୁନ୍ଦ ସାହୁ, ଡା. ଦାସ ମଜୁମଦାର ଓ ଅଧିକ୍ଷକ ଇଂ. କେ.ପି. ମିଶ୍ର ପ୍ରମୁଖ ବାଲେଶ୍ୱର ସରକାରୀ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନଙ୍କ ସହ ଆଲୋଚନାବେଳେ ଏହା ପ୍ରକାଶ କରିଛନ୍ତି। ଏଥିପାଇଁ ଦ୍ରୁତବେଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଭାରତ ବର୍ଷର ପ୍ରଥମ ସେଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଏଥିପାଇଁ ଏମ୍ସ କର୍ତ୍ତୃପକ୍ଷ ଓ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଡାକ୍ତର ବିଶ୍ୱାସ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ୭ଦଫା ଦାବିପତ୍ର ପ୍ରତି ଏମ୍ସ କର୍ତ୍ତୃପକ୍ଷ ଅବଗତ ଅଛନ୍ତି ଓ ସେହି ଦାବିଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି ଓ ସପ୍ତାହକୁ ଛଅଦିନ ବହିଃବିଭାଗ କାର୍ଯ୍ୟକ୍ଷମ ହେବା ସମୟରୁ ହିଁ ସମସ୍ତ ରୋଗ ନିରୂପଣର ଯନ୍ତ୍ରପାତି,ବିଶେଷଜ୍ଞ ଏବଂ ହୃଦରୋଗ, ସ୍ନାୟୁ ରୋଗଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କୁ ବହିର୍ବିଭାଗରେ ସେବା ଯୋଗାଇବା ପାଇଁ ଉଦ୍ୟମ କରାଯିବ ବୋଲି ଡାକ୍ତର ବିଶ୍ୱାସ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କ୍ରିୟାନୁଷ୍ଠାନ କମିଟି ଓ ଏମ୍ସର ମିଳିତ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା ।ଏମ୍ସର ଅଧିକାରୀ ସମେତ କ୍ରିୟାନୁଷ୍ଠାନ କମିଟିର ସଭାପତି ମମତା ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସ, ସୁବ୍ରତ କର, ପ୍ରଫେସର ଅନନ୍ତ ପ୍ରଧାନ, ପ୍ରଭାକର ସାହୁ, ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ପ୍ରମିତା ଦାସ, ଶଶାଙ୍କ ଦତ୍ତ, ଯୋଗେଶ ଚନ୍ଦ୍ର ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ଡ. କ୍ଷିତିଶ୍ୱର ଦାଶ, ସଚିନ୍ଦ୍ର ଦାସ, କଳ୍ପନା ମହାନ୍ତି, ଗୀତାଞ୍ଜଳି ସିଂହ, ଛବିରାଣୀ ଦାସ, ଯୋଗେନ୍ଦ୍ର ମାହାର୍ଣ୍ଣା, ଜଗତାନନ୍ଦ ବିଶ୍ୱାଳ, ଶ୍ୟାମସୁନ୍ଦର ଜେନା, ଜଗବନ୍ଧୁ ଦଳାଇ, ପ୍ରଫୁଲ୍ଲ କୁମାର ସେଠୀ, ଶାନ୍ତିବାଳା ମହାନ୍ତି ଓ ସତ୍ୟରଞ୍ଜନ ବେହେରା ପ୍ରମୁଖ ଉଭୟ କର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୮ରୁ ବାଲେଶ୍ୱର ଓକିଲଙ୍କ କୋର୍ଟ ବର୍ଜନ




ବାଲେଶ୍ୱର,୦୬/୦୮ (ନି.ପ୍ର): ବଭିନ୍ନ ଦାବି ନେଇ ବାଲେଶ୍ୱର ଜିଲାର ଆଇନଜୀବୀମାନେ ଆସନ୍ତା ସୋମବାରଠାରୁ କୋର୍ଟ ବର୍ଜନ ସହ ଅସହଯୋଗ ଅନ୍ଦୋଳନକୁ ଓହ୍ଲାଇବା ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ବାର ଆସୋସିଏସନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ମନୋଜ ନାୟକ, ସମ୍ପାଦକ ସମ୍ବିତ ନନ୍ଦୀ ତଥା ବରିଷ୍ଠ ଆଇନଜୀବୀମାନେ ଯୋଗଦେଇ ବିଚାର ବିଭାଗର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ବିଭିନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ସୋର ବରିଷ୍ଠ ଦେଓ୍ୱାନୀ କୋର୍ଟକୁ ବାଲେଶ୍ୱରର ବିଚାରଧୀନ ଦେଓ୍ୱାନୀ ମାମଲାକୁ ସ୍ଥାନାନ୍ତର ସାଙ୍ଗକୁ ସୋର, ବାହାନଗା, ଖନ୍ତାପଡ଼ା ପ୍ରଭୃତି ଅଞ୍ଚଳ ଲୋକଙ୍କ ଜମିବାଡ଼ି ସମ୍ବନ୍ଧୀୟ ଦେଓ୍ୱାନୀ ମାମଲା ବାଲେଶ୍ୱର କୋର୍ଟରେ ରୁଜୁ କରା ନଯିବା ନିର୍ଦ୍ଦେଶକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ୨୦୦୯ରେ ସୋରରେ ପ୍ରତିଷ୍ଠା ହୋଇଥିବା କନିଷ୍ଠ ଦେଓ୍ୱାନୀ କୋର୍ଟ ଓ ୨୦୧୭ ମସିହାରେ ବରିଷ୍ଠ ଦେଓ୍ୱାନୀ କୋର୍ଟ ପ୍ରତିଷ୍ଠା ହୋଇଥିଲା। ଏହି କୋର୍ଟ ପ୍ରତିଷ୍ଠା ସତ୍ତ୍ୱେ ପୂର୍ବଭଳି ବାଲେଶ୍ୱର ଦେଓ୍ୱାନୀ କୋର୍ଟରେ ଦେଓ୍ୱାନୀ ମାମଲା ରୁଜୁ ସାଙ୍ଗକୁ ବିଚାର ମଧ୍ୟ ହୋଇପାରୁଥିଲା। ଏହା ଦ୍ୱାରା ମକିଲମାନେ ନିଜ ଇଚ୍ଛାରେ ସୋର ଓ ବାଲେଶ୍ୱରରେ ମାମଲା ରୁଜୁ କରି ପାରୁଥିଲେ। ମାତ୍ର ଗତ ମେ ମାସ ୧୭ ତାରିଖରୁ ଏହା ଉପରେ ଅଙ୍କୁଶ ଲଗାଯିବା କେତେ ଯଥାର୍ଥ ବୋଲି ଓକିଲ ସଂଘ କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି। ବାହାନଗା ଓ ଖନ୍ତାପଡ଼ା ଅଞ୍ଚଳର ଫୌଜଦାରୀ ମାମଲା ବାଲେଶ୍ୱର ସବ-ଡିଭିଜନ କୋର୍ଟରେ ବିଚାର ହେଉଥିବା ବେଳେ ଦେଓ୍ୱାନୀ ମାମଲା ଉପରେ ଏହି ଅଙ୍କୁଶ ଆଦୌ ଯୁକ୍ତିସଙ୍ଗତ ନୁହେଁ ବୋଲି ସେମାନେ କହିଛନ୍ତି। ବାହାନଗା ତହସିଲ ଅନ୍ତର୍ଗତ ଅଞ୍ଚଳର ସମସ୍ତ ଦେଓ୍ୱାନୀ ମାମଲା କେବଳ ସୋର ବରିଷ୍ଠ ଦେଓ୍ୱାନୀ କୋର୍ଟରେ ବିଚାର ହେବା ନେଇ ଦିଆଯାଇଥିବା ନିର୍ଦ୍ଦେଶ ଯୋଗୁଁ କେବଳ ଓକିଲ ନୁହନ୍ତି ବରଂ ମହକିଲଙ୍କ ପାଇଁ ମଧ୍ୟ ସମସ୍ୟା ହୋଇଛି ବୋଲି ସଂଘର କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି।ଏନେଇ ଓକିଲ ସଂଘ ପକ୍ଷରୁ ବାଲେଶ୍ୱର ଜିଲା ଓ ଦୌରାଜଜ, ହାଇକୋର୍ଟ ମୁଖ୍ୟ ବିଚାରପତି ଓ ବାଲେଶ୍ୱର ଜିଲା ଦାୟିତ୍ୱରେ ଥିବା ହାଇକୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କୁ ସ୍ମାରକପତ୍ର ଦ୍ୱାରା ନିବେଦନ କରାଯାଇଛି। ସେହିଭଳି ବାଲେଶ୍ୱରରେ ବିଚାରଧୀନ ଥିବା ୨୦ ହଜାରରୁ ଅଧିକ ବ୍ୟାଙ୍କ ମାମଲାର ରେକର୍ଡ଼ ନ ମିଳିବା, ୬ମାସ ଧରି ବାଲେଶ୍ୱର ବରିଷ୍ଠ ଦେଓ୍ୱାନୀ କୋର୍ଟର ଜଜ ଅନୁପସ୍ଥିତ ରହିବା, ୨୦୧୯ ମସିହାରୁ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତଙ୍କ କୋର୍ଟର ବିଚାରପତି ପଦ ଖାଲି ପଡ଼ିବା ଆଦି ବାଲେଶ୍ୱରର ଓକିଲ ଓ ମହକିଲଙ୍କ ପାଇଁ ନାନାବିଧ ସମସ୍ୟା ଭାବେ ଉଭା ହୋଇଛି। ଅନ୍ୟ ପକ୍ଷରେ ଭୁବନେଶ୍ୱରରେ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ, ଏଜୁକେସନାଲ ଟ୍ରିବ୍ୟୁନାଲ ଏମିତିକି ସମବାୟ ଟ୍ରିବ୍ୟୁନାଲରେ ବାଲେଶ୍ୱର ଜିଲାର ଅଧିକ ମାମଲା ଥିବା ବେଳେ ଏଠାରେ ଗୋଟେ ବେଞ୍ଚ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ବି ଏନେଇ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହି ସବୁ ସମସ୍ୟା ବାବଦରେ ଗତ ୪ ତାରିଖ ବାର ଆସୋସିଏସନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା।

# ଅଜଣା ଯୁବକଙ୍କ ଅତର୍କିତ ଆକ୍ରମଣରେ ଯୁବକ ଆହତ, ଥାନାରେ ଏତଲା

କନ୍ଧମାଳ, ୦୬/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଂଚଳରେ କିଛି ଅଜଣା ଯୁବକ ଏକ ନାଲି ରଂଗର ଏକ ଟାଟା ମେଜିକ ଗାଡିରେ ଆସି ମନୋରଞ୍ଜନ ମାଝି ନାମକ ଜଣେ ଯୁବକକୁ ଅଟକାଇ ଅତର୍କିତ ଭାବେ ନିସ୍ତୁକ ମାଡ଼ମାରି ଚାଲିଯାଇଥିଲେ। ଅଜଣା ଯୁବକଙ୍କ ଆକ୍ରମଣରେ ମନୋରଞ୍ଜନ ଆହତ ହୋଇଛନ୍ତି। ତାଙ୍କର ମୁହଁ, ହାତ, ପେଟ ଆଦି ଅନେକ ସ୍ଥାନରେ ଆଘାତ ଲାଗିଛି। ଏନେଇ ମନୋରଞ୍ଜନ ବେଲଘର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବେଲଘର ଥାନା ଅନ୍ତର୍ଗତ ଦେଓଗଡ଼ ଗ୍ରାମର ମନୋରଞ୍ଜନ ମାଝି ଶ୍ୱଶୁର ଘରକୁ ଯାଉଥିବାବେଳେ ଶୁକୁମୁଣ୍ଡି ଗ୍ରାମ ଠାରେ ମରଣାନ୍ତକ ଆକ୍ରମଣ କରିଥିଲେ ଦୁର୍ବୃର୍ତ୍ତମାନେ। ତା'ପରେ ସେଠାରୁ ଚାଲିଯାଇଥିଲେ। ଖବର ପାଇ ବେଲଘର ସରପଂଚ ଗୋବିନ୍ଦ ମାଝୀ ଓ ଅନ୍ୟମାନେ ପହଂଚି ଆହତ ମନୋରଞ୍ଜନଙ୍କୁ ଡାକ୍ତର ଖାନା ରେ ଚିକିତ୍ସା ପାଇଁ ଭର୍ତି କରିଥିଲେ। ତେବେ ମନୋରଞ୍ଜନଙ୍କ କାହା ସହ ଶତ୍ରୁତା ନଥିବା କହୁଥିବା ଓ ସେ ମାଡ଼ ମାରିଥିବା ୪ ଜଣ ଯୁବକଙ୍କୁ ଚିହ୍ନି ନଥିବା କଥା ମଧ୍ୟ କହୁଥିବାବେଳେ ସେମାନେ କିଏ କାହିଁକି ଓ କ'ଣ ପାଇଁ ଅକାରଣରେ ଜଣେ ନିରିହ ଯୁବକଙ୍କୁ ମାଡ଼ମାରିଲେ ଜଣାପଡୁନି। ନିଶ୍ଚିତ କିଛି ନା କିଛି କାରଣ ରହିଥିବା ନେଇ ପୋଲିସ ସନ୍ଦେହ କରୁଛି। ତେବେ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ବେଲଘର ଥାନା ଅଧିକାରୀ କହିଛନ୍ତି।

# ବିଜେପିର ୮ନଂ ଜୋନ୍‌ରେ କାର୍ଯ୍ୟକାରିଣୀ ବୈଠକ



ଜଳେଶ୍ୱର, ୦୬/୦୮ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଜୋନ୍ ନଂ-୮ ସୁବର୍ଣ୍ଣରେଖା ମଣ୍ଡଳ ପକ୍ଷରୁ ଲକ୍ଷ୍ମଣନାଥ ମେଳା ପଡିଆଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଶ୍ୱରୂପ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗ ଦେଇ ଦଳର ସାଂଗଠନୀକ ଅଭିବୃଦ୍ଧି କର୍ମୀ ଓ କର୍ମକର୍ତ୍ତାଙ୍କ ନିଷ୍ଠା, ଆତ୍ମ ବିଶ୍ୱାସ, କର୍ତ୍ତବ୍ୟ ପରାୟଣତା ଦ୍ୱାରା ସମ୍ଭବ ହୋଇଥାଏ ବୋଲି କହିଥିଲେ । ଜିଲା ସାଧାରଣ ସଂପାଦକ ପର୍ଶୁରାମ ପରିଡା, ଉପସଭାପତି ସାବିତ୍ରୀ ଜେନା, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ପୂର୍ବତନ ନଗରପାଳ ପ୍ରବିର କୁମାର ପ୍ରଧାନ, ବରିଷ୍ଠନେତା ଅରୁଣ ବେଜ, ସରପଂଚ ରଂଜନ ମହାନ୍ତି, ତରୁଣ ପଟ୍ଟନାୟକ, ରାଜେନ୍ଦ୍ର ସିଂ, ହରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ହର ଘର ତ୍ରୀରଙ୍ଗା, ରକ୍ଷାବନ୍ଧନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ କରାଯାଇଥିଲା ।

# ମୟୂରଭଞ୍ଜ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ



ବାରିପଦା, ୦୬/୦୮ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦେବସ୍ମିତା ବିଶ୍ୱାଳଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଓ ଅଧାପିକାମାନେ ମହାରାଜପୁର ଗ୍ରାମରେ ଗ୍ରାମ ପରିକ୍ରମା କରିବା ସହିତ ଗ୍ରାମବାସୀମାନଙ୍କୁ ଜାତୀୟ ପତାକା ଆଗାମୀ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଘର ଉପରେ ଉଡାଇବା ନିମନ୍ତେ ପ୍ରଦାନ କରିଥିଲେ । ଗ୍ରାମବାସୀମାନେ ମଧ ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟକରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ ଅଫିସର ମୀରା ସେନାପତି, ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ମଦନ ମୋହନ ସାହୁ ଓ ଉପାଧକ୍ଷା ସଂଘମିତ୍ରା ରାଉତ ଅଂଶ ଗ୍ରହଣ କରିଥିଲେ ।

# ରୋଟାରୀ କ୍ଲବ ପକ୍ଷରୁ ଦନ୍ତରୋଗ ନିରୂପଣ ଶିବିର

ବାଲେଶ୍ୱର,୦୬/୦୮ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ଓ ସ୍ଥାନୀୟ ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲର ମିଳିତ ସହଯୋଗରେ ଏକ ନିଃଶୁଳ୍କ ଦନ୍ତରୋଗ ନିରୂପଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଷ୍ଟେସନରୋଡ଼ ସ୍ଥିତ ସ୍କୁଲ ପରିସରରେ ଆୟୋଜିତ ଶିବିରରେ ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ଅର୍ପିତା ପରମାଣିକ, ଡାକ୍ତର ବିନୀତା ପ୍ରଧାନ, ପାରା ମେଡିକାଲ ଷ୍ଟାଫ ଧନଂଜୟ ବାରିକ, ବଂଶୀଧର ଜେନା ପ୍ରମୁଖ ଏଥିରେ ଯୋଗଦେଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦନ୍ତ ପରୀକ୍ଷା କରିଥିଲେ। ଯେଉଁମାନଙ୍କର ଦନ୍ତରୋଗ ଥିଲା ସେମାନଙ୍କୁ ଔଷଧ ପ୍ରଦାନ ସହ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡ. କେକେକେକେ ଏସ ମୂର୍ତି, ଉପାଧ୍ୟକ୍ଷା ପ୍ରିୟଦର୍ଶା ପଣ୍ଡା, ପ୍ରଶାସନିକ ଅଧିକାରୀ ନିଶିଥ ଦାସଅଧିକାରୀ, ରୋଟାରୀ ସଭାପତି ସୌରଭ ବେହେରା, ଉଦୟ ରଂଜନ ଦାସ, ପ୍ରଭଞ୍ଜନ ପାଢ଼ୀ, ଜୟନ୍ତ ବେହେରା, ସୁବ୍ରତ କର, ଯଶୋଦା ନନ୍ଦନ ଆଶ, ପ୍ରଦୀପ୍ତ ପଣ୍ଡା, ଚନ୍ଦନ କୁମାର ଚାନ୍ଦ, ବିଷ୍ଣୁ ଦାସକୁଣ୍ଡୁ, ଡ. ମନୋରଂଜନ ଦାସ, କ୍ଷେତ୍ରମୋହନ ମହାପାତ୍ର, ସନ୍ତୋଷ ନାହକ, ଲକ୍ଷ୍ମୀପ୍ରିୟା ଜେନା, ପଦ୍ମାରବିନ୍ଦ ମହାପାତ୍ର, ସଲିମ ସୁବାସାହା ଏତିରେ ଉପସ୍ଥିତି ରହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ବିହାରର ମନେରରେ ଡଙ୍ଗା ଉପରେ ସିଲିଣ୍ଡର ଫାଟି ଚାରିଜଣଙ୍କ ମୃତ୍ୟୁ

ପାଟନା, ୦୬/୦୮ (ନି.ପ୍ର): ଜିଲ୍ଲାର ମନେରର ରାମପୁର ଘାଟରେ ଏକ ଡଙ୍ଗା ଉପରେ ହୋଇଥିବା ସିଲିଣ୍ଡର ବ୍ଲାଷ୍ଟରେ ଚାରିଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟକେତେକ ଆହତ ହୋଇଛନ୍ତି। ପ୍ରାରମ୍ଭିକ ସୂଚନା ମୁତାବିକ ଡଙ୍ଗାରେ ଖାଦ୍ୟ ତିଆରି କରାଯାଉଥିଲା । ଏହି ସମୟରେ ସିଲିଣ୍ଡରରେ ବ୍ଲାଷ୍ଟ ହୋଇଛି। ଘଟଣା ପରେ ଆଖପାଖର ଡଙ୍ଗାରେ ଥିବାଯାତ୍ରୀ ଭୟଭୀତ ହୋଇଛନ୍ତି। କୁହାଯାଉଛି ଯେ ବେଆଇନ୍ ଚାଲିଥିବା ଏହି ଡଙ୍ଗାରେ ପାଖାପାଖି ୨୦ ଯାତ୍ରୀ ଥିଲେ। ଡଙ୍ଗାରେ ଡିଜେଲ୍ ମଧ ରଖାଯାଇଥିଲା। ଏଥିରେ ମଧ ନିଆଁ ଲାଗିଛି ଏବଂ ଡଙ୍ଗା ବାଡ଼ରେ ଫର୍ଶି ଚାରିଜଣ ଜୀଅନ୍ତା ଜଳିଯାଇଥିଲେ ଯେଉଁମାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣାର ସୂଚନା ପରେ ମନେର ଥାନା ପୋଲିସ୍ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇ ଦେଇଛି।

# ଏମ୍‌କେସି ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାରିପଦା, ୦୬/୦୮ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପଦନ୍ନୋତି ପାଇ ସ୍ଥାନାନ୍ତରିତ ହୋଇଥିବା ତିନିଜଣ ଶିକ୍ଷୟିତ୍ରୀଙ୍କ ସମ୍ମାନାର୍ଥେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ବିଦାୟୀ ଶିକ୍ଷୟିତ୍ରୀ ବାସନ୍ତୀ ହାଁସଦାଃ, ଅନୁସ୍ମିତା ବାରିକ ଓ ନମିତା ଗିରି ପ୍ରମୁଖ ବିଦ୍ୟାଳୟ ସହ ଜଡିତ ସ୍ୱକୀୟ ସ୍ମୃତି ସମ୍ପର୍କରେ ଅଲୋକପାତ କରିଥିଲେ । ଶିକ୍ଷକ ଅମିତାଭ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅମୂଲ୍ୟ କୁମ୍ଭକାର ଓ ମନୋଜ କୁମାର ପରିଡା ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଅଲିଭା ପୋଥାଳ, ଗାୟତ୍ରୀ ପୃଷ୍ଟି ଓ ସୋନାଲି ପରିଡା ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀମାନେ ନିଜର ଗୁରୁମା ମାନଙ୍କର ସେମାନଙ୍କ ପ୍ରତି ପ୍ରଦତ୍ତ ସ୍ନେହଶ୍ରଦ୍ଧା ସ୍ମରଣ ପୂର୍ବକ ଭାବବିହ୍ୱଳିତ ହୋଇ ପଡିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀରୀ ଯୋଗ ଦେଇଥିଲେ ।

# ଡ. ଭାଗବତ ପ୍ରସାଦ ଦାସଙ୍କ 'ସାନ୍ତାଳୀ ଲୋକକଥା' ଲୋକାର୍ପିତ

ରେମୁଣା,୦୬/୦୮ (ନି.ପ୍ର): ସାହିତ୍ୟିକ ଡ. ଭଗବାନ ପ୍ରସାଦ ଦାସଙ୍କ ୧୦ମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନନୀୟ ଅତିଥି ମାନ୍ୟବର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା କରି ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବପର୍ବାଣି, ଭାଷା, ଲୋକଗୀତ, ଡଗଡମାଳି ତଥା ସାନ୍ତାଳୀ ଲୋକକଥା ସହଜ ସର, ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲାବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେକକୀୟ ଅଭିମତ ପ୍ରକାଶ କରିଥିଲାବେଳେ ଶିକ୍ଷକ ରାଧାରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ, ଶିକ୍ଷୟିତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର ବସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଦରଦାମ ବୃଦ୍ଧି ପ୍ରସଙ୍ଗରେ କଂଗ୍ରେସର ବିକ୍ଷୋଭ




ବାରିପଦା, ୦୬/୦୮ (ନି.ପ୍ର): ଏଆଇସିସି ଓ ପ୍ରଦେଶ କଂଗ୍ରେସ ସଭାପତିଙ୍କ ଆହ୍ୱାନ କ୍ରମେ ଆଜି ବାରିପଦା ଟ୍ରାଫିକ ଛକଠାରେ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ, ଖାଇବା ତେଲ ଓ ନିତ୍ୟ ବ୍ୟବହୃତ ଜିନିଷର ଅତ୍ୟଧିକ ମୂଲ୍ୟବୃଦ୍ଧି, ବେକାରୀ ସମସ୍ୟା ର ଉତ୍କଟ ବୃଦ୍ଧି, ଆଇନ ଶୃଙ୍ଖଳାର ଘୋର ଅବନତି ଓ ବିରୋଧୀ ଦଳଙ୍କ ପ୍ରତି ଆକ୍ରୋଶ ଓ ଦମନ ମୂଳକ ରାଜନୀତି କେନ୍ଦ୍ର ସରକାର ଚଳାଇଥିବାର ଅଭିଯୋଗ କରି ଏହା ବିରୁଦ୍ଧରେ ଗ୍ୟାସ ସିଲିଣ୍ଡର ଓ ମୁଢ଼ି ବସ୍ତା ରାସ୍ତା ଉପରେ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି କାର୍ଯ୍ୟ କରୁଥିବାର ଅଭିଯୋଗ କରି ମୁଢ଼ି, ଚୁଡ଼ା ଗୁଡ଼, ଚୂନା, ପେନସିଲ, ମାଛ, ମହୁ ଆଦି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଉପରେ ଜିଏସଟି ଲାଗୁ ହୋଇଥିବାରୁ ଏହାର ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା । ଏହି ଅବସର ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତଳିକା ଦାହ କରାଯିବା ପରେ ଜିଲ୍ଲାପାଳଙ୍କ ଅଫିସ ଆଡ଼କୁ ଶୋଭାଯାତ୍ରା ଅଗ୍ରସର ହେଉଥିବା ବେଳେ ପୋଲିସ ବହୁ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଗିରଫ କରିଥିଲା । କଂଗ୍ରେସର ଜିଲ୍ଲା ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ପିସିସି ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ପୂର୍ବତନ ସାଂସଦ ଶ୍ରୀମତୀ ଶୁଶିଳା ତିରିଆ, ବରିଷ୍ଠ ନେତା ବିଜନ ଦାସ, ଅଶୋକ ଅଧିକାରୀ, ଜ୍ୟୋତି ପ୍ରକାଶ ରଥ, ଅଜୟ ମହାପାତ୍ର, ଦୁର୍ଗା ଟୁଡୁ, ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ନିରୋଜ ଲୋଚନ ଦାସ, ଟାଉନ କଂଗ୍ରେସ ସଭାପତି ଶ୍ରୀ ଶାନ୍ତନୁ ପାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଓବିସି ସେଲ ସଭାପତି ଦିଲ୍ଲୀପ ନାଏକ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ମାଇନରିଟି ସେଲର ଅଧକ୍ଷ ଶେକ ରଖିମ, ଦୀପକ ଦାସ, ନାରାୟଣ ପଟ୍ଟନାୟକ, ଏସ କେ ମୁସ୍ତଫା, ଜିତ ରାୟ ବେହେରା, ହାଡିବନ୍ଧୁ ବେହେରା, ସ୍ୱାଗନ ଦାସ, ଶିବାନନ୍ଦ ଦାସ, ରତନ ଲାଲ ଶର୍ମା, ତାରାକାନ୍ତ ବେହେରା,ନିର୍ମଳ ପ୍ରଧାନ, ହରି ଶଙ୍କର ଦାସ, କାଳିଚରଣ ଧୀର, ଭିକି ସାମଲ, ଆରବ ପଣ୍ଡା, ଛୋଟୁରାମ ବିନ୍ଧାଣି, ରାଜ୍ୟ ମହିଳା ସଂପାଦିକା ସୁନନ୍ଦା ସାହୁ, ସୁନିତା ସାହୁ, ଇତିଶ୍ରୀ ମିଶ୍ର, ଶୁଭସ୍ମିତା ଦାସ, ରଶ୍ମିତା ମିଶ୍ର, ଇନ୍ଦୁମତି ମହାନ୍ତି, ଇନ୍ଦୁମତି ନାଏକ, ସଂଜିବ ମହାନ୍ତି, ଶାନ୍ତିଲତା ବେହେରା, ଅରୁଣ ସାହାଣୀ, କାର୍ତିକ ମହାନ୍ତ, ଲାଲ ମୋହନ ସିଂ, ଦେବେନ୍ଦ୍ର ସିଂ, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସମବାୟ ବ୍ୟାଙ୍କ ଜଳେଶ୍ୱର ଶାଖା କାର୍ଯ୍ୟାଳୟ ସ୍ଥାନ ପରିବର୍ତ୍ତନକୁ ବିରୋଧ

ଜଳେଶ୍ୱର, ୦୬/୦୮ (ନି.ପ୍ର): ଦୀର୍ଘ ୫୮ବର୍ଷ ଧରି ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଜଳେଶ୍ୱର ଶାଖାର କାର୍ଯ୍ୟାଳୟ ବଡବଜାରଠାରେ ସେବା ଦେଇ ଆସୁଛି । ଜଳେଶ୍ୱରରେ ସର୍ବପ୍ରଥମେ ବ୍ୟାଙ୍କ ସେବା ଏହି ବ୍ୟାଙ୍କ ଯୋଗାଇଥିବା ବେଳେ ଏହାର ୫୦ ହଜାର ଜମାକାରୀ, ୧୯ଟି ସେବା ସମବାୟ ସମିତିର ଚାଷୀ, କିଛି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଜଏଣ୍ଟ ଲାଏବିଲିଟି ଗ୍ରୁପ୍ (ଜେଏଲଜି) ଓ ଜଳେଶ୍ୱରର କେତେକ ବ୍ୟବସାୟୀ ଏହି ବ୍ୟାଙ୍କ ସହିତ ଜଡିତ ଥିବା ବେଳେ ଏବେ ହଠାତ୍ ଏହାର କାର୍ଯ୍ୟାଳୟ ପ୍ରାୟ ୨ କି.ମି ଦୂର ଏକ ସମବେଦନଶୀଳ ସ୍ଥାନକୁ ସ୍ଥାନାନ୍ତର ହେଉଥିବା ଜାଣି ବିରୋଧ କରିଛନ୍ତି । ବାଲେଶ୍ୱର, ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଜଳେଶ୍ୱର ଶାଖା ଗତ ୧୦-୬-୧୯୬୪ ମସିହାରୁ ଜଳେଶ୍ୱରରେ କାର୍ଯ୍ୟ କରି ଆସୁଛି । ବ୍ୟାଙ୍କଟି ସହରର ମଧ୍ୟବର୍ତ୍ତୀସ୍ଥାନ ବଡବଜାରରେ ଥିବାରୁ ବ୍ୟବସାୟ ଓ ସୁରକ୍ଷା ଦୃଷ୍ଟିରୁ ଏହା ଉତ୍ତମ ସ୍ଥାନ ରହିଥିଲା । କିନ୍ତୁ ଏବେ ଏହି ବ୍ୟାଙ୍କ କାର୍ଯ୍ୟାଳୟକୁ ଝାଡେଶ୍ୱରପୁର ମୌଜାକୁ ସ୍ଥାନାନ୍ତର କରିବାଲାଗି କର୍ତ୍ତୃପକ୍ଷ ସିଦ୍ଧାନ୍ତ ନେଇଥିବାରୁ ଜନଅସନ୍ତୋଷ ଦେଖା ଦେଇଛି । ପ୍ରକାଶଯୋଗ୍ୟ ସ୍ଥାନାନ୍ତର ହେଉଥିବା ସ୍ଥାନଟି ସମ୍ବେଦନଶୀଳ ଅଂଚଳ ଭାବେ ପରିଚିତ । ଏହା ବଜାରଠାରୁ ଦୂରରେ ହୋଇଥିବା ବେଳେ ସେହି ଅଂଚଳରେ ଅଧିକ ଅପରାଧିକ କାର୍ଯ୍ୟ ହୋଇଥାଏ । ତେଣୁ ସେଠାକୁ ବ୍ୟବସାୟୀ, ମହିଳା ଗ୍ରୁପ, ଚାଷୀମାନେ ଟଙ୍କା ଦେଣନେଣ ଲାଗି ଯିବାକୁ ଅମଙ୍ଗ ହେଉଛନ୍ତି । ଏ ସମ୍ପର୍କରେ କେତେକ ଜମାକାରୀ ଓ ହିତାଧିକାରୀ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରୁ ବ୍ୟାଙ୍କ ସ୍ଥାନାନ୍ତର ହେବା ସଂପର୍କରେ ସୂଚନା ଦେଇଥିଲେ । ଏ ଅଂଚଳର ସୁବ୍ରତ କୁମାର ବେରା, ଜୟନାରାୟଣ ରଣା, ରବିନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ନନ୍ଦି, କାଳିପଦା ପାତ୍ର, ରମାକାନ୍ତ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ଜଳେଶ୍ୱର ଶାଖା ବ୍ୟାଙ୍କ ସ୍ଥାନାନ୍ତର ନ କରିବାକୁ ଦାବି କରି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ଜିଲାପାଳ ଓ ସମବାୟ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo